ବର୍ଷ-୨୪, ସଂଖ୍ୟା-୧୫୮
ଭୁବନେଶ୍ୱର
୦୬ ଜୁଲାଇ, ୨୦୨୪ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 158
Bhubaneswar
06 July, 2024, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ସଚିବଙ୍କୁ ମନ୍ତ୍ର ଦେଲେ ମୋହନ

**ଭୁବନେଶ୍ୱର,୫।୭(ମହାଭାରତ):** ଗତକାଲି ନିଜ ମନ୍ତ୍ରୀମାନଙ୍କ ସହ ବୈଠକ କରି ଶାସନର ଗୁରୁମନ୍ତ୍ର ଦେଇଥିବାବେଳେ ଆଜି ସଚିବମାନଙ୍କୁ ଡାକି ନିଜ ସରକାରର ଆଭିମୁଖ୍ୟ ଜଣାଇଛନ୍ତି। ଆଉ ତାଙ୍କ ସରକାର ୨୪ ଘଣ୍ଟା ସାଧାରଣ ଲୋକଙ୍କ ପାଖରେ ଉତ୍ତରଦାୟୀ ବୋଲି କହିବା ସହ ତାଙ୍କ ଦଳ ଦେଇଥିବା ୨୧ଟି ଯାକ ନିର୍ବାଚନୀ ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅପରାହ୍ନରେ ଖାରବେଳ ଭବନଠାରେ ସବୁ ସଚିବମାନଙ୍କ ବୈଠକରେ ଯୋଗ ଦେଇ ନୂଆ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବା ସହିତ ନିର୍ବାଚନ ପ୍ରତିଶ୍ରୁତି ପାଳନ ପାଇଁ ବିଧିବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବା ଦିଗରେ ସରକାରଙ୍କ ଲକ୍ଷ୍ୟ ହାସଲ ଦିଗରେ ପ୍ରଶାସନିକ କଳର ସହଯୋଗ ସେ କାମନା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ଲୋକମାନଙ୍କ ପାଖରେ ୨୪ ଘଣ୍ଟା ଉତ୍ତରଦାୟୀ ଜନପ୍ରତିନିଧି ଭାବେ ଓ ସରକାର ଭାବେ ଲୋକଙ୍କ ଭିତରେ ରହିବାର ପ୍ରତିବଦ୍ଧତା ନେଇ କାମ କରୁଛୁ।ତେଣୁ ୨୧ଟି ପ୍ରମୁଖ ନିର୍ବାଚନ ପ୍ରତିଶ୍ରୁତିଗୁଡ଼ିକ କିପରି ଠିକ୍ ଭାବେ କାର୍ଯ୍ୟକାରୀ ହେବ, ତାହା ଗୁରୁଦାୟିତ୍ୱ ତେଣୁ ସେ ଦିଗରେ କାମ ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଉ ୧୨ ବର୍ଷ ମଧ୍ୟରେ ସ୍ୱତନ୍ତ୍ର ଓଡ଼ିଶାର ୧୦୦ ବର୍ଷ ପୂରଣ ହେବାକୁ ଯାଉଛି। ୨୦୪୭ରେ ମଧ୍ୟ ଦେଶର ସ୍ୱାଧୀନତାର ୧୦୦ ବର୍ଷ ପୂରଣ ହେବ। ତେଣୁ ଉଭୟ ଭିଜନକୁ ଦୃଷ୍ଟିରେ ରଖି ଆମକୁ ଓଡ଼ିଶା ପାଇଁ ଏକ ଭିଜନ-୨୦୩୬ ପ୍ରସ୍ତୁତ କରିବାକୁ ହେବ। ଗତ ୨୪ବର୍ଷ ମଧ୍ୟରେ ଯାହା ହୋଇପାରି ନାହିଁ, ତାକୁ ଏହି ୫ ବର୍ଷରେ କରିବାକୁ ପଡ଼ିବ। ଏହାର ସଫଳତା ପାଇଁ ଆମକୁ ଏହି ୫ ବର୍ଷରେ କଠିନ ପରିଶ୍ରମ କରି ଆମର ସବୁ ଲକ୍ଷ୍ୟକୁ ହାସଲ କରିବାକୁ ପଡ଼ିବ। ଏହାଦ୍ୱାରା ବିକଶିତ ଭାରତରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ



ଭାବେ ସୁନାମ ହାସଲ କରିପାରିବ ବୋଲି ସେ କହିଥିଲେ।

ସେହିପରି ଲୋକଙ୍କ ଅଭିଯୋଗ ଶୁଣାଣି ପ୍ରକ୍ରିୟାକୁ ଅଧିକ ଦକ୍ଷ ଓ ପ୍ରଭାବଶାଳୀ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଲୋକଙ୍କ ସରକାର ଭାବେ ମୋ ସରକାର କାମ କରିବା ମଧ୍ୟ ଆରମ୍ଭ କରିଦେଇଛି। ଲୋକ ଓ ସରକାରଙ୍କ ମଧ୍ୟରେ କୌଣସି ପ୍ରାଚୀର ରହିବା ଉଚିତ ନୁହେଁ। ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ଯେଉଁ ଭରସା ସୃଷ୍ଟି ହୋଇଛି, ସେ ଭରସା ଅତୁଟ ରହିବା ଦରକାର। ଲୋକମାନେ ଯେଉଁ ସମସ୍ୟା ନେଇ ଆମ ପାଖକୁ ଆସୁଛନ୍ତି, ତାହାର ସମାଧାନ ହେବା ଅତି ଜରୁରୀ। ଏଥିପାଇଁ ଟେକ୍ନୋଲୋଜି ସହିତ ଉପଯୁକ୍ତ ତଦାରଖ ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।ଓଡିଆ ଅସ୍ମିତା ପ୍ରସଙ୍ଗ ଉଠାଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରତ୍ୟେକ ବିଭାଗର କାର୍ଯ୍ୟକ୍ରମ ଯେପରି ଓଡ଼ିଆ ଭାଷାରେ ହୋଇପାରିବ, ସେଥିପାଇଁ ପଦକ୍ଷେପ ନେବାକୁ ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଏକାଧିକ ଲୋକପ୍ରିୟ ଯୋଜନା ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହିସବୁ ଯୋଜନାକୁ ତ୍ରୁଟିଶୂନ୍ୟ ଓ ପ୍ରଭାବୀ ଢଙ୍ଗରେ ଆଗେଇ ନେବା ପାଇଁ ସମର୍ପିତ ଓ ସକ୍ରିୟ ହୋଇ କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିକଶିତ ଓଡ଼ିଶା ନିର୍ମାଣ ପାଇଁ କାମ କରିବାର ସଂପୂର୍ଣ୍ଣ ସ୍ୱାଧୀନତା ଆପଣମାନଙ୍କର ଅଛି କିନ୍ତୁ ସମସ୍ତଙ୍କୁ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱର ସୀମା ଭିତରେ କାମ କରିବାକୁ ହେବ ପ୍ରତିଶୃତିକୁ ପାଳନ କରିବା ପାଇଁ ବଜେଟ ପରିମାଣ ଉପରେ ବିଚାର ବିମର୍ଶ କରନ୍ତୁ ଏବଂ ସେ ସବୁ ପ୍ରସଙ୍ଗରେ ଆଜିର ଦିନରେ କଣ ସ୍ଥିତି ଅଛି, ତା ଉପରେ ରିପୋର୍ଟ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଆମ ସରକାରର ରାଜନୈତିକ ଇଚ୍ଛା ଶକ୍ତି ଦୃଢ଼ ଅଛି। ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରିମଣ୍ଡଳର ସବୁ ସଦସ୍ୟ ସରକାରଙ୍କ କେନ୍ଦ୍ରବିନ୍ଦୁ। ନିର୍ଣ୍ଣୟ ପ୍ରକ୍ରିୟାରେ ସମସ୍ତଙ୍କ ଭାଗିଦାରୀ ଆମର ପ୍ରାଥମିକତା। ସବୁ ବିଭାଗର ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ତଳସ୍ତରର କର୍ମଚାରୀଟିଏ ମଧ୍ୟ ସରକାରଙ୍କ ସଫଳତା ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ। ଶାସକ ଦଳର ମତାମତ ସହିତ ବିରୋଧୀ ଦଳର ମତାମତକୁ ମଧ୍ୟ ଆମକୁ ଗୁରୁତ୍ୱର ସହ ନେବାକୁ ପଡ଼ିବ। ତୃଣମୂଳସ୍ତରରେ ଜନପ୍ରତିନିଧିମାନଙ୍କ ମତାମତ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସମସ୍ତେ ଏକ ଟିମ୍ ହୋଇ ଓଡ଼ିଶାର ବିକାଶର ଲକ୍ଷ୍ୟ ହାସଲ କରିବା ପାଇଁ କାମ କରିବାକୁ ପଡ଼ିବ। ଓଡ଼ିଶା ଏବେ ଦେଶର ଏକ ପ୍ରମୁଖ ବିକାଶଶୀଳ ରାଜ୍ୟ ଭାବେ ମୁଣ୍ଡ ଟେକିଛି । ରାଜ୍ୟକୁ ବିକାଶର ଶିଖରରେ ପହଞ୍ଚାଇବା ଲକ୍ଷ୍ୟରେ ଆମେ କାମ ଆରମ୍ଭ କରିଛୁ। ଶିକ୍ଷା, ସ୍ୱାସ୍ଥ୍ୟ, ଦୁର୍ନୀତି ବିରୋଧୀ ପରିବେଶ, ସାମାଜିକ ନ୍ୟାୟ, ଆର୍ଥିକ ପ୍ରଗତି, ଜନଜାତି କଲ୍ୟାଣ ଓ ଉତ୍ତରଦାୟୀ ପ୍ରଶାସନ ଯୋଗାଇ ଦେବା ପାଇଁ ଆମେ ବଦ୍ଧପରିକର। ବୈଠକରେ ମୁଖ୍ୟ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ନିକୁଞ୍ଜ ବିହାରୀ ଧଳ, ବିଭିନ୍ନ ବିଭାଗର ସଚିବମାନେ ଉପସ୍ଥିତ ଥିଲେ।

# ଆଜି ବସିବ ରତ୍ନଭଣ୍ଡାର ଯାଞ୍ଚ ପାଇଁ କମିଟି

**ଭୁବନେଶ୍ୱର,୫।୭(ମହାଭାରତ):** ରତ୍ନଭଣ୍ଡାର ଖୋଲିବା ନିମନ୍ତେ ଆସନ୍ତାକାଲି ଜଗନ୍ନାଥ ସମ୍ମିଳନୀ କକ୍ଷରେ ପ୍ରଥମ ବୈଠକ ବସିବ। ରତ୍ନଭଣ୍ଡାର ଖୋଲିବା ପରେ ଗଣତି ଓ ମଣତି ନେଇ ନିଷ୍ପତ୍ତି ହେବ। ଭିତର ଓ ବାହାର ରତ୍ନଭଣ୍ଡାରର ଗହଣାକୁ କାଢ଼ି ସୁରକ୍ଷାରେ ରଖିବା ବଡ଼ କାମ ୪୬ ବର୍ଷ ପରେ ଆମେ ଏ କାର୍ଯ୍ୟ କରିବାକୁ ଯାଉଛୁ ରତ୍ନ ଭଣ୍ଡାର ଖୋଲାଗଲା ପରେ ଏହାର ପ୍ରକୃତ କାମ ଆରମ୍ଭ ହେବ। ରତ୍ନ ଭଣ୍ଡାରରୁ ଅଳଙ୍କାର ଚିହ୍ନଟ ଓ ଗଣତିକୁ ଖୁବ୍‌ଶୀଘ୍ର ସାରିବାକୁ ପ୍ରାଧାନ୍ୟ ଦିଆଯିବ ବୋଲି କହିଛନ୍ତି ଜଷ୍ଟିସ୍ ବିଶ୍ୱନାଥ ରଥ। ଏବେ ନୂଆ ସରକାର ଆସିବା ପରେ ଉକ୍ତ କମିଟିକୁ ଭଙ୍ଗା ଯାଇ ୧୬ ଜଣିଆ ନୂଆ କମିଟି ଗଠିତ ହୋଇଛି।



ରତ୍ନଭଣ୍ଡାର ଯାଞ୍ଚ କମିଟି ଅଧକ୍ଷ ଭାବେ ଦାୟିତ୍ୱ ନେବା ପରେ ବେଶ୍ ଭାବବିହ୍ୱଳ ହୋଇ ପଡ଼ିଛନ୍ତି ଜଷ୍ଟିସ୍ ବିଶ୍ୱନାଥ ରଥ। ଓକିଲ ଭାବେ ଦୀର୍ଘ ବର୍ଷ ଧରି ଶ୍ରୀମନ୍ଦିର ମାମଲା କୋର୍ଟରେ ଲଢ଼ିଛି।ଏବେ ପୁଣି ମହାପ୍ରଭୁ ଜଗନ୍ନାଥଙ୍କ କାମ କରିବାର ସୁଯୋଗ ମିଳିଥିବାରୁ ଏହା ଏକ ସୌଭାଗ୍ୟଠୁ କମ୍ ନୁହେଁ ବୋଲି ସେ କହିଛନ୍ତି।

ଏକ ସାକ୍ଷାତକାରରେ ସେ କହିଛନ୍ତି, ଭଗବାନଙ୍କ ନିର୍ଦ୍ଦେଶରେ ସରକାର ନୋଟିଫିକେସନ୍ କରି କମିଟି ଗଠନ କରିଛନ୍ତି। ରତ୍ନଭଣ୍ଡାର ଖୋଲିବା ପରେ ଗଣତି ଓ ମଣତି କରାଯିବା ଆମ ପ୍ରଥମ ଦାୟିତ୍ୱ ଏ ସଂକ୍ରାନ୍ତରେ ଆଲୋଚନା ନିମନ୍ତେ ଆସନ୍ତାକାଲି ଜଗନ୍ନାଥ ସମ୍ମିଳନୀ କକ୍ଷରେ ପ୍ରଥମ ବୈଠକ ବସିବ।

୧୬ ଜଣ ଦକ୍ଷ ଓ ବିଜ୍ଞଙ୍କୁ ନେଇ ରାଜ୍ୟ ସରକାର ଏକ କମିଟି ଗଠନ କରିଥିବା ବେଳେ ଆସନ୍ତାକାଲି ବୈଠକରେ ସେମାନଙ୍କ ସହ ଆଲୋଚନା ହେବ। ଉକ୍ତ ବୈଠକରେ ରତ୍ନ ଭଣ୍ଡାର ଖୋଲାଯିବା ପ୍ରସଙ୍ଗରେ ସବିଶେଷ ଭାବେ ଆଲୋଚନା କରାଯିବ। କିପରି ରତ୍ନ ଭଣ୍ଡାର ଖୋଲାଯିବ, କଣ ପଦକ୍ଷେପ ନିଆଯିବ ତାକୁ ନେଇ ନିଷ୍ପତ୍ତି ହେବ ବୋଲି କହିଛନ୍ତି ଜଷ୍ଟିସ ରଥ।

ଏଥିସହ ସେ କହିଛନ୍ତି, ୪୬ ବର୍ଷ ପରେ ଆମେ ଏ କାର୍ଯ୍ୟ କରିବାକୁ ଯାଉଛୁ ୧୯୭୮ ମସିହା ପରେ ରତ୍ନ ଭଣ୍ଡାର ପୁଣି ଖୋଲିବାକୁ ଯାଉଛି, ତେଣୁ ମହାପ୍ରଭୁଙ୍କ ଆଶୀର୍ବାଦ ଆବଶ୍ୟକ କାମକୁ ସୁରୁଖୁରରେ ସମ୍ପାଦନ କରିବାକୁ ଯଥାସାଧ୍ୟ ପ୍ରଚେଷ୍ଟା କରିବୁ। ଏବେ ପ୍ରଶ୍ନ ରତ୍ନଭଣ୍ଡାର ଖୋଲିଲେ ଆଗ ମରାମତି ହେବ ନା ଆଗ ହେବ ଗଣତି ମଣତି ସେ ନେଇ କିନ୍ତୁ ଜଷ୍ଟିସ ରଥ ସ୍ପଷ୍ଟ କରି ନାହାନ୍ତି। ତାଙ୍କୁ ମିଳିଥିବା ନୋଟିଫିକେସନରେ ରତ୍ନ ଭଣ୍ଡାର ଖୋଲିବା ଓ ଗଣତି ସମ୍ପର୍କରେ ଉଲ୍ଲେଖ ଥିବା କହିଛନ୍ତି।ତେଣୁ ମରାମତି ସମ୍ପର୍କରେ କୌଣସି ଧାରଣା ନ ଥିବା କହିଛନ୍ତି ଜଷ୍ଟିସ୍ ରଥ। ଚାବି ମିଳିଥିବା ସମ୍ପର୍କରେ ଗଜପତି ଓ ମନ୍ଦିର କର୍ତ୍ତୃପକ୍ଷ ଅବଗତ କରିଛନ୍ତି। ବୈଠକ ପରେ କମିଟିର ନିଷ୍ପତ୍ତି ଅନୁସାରେ ଏସ୍‌ଓପି ପ୍ରସ୍ତୁତ କରାଯିବ ବୋଲି କହିଛନ୍ତି ଜଷ୍ଟିସ୍ ରଥ।ଉଲ୍ଲେଖଯୋଗ୍ୟ ଯେ , ହଜିଯାଇଥିବା ଚାବି ବଦଳରେ ଡୁପ୍ଲିକେଟ୍ ଚାବି ୨୦୧୮ ମସିହାରୁ ମିଳିଥିଲେ ବି ଏଥିରେ ରତ୍ନଭଣ୍ଡାର ତାଲା ଖୋଲୁଛି କି ନାହିଁ ତାର ପରୀକ୍ଷା ହୋଇନାହିଁ।ତେଣୁ ତାହା ରତ୍ନଭଣ୍ଡାର ଚାବି କି ନୁହେଁ, ରତ୍ନଭଣ୍ଡାର ଚାବି ହୋଇ ନଥିଲେ। ସେପରି ସ୍ଥଳେ ତାଲା କିଭଳି ଭଙ୍ଗାଯିବ ସେ ଉପରେ ବି ଜଗନ୍ନାଥପ୍ରେମୀଙ୍କ ନଜର ରହିଛି। ରତ୍ନ ଭଣ୍ଡାର ଖୋଲିବା ପ୍ରସଙ୍ଗରେ ଉଚ୍ଚସ୍ତରୀୟ କମିଟି ଗଠନ ପାଇଁ ଗତବର୍ଷ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ନବୀନ ସରକାର ଅମଳରେ ଜଷ୍ଟିସ୍ ଅରିଜିତ ପଶାୟତଙ୍କ ନେତୃତ୍ୱରେ ୧୨ ଜଣିଆ କମିଟି ଗଠନ କରାଯାଇଥିଲା।

# ଆସୁଛନ୍ତି ମହାମହିମ

**ଭୁବନେଶ୍ୱର,୫।୭(ମହାଭାରତ):** ଆସନ୍ତାକାଲି (ଶନିବାର) ଓଡିଶା ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଜୁଲାଇ ୬ରୁ ୯ ତାରିଖ ପର୍ଯ୍ୟନ୍ତ ୪ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି । ଓଡିଶା ଗସ୍ତ କାଳରେ ରାଷ୍ଟ୍ରପତି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ। ମିଳିଥିବା ସୂଚନା ଅନୁଯାୟର ରାଷ୍ଟ୍ରପତି ଜୁଲାଇ ୬ ତାରିଖ ଅର୍ଥାତ୍ ଶନିବାର ଓଡ଼ିଶାରେ ପହଂଚିବା ପରେ ଭୁବନେଶ୍ୱରରେ ଆୟୋଜିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ଶ୍ରାଦ୍ଧବାର୍ଷିକୀରେ ଯୋଗଦେବେ । ୭ ତାରିଖ ରାଷ୍ଟ୍ରପତି ପୁରୀ ଗସ୍ତ କରିବା ସହ ରଥଯାତ୍ରା ଦେଖିବେ। ଏହାପରେ ଜୁଲାଇ ୮ ତାରିଖ ଦିନ ଭୁବନେଶ୍ୱର ଫେରି ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫା ମଧ୍ୟ ପରିଦର୍ଶନ କରିବେ ମହାମହିମ ଦ୍ରୌପଦୀ ମୁର୍ମୁ



।ଏହାସହ ସେହିଦିନ ବିଭୂତି କାନୁନଗୋ କଲେଜ୍ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟସ୍ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିବେ ଏବଂ ଭୁବନେଶ୍ୱର ଉପକଣ୍ଠସ୍ଥ ହରିଡାମଡା ଗାଁରେ ବ୍ରହ୍ମ କୁମାରୀ ପକ୍ଷରୁ ନିର୍ମିତ ଡିଭାଇନ୍ ରିଟ୍ରିଟ୍ ସେଂଟରର ଉଦଘାଟନ କରିବେ। ଓଡିଶା ଗସ୍ତର ଶେଷ ଦିନ ଅର୍ଥାତ୍ ଜୁଲାଇ ୯ ତାରିଖରେ ରାଷ୍ଟ୍ରପତି ନାଇଜର ଭୁବନେଶ୍ୱରର ୧୩ତମ ସ୍ନାତକ ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ଓଡିଶା ଗସ୍ତ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

# ଏ ବର୍ଷ ରାଜ୍ୟରେ ଲାଗିବ ୫ କୋଟି ଗଛ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୭(ମହାଭାରତ): ଏ ବର୍ଷ ରାଜ୍ୟରେ ମୋଟ ୫ କୋଟି ଗଛ ଲଗାଇବା ପାଇଁ ଟାର୍ଗେଟ କରିଛି ବନ ବିଭାଗ। ଶିକ୍ଷାନୁଷ୍ଠାନ, ଘରୋଇ ଅନୁଷ୍ଠାନ, ଛାତ୍ରଛାତ୍ରୀ ଭଳି ସମସ୍ତଙ୍କୁ ବଣ୍ଟାଯିବ ଚାରା। ସମସ୍ତେ ଅତି କମ୍‌ରେ ଗୋଟିଏ ଗଛ ଲଗାଇବାକୁ ଅନୁରୋଧ କରାଯାଇଛି। ବୃକ୍ଷରୋପଣରେ ଓଡ଼ିଶା ହେବ ନମ୍ବର ଏକ। ଏଭଳି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ ଆହୁରି କହିଛନ୍ତି, ପୂର୍ବରୁ ୧୮ମାସର ଚାରା ଲଗା ଯାଉଥିବା ବେଳେ ଏ ବର୍ଷ ୩୦ ମାସିଆ ଚାରା ଦିଆଯିବ। ଗଛ ଲଗାଇବା ପରେ ଯେଉଁ ପଲିଥିନ ବାହାରିବ ତାକୁ ବି ବାୟ ବ୍ୟାକ କରିବେ ଓଡ଼ିଶା ସରକାର। ସେହିପରି ଜଙ୍ଗଲ ବିଭାଗ କେବଳ ୧୯ ଲକ୍ଷ ତାଳ ଗଛ ଲଗାଇବ । ତାଳ ଗଛ ହାତୀକୁ ଖାଦ୍ୟ ଦେବା ସହିତ ଓ ବଜ୍ରପାତରୁ ରକ୍ଷା ମିଳିବ। ଜଙ୍ଗଲ ଓ କୃଷି ବିଭାଗ ମିଶି ଏହି କାମ କରିବେ।



ରେକର୍ଡ କରିଛି ଓଡ଼ିଶା। 'ଏକ ପେଡ ମା କେ ନାମ' ହ୍ୟାଚ ଟ୍ୟାଗରେ ସାରା ଦେଶରେ ସବୁଠୁ ଅଧିକ ଗଛ ଲଗାଇବା ଫଟୋ ଅପଲୋଡ଼ ହୋଇଛି ଓଡ଼ିଶାରୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୱେବ ସାଇଟରୁ ଏ ତଥ୍ୟ ମିଳିଥିବା କହିଛନ୍ତି ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ସତ୍ୟବ୍ରତ ସାହୁ। ଏ ପର୍ଯ୍ୟନ୍ତ ୧ ଲକ୍ଷ ୪୫ ହଜାର ଗଛ ଲଗାଯାଇ ଫଟୋ ଅପଲୋଡ଼ ହୋଇଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଏଥିପାଇଁ ଲୋକଙ୍କୁ ଧନ୍ୟବାଦ ଦେଇଛନ୍ତି।ଆଜି ଡୁମଡୁମା ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଜ୍ୟସ୍ତରୀୟ ୭୫ତମ ବନ ମହୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ପିସିସିଏଫ ଦେବୀଦତ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ମୁଖ୍ୟମନ୍ତ୍ରୀ। ସେହିପରି ଜଙ୍ଗଲ ସୁରକ୍ଷାରେ ସବୁଠାରୁ ଭଲ କାମ କରିଥିବା ଜଙ୍ଗଲ ସୁରକ୍ଷା ସମିତିକୁ ବିଜୁ ପଟ୍ଟନାୟକ ପୁରସ୍କାର ସହ ୧ ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଥିଲା।

# ଅଗଷ୍ଟ ୧୧ରେ ନିଟ୍ ପିଜି

**ନୂଆଦିଲ୍ଲୀ,୫।୭(ଏଜେନ୍ସି):** ନିଟ୍ ପିଜି ୨୦୨୪ ପାଇଁ ଘୋଷଣା ହୋଇଛି। ନୂଆ ତାରିଖ ଅଗଷ୍ଟ ୧୧ରେ ଆୟୋଜିତ ହେବ। ଏହି ପରୀକ୍ଷା ନେସ୍‌ନାଲ୍ ବୋର୍ଡ ଅଫ୍ ଏକ୍‌ଜାମିନେସନ୍ସ ଇନ୍ ମେଡିକାଲ୍ ସାଇନ୍ସେସ୍ (ଏନବିଇଏମଏସ) ପକ୍ଷରୁ ଶୁକ୍ରବାର ନିଟ୍ ପିଜିର ନୂଆ ପରୀକ୍ଷା ତାରିଖ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଅଗଷ୍ଟ ୧୧ ତାରିଖରେ ୨ଟି ସିଫ୍ଟରେ ହେବ ପରୀକ୍ଷା। ଏସଓପି ଏବଂ ପେଟୋକଲଲର ସମୀକ୍ଷା ପରେ ନିଟ୍ ପିଜି ପରୀକ୍ଷାର ନୂଆ ତାରିଖ ଘୋଷଣା ହୋଇଛି।

# ନିର୍ବାଚନ ହାରିଲେ ଋଷି ସୁନକ

ଲଣ୍ଡନ,୫।୭(ମହାଭାରତ): ବ୍ରିଟେନ ସାଧାରଣ ନିର୍ବାଚନରେ ପରାଜିତ ହୋଇଛନ୍ତି ଭାରତୀୟ ବଂଶୋଦ୍ଭବ ଋଷି ସୁନକ। କଞ୍ଜରଭେଟିଭ ପାର୍ଟିର ଋଷି ସୁନକଙ୍କୁ ବିପୁଳ ବ୍ୟବଧାନରେ ହରାଇ ଲେବର ପାର୍ଟିର କେର ଷ୍ଟାରମର ହେବାକୁ ଯାଉଛନ୍ତି ବ୍ରିଟେନର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ। ସୁନକଙ୍କ ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହେବାର ସ୍ୱପ୍ନ, ସ୍ୱପ୍ନରେ ରହିଯାଇଛି।

ବ୍ରିଟେନର ରାଜା ଚାର୍ଲସ ତୃତୀୟ ବିଧିବଦ୍ଧ ଭାବେ ଲେବର ପାର୍ଟିର ନେତା କେର୍ ଷ୍ଟାରମରଙ୍କୁ ଦେଶର ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦେଇଛନ୍ତି। ବକିଂହାମ ପ୍ୟାଲେସକୁ ଯାଇ ଷ୍ଟାରମର ରାଜା ଚାର୍ଲସଙ୍କୁ ଭେଟିବା ପରେ ଏପରି ନିଯୁକ୍ତି ପାଇଛନ୍ତି।




ସାମ୍ନାକୁ ଆସିଥିବା ଫଟରେ ରାଜା ଚାର୍ଲସଙ୍କ ସହ ଷ୍ଟାରମର ହାତ ମିଳାଇ ବିଧିବଦ୍ଧ ଭାବେ ଦେଶର ଦାୟିତ୍ୱ ଆଣୁଛନ୍ତି। ବ୍ରିଟେନ ନିର୍ବାଚନରେ ଷ୍ଟାରମରଙ୍କ ଲେବର ପାର୍ଟିର ବିପୁଳ ବିଜୟ ହାସଲ କରିଥିଲା।

ଏହାପରେ କଞ୍ଜର୍ଭେଟିଭ ପାର୍ଟିର ନେତା ଋଷ ସୁନକ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏହାକୁ ରାଜା ଚାର୍ଲସ ତୃତୀୟ ଗ୍ରହଣ କରି ନେଇଥିଲେ। ଏହାପରେ ଷ୍ଟାରମରଙ୍କୁ ବ୍ରିଟେନର ନୂଆ। ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ମିଳିଛି। ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ପାଇବା ପରେ ରାଜା ଚାର୍ଲସ ତୃତୀୟ ଷ୍ଟାରମରଙ୍କୁ ନୂଆ ସରକାର ଗଠନ ପାଇଁ କହିଛନ୍ତି। ଏହାକୁ ସେ ଗ୍ରହଣ କରି ତାଙ୍କ ହାତକୁ କିସ୍ କରି ବିଧିବଦ୍ଧ ଭାବେ ସରକାର ଗଠନ କରିବାକୁ ସହମତ ପ୍ରକାଶ କରିଛନ୍ତି।ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ପାଇବା ପରେ ଷ୍ଟାରମର କହିଛନ୍ତି ଯେ ପରିବର୍ତ୍ତନ ଏହି ଠାରୁ ଆରମ୍ଭ ହୋଇଛି। ପ୍ରଥମେ ଦେଶ, ତା' ପରେ ପାର୍ଟି। ୧୦ ଡାଉନିଂ ଷ୍ଟ୍ରିଟ ସାମ୍ନାରେ ୬୧ ବର୍ଷୀୟ ଷ୍ଟାରମର କହିଛନ୍ତି, ପ୍ରଥମେ ଦେଶ, ଦ୍ୱିତୀୟରେ ପାର୍ଟି। ଏମିତି ହିଁ ଆମେ ସେବା କରିବୁ।

ଲୋକଙ୍କ ସେବା କରିବା ସୌଭାଗ୍ୟର ବିଷୟ। ଅପାଣମାନେ ଲେବର ପାର୍ଟିକୁ ଭୋଟ କରିଛନ୍ତି କି ନାହିଁ, ସେକଥା ମୁଁ ଜାଣନି। କିନ୍ତୁ ମୋ ସରକାର ଆପଣମାନଙ୍କ ସେବା କରିବ। ରାଜନୀତି ସବୁବେଳେ ଭଲ ଦିଗରେ ଯିବା ଦରକାର। ବ୍ରିଟେନରେ ୬୫୦ ଆସନ ବିଶିଷ୍ଟ ହାଉସ୍ ଅଫ୍ କମ୍ମନ୍ସ ପାଇଁ ମ୍ୟାଜିକ୍ ନମ୍ବର ହେଉଛି ୩୨୬। ଏଥିରୁ ଲେବର୍ ପାର୍ଟି ୪୧୦ ଆସନରେ ବିଜୟ ସହ ପୂର୍ଣ୍ଣ ବହୁମତ ପାଇଛି। ସେପଟେ ସୁନକଙ୍କ ପାର୍ଟିକୁ ୧୧୬ଟି ଆସନ ମିଳିଥିବା ବେଳେ ଅନ୍ୟାନ୍ୟ ଦଳ ୧୧୧ଟି ଆସନ ପାଇଛନ୍ତି।ତେବେ କଞ୍ଜରଭେଟିଭ ପାର୍ଟିର ୮ ଜଣ କ୍ୟାବିନେଟ ମନ୍ତ୍ରୀ ପରାସ୍ତ ହୋଇଛନ୍ତି। ସୁନକ କିନ୍ତୁ ଉତ୍ତର-ପୂର୍ବ ଇଂଲଣ୍ଡର ରିଚମୋଣ୍ଡ ଏବଂ ନର୍ଥାଲେରୋଟନ ଆସନ ବଜାୟ ରଖିବା ସହ ୪୭.୫% ଭୋଟ୍ ପାଇଛନ୍ତି।୪୪ ବର୍ଷୀୟ ଋଷି ସୁନକ ବ୍ରିଟେନର ପ୍ରଥମ ଭାରତୀୟ ବଂଶୋଦ୍ଭବ ପ୍ରଧାନମନ୍ତ୍ରୀ ହୋଇଥିଲେ। ସେ ମଧ୍ୟ ସମଗ୍ର ଏସିଆ। ମହାଦେଶରୁ ପ୍ରଥମ, ଯିଏକି ବ୍ରିଟେନରେ ପ୍ରଧାନମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ୨୦୨୨ରେ ଲିଜ୍ ଟ୍ରସ୍ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ ସୁନକ।ଏହା ପୂର୍ବରୁ ସେ ବୋରିସ ଜନସନଙ୍କ ସରକାରରେ ଦୁଇ ଥର କ୍ୟାବିନେଟ ମନ୍ତ୍ରୀ ଥିଲେ।

## ବଢ଼ିବ ବିଦ୍ୟାଳୟରେ ଉପସ୍ଥାନ

ଭୁବନେଶ୍ୱର,୫।୭(ମହାଭାରତ): ସ୍କୁଲ ଯିବାର ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର। ବିଦ୍ୟାଳୟରେ ଉପସ୍ଥାନ ବଢାଇବା ପାଇଁ ଆରମ୍ଭ ହେଲା ନିଆରା ବ୍ୟବସ୍ଥା। ୩୦ ଜିଲ୍ଲାର ୩୫ ହଜାର ୭୬ ଜଣ ଛାତ୍ରଛାତ୍ରୀ ପାଇବେ ଏହି ସୁବିଧା। ରାଜ୍ୟର ବିଭିନ୍ନ ଜିଲ୍ଲାରେ ସରକାରୀ ବିଦ୍ୟାଳୟ ଜନବସତିରୁ ବହୁ ଦୂର ଥିବାରୁ ଛାତ୍ରଛାତ୍ରୀମାନେ ଅଧାରେ ପାଠପଢା ଛାଡ଼ିଦିଅନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଶିକ୍ଷା ବିଭାଗ ଆରମ୍ଭ କରିଛି ନିଆରା ବ୍ୟବସ୍ଥା। ଉପସ୍ଥାନ ବାଇବା ପାଇଁ ସ୍କୁଲ ଯାତାୟତ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର। ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଯଦି ୧ କିଲୋମିଟରରୁ ଅଧିକ ଯିବାକୁ ପଡୁଥିବ ତେବେ ସେହି ଛାତ୍ରଛାତ୍ରୀ ଅର୍ଥରାଶି ପାଇବେ। ସେହିପରି ଉଚ୍ଚ ପ୍ରାଥମିକରେ ପାଠ ପଢୁଥିବା ଛାତ୍ରଛାତ୍ରୀ ୩ କିଲୋମିଟର ଓ ସେକେଣ୍ଡାରୀ ସ୍କୁଲର ଛାତ୍ରଛାତ୍ରୀ ୫ କିଲୋମିଟରରୁ ଅଧିକ ଦୂରତାର ବିଦ୍ୟାଳୟ ଯାଉଥିଲେ ସରକାର ବହନ କରିବେ ଯାତାୟତ ଖର୍ଚ୍ଚ। ଏହି ବାବଦକୁ ବର୍ଷକୁ ଜଣେ ଛାତ୍ର ୬ହଜାର ଟଙ୍କା ପାଇବେ। ବିଦ୍ୟାଳୟରେ ୭୫ ପ୍ରତିଶତରୁ ଅଧିକ ଉପସ୍ଥାନ ହେଲେ ଏହି ଅର୍ଥରାଶି ପାଇବାକୁ ଛାତ୍ରଛାତ୍ରୀ ଯୋଗ୍ୟ ହେବେ ବୋଲି କହିଛନ୍ତି ଓସେପା ଅଧିକାରୀ।

# ୨୨ରୁ ବିଧାନସଭା

**ଭୁବନେଶ୍ୱର,୫।୭(ମହାଭାରତ):** ଆସନ୍ତା ୨୨ତାରିଖରୁ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟରେ ଏହି ଅଧିବେଶନ ସେପ୍ଟେମ୍ବର ୧୩ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନରେ ମୋଟ ୨୭ଟି କାର୍ଯ୍ୟଦିବସ ଥିବାବେଳେ ଜୁଲାଇ ୨୫ ତାରିଖରେ ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ ହେବ ବୋଲି ଜଣାପଡ଼ିଛି। ମୋହନ ମାଝୀ ସରକାରଙ୍କର ଏହା ପ୍ରଥମ ବିଧାନସଭା ଅଧିବେଶନ।

ଆଜି ବିଧାନସଭା ସଚିବାଳୟ ପକ୍ଷରୁ ଜାରି କାର୍ଯ୍ୟସୂଚୀ ଅନୁସାରେ, ୨୨ତାରିଖରେ ଅଧିବେଶନ ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବ । ଏହାପରେ ୨୩ତାରିଖରେ ଉପବାଚସ୍ପତି ନିର୍ବାଚନ ଘୋଷଣା ଓ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବକୁ ନେଇ ୨ଦିନ ଧରି ଆଲୋଚନା ହେବ। ୨୪ ତାରିଖରେ ଉପବାଚସ୍ପତି ନିର୍ବାଚନ ଶେଷ ହେବ। ୨୫ତାରିଖରେ ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଅର୍ଥମନ୍ତ୍ରୀ ତଥା ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥାପିତ କରିବାର କାର୍ଯ୍ୟକ୍ରମ ରହିଛି।

ସେହିପରି ଜୁଲାଇ ୨୯ରୁ ୩୧ତାରିଖ ପର୍ଯ୍ୟନ୍ତ ବଜେଟ୍ ଉପରେ ସାଧାରଣ ଆଲୋଚନା ହେବ। ଅଗଷ୍ଟ ୧ରୁ ୧୯ତାରିଖ ପର୍ଯ୍ୟନ୍ତ ବିଧାନସଭା ଅଧିବେଶନ ବନ୍ଦ ରହିବ। ଦ୍ୱିତୀୟ ପର୍ଯ୍ୟାୟରେ ବିଧାନସଭାର ଅଧିବେଶନ ଅଗଷ୍ଟ ୨୦ରୁ ଆରମ୍ଭ ହୋଇ ବିଭାଗୀୟ ବଜେଟ୍ ଅନୁଦାନ ଉପରେ ଆଲୋଚନା ହେବ। ସେପ୍ଟେମ୍ବର ୧୦ତାରିଖରେ ୨୦୨୪-୨୫ ଆର୍ଥିକ ବର୍ଷର ବ୍ୟୟମଞ୍ଜୁରୀ ବିଲ୍ ଉପସ୍ଥାପିତ ହେବ ସେପ୍ଟେମ୍ବର

# ବାଘବଂଶ ବୃଦ୍ଧି ପାଇଁ ଯୋଜନା

## ଡେବ୍ରିଗଡ଼, ଶିମିଳିପାଳ ଅଭୟାରଣ୍ୟରେ ମହାବଳ ବାଘବଂଶ ବୃଦ୍ଧି ହେବ

ଭୁବନେଶ୍ୱର,୫।୭(ମହାଭାରତ.): ଓଡ଼ିଶାର ଅଭୟାରଣ୍ୟରେ ମହାବଳ ବାଘବଂଶ ବୃଦ୍ଧି ପାଇଁ ।ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଏଥି ପାଇଁ ବାହାର ରାଜ୍ୟରୁ ମହାବଳ ବାଘ ଆଣିବେ। ଏହାକୁ ରାଜ୍ୟର ୨ଟି ଅଭୟାରଣ୍ୟରେ ଛାଡ଼ିବେ। ବନ ବିଭାଗ ପକ୍ଷରୁ ଏନେଇ ସୂଚନା ମିଳିଛି।ସୂଚନା ଅନୁସାରେ ରାଜ୍ୟ ସରକାର ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରୁ ୫ଟି ମହାବଳ ବାଘ ଆଣିବାକୁ ଯୋଜନା କରିଛନ୍ତି। ସମ୍ବଲପୁର ଜିଲ୍ଲା ଡେବ୍ରିଗଡ଼ ଅଭୟାରଣ୍ୟ ପାଇଁ ୩ଟି ଓ ମୟୂରଭଂଜ ଜିଲ୍ଲା ଶିମିଳିପାଳ ଅଭୟାରଣ୍ୟ ପାଇଁ ୨ଟି ମହାବଳ ବାଘ ଆଣିବେ। ଆସନ୍ତା ଅକ୍ଟୋବର ମାସ ଶେଷ ସୁଦ୍ଧା ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରୁ ମହାବଳ ଆସିବେ।

ସୂଚନାଯୋଗ୍ୟ, ରାଜ୍ୟ ସରକାର ୨୦୨୩-୨୪ ପାଇଁ ବ୍ୟାଘ୍ର ଗଣନା କରିଥିଲେୟ ଗତ ଫେବ୍ରୁଆରି ମାସରେ ଏହାର ରିପୋର୍ଟ ପ୍ରକାଶ କରିଥିଲେ। ଏହି ରିପୋର୍ଟରେ କୁହାଯାଇଥିଲା ଯେ, ରାଜ୍ୟରେ ୩୦ଟି ବାଘ ଅଛନ୍ତି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷିତ ଅଭୟାରଣ୍ୟରେ ୨୭ଟି ବାଘ ଥିଲେ।ଏଥିରୁ ୧୪ଟି ମାଈ ଓ ୧୩ଟି ଅଣ୍ଡିରା। ସେହିପରି ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ, ପାରଳାଖେମୁଣ୍ଡି ବନ୍ୟପ୍ରାଣୀ ଡିଭିଜନ ଓ ଗ୍ରେଟର ଶିମିଳିପାଳ ଟାଇଗର ଲ୍ୟାଣ୍ଡସ୍କେପରେ ଗୋଟିଏ ଲେଖାଏଁ ବାଘ ଥିବା ରିପୋର୍ଟରେ କୁହାଯାଇଥିଲା।

# ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାୟକଙ୍କ ପରଲୋକ

କାକଟପୁର,୫।୭(ମହାଭାରତ): କାକଟପୁରର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାୟକଙ୍କର ପରଲୋକ ହୋଇଛି। ଭୁବନେଶ୍ୱର ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୯୩ ବର୍ଷ ବୟସ ହୋଇଥିଲା। ସେ କାକଟପୁର ନିର୍ବାଚନ ମଣ୍ଡଳୀରୁ ୭ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସୁରେନ୍ଦ୍ର ନାୟକ କୃଷି ଓ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଥିଲେ। ୧୯୭୭ ମସିହାରେ ଶ୍ରୀ ନାୟକ ଥିଲେ ବିଧାନସଭାର ଉପବାଚସ୍ପତି। ତାଙ୍କ ବିୟୋଗରେ ରାଜ୍ୟ ରାଜନୀତିରେ ଶୋକର ଛାୟା ଖେଳିଯାଇଛି।



ତାଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକପ୍ରକାଶ କରିଛନ୍ତି। ଆଜି ଗ୍ରାମ ଅସ୍ତରଙ୍ଗ ବ୍ଲକ ଅଣକଣାରେ ପହଞ୍ଚି ସେଠାରେ ଅନ୍ତିମ ସତ୍କାର କରାଯାଇଛି।

୧୯୬୦ ମସିହାରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧକ୍ଷ ଭାବେ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ ସୁରେନ୍ଦ୍ରନାଥ। ୧୯୭୧ରେ ସେ ପ୍ରଥମେ ଉତ୍କଳ କଂଗ୍ରେସ ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରେ ୧୯୭୭, ୧୯୮୫, ୧୯୯୦, ୧୯୯୫ ଉପନିର୍ବାଚନ, ୨୦୦୦ ଓ ୨୦୦୪ ନିର୍ବାଚନରେ ଜିତି ବିଧାନସଭାକୁ ଆସିଥିଲେ। ୧୯୭୭ରୁ ୧୯୮୦ ମସିହା ପର୍ଯ୍ୟନ୍ତ ସେ ବିଧାନସଭାର ଉପବାଚସ୍ପତି ଥିଲେ। ୧୯୯୦ରେ ବିଜୁବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ସେ ରାଜସ୍ୱ ଓ ଅବକାରୀ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୨୦୦୨ରୁ ୨୦୦୪ ପର୍ଯ୍ୟନ୍ତ ସେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଥିଲେ। ୨୦୦୪ରେ କୃଷି ମନ୍ତ୍ରୀ ହୋଇଥିଲେ। ୨୦୧୨ରେ ସେ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ହୋଇଥିଲେ। ଜରୁରୀକାଳୀନ ପରିସ୍ଥିତି ସମୟରେ ସେ କାରାବରଣ କରିଥିଲେ।

# ବିଜୟପାଲ ଓଡ଼ିଶା ପ୍ରଭାରୀ

## ଅପରାଜିତା ଓ ସମ୍ବିତଙ୍କୁ ଗୁରୁଦାୟିତ୍ୱ

ନୂଆଦିଲ୍ଲୀ,୫।୭: ବିଭିନ୍ନ ରାଜ୍ୟ ପାଇଁ ଆଜି ପ୍ରଭାରୀ ଓ ସହପ୍ରଭାରୀ ନିଯୁକ୍ତ କରିଛି ବିଜେପି। ବିଜୟପାଲ ସିଂ ତୋମାରଙ୍କୁ ଦଳ ଓଡ଼ିଶାର ପ୍ରଭାରୀ ଦାୟିତ୍ୱ ଦେଇଛି।ସେହିପରି ଲତା ଉସେଣ୍ଡିଙ୍କୁ ଓଡ଼ିଶାର ସହପ୍ରଭାରୀ ଦାୟିତ୍ୱ ଦିଆଯାଇଛି।

ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ନୂଆ। ଦାୟିତ୍ୱ ଦେଇଛି ଦଳ। ତାଙ୍କୁ କେରଳର ସହପ୍ରଭାରୀ ନିଯୁକ୍ତ କରାଯାଇଛି। ବରିଷ୍ଠ ବିଜେପି ନେତା ପ୍ରକାଶ ଜାଭଡ଼େକରଙ୍କୁ ଦଳ କେରଳର ପ୍ରଭାରୀ ନିଯୁକ୍ତ କରିଥିବା ବେଳେ ଅପରାଜିତାଙ୍କୁ ମିଳିଛି ସହପ୍ରଭାରୀ ଦାୟିତ୍ୱ। ସେହିପରି ପୁରୀ ସାଂସଦ ସମ୍ବିତ ପାତ୍ରଙ୍କୁ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ସଂଯୋଜକ ନିଯୁକ୍ତ କରାଯାଇଛି। ବି. ମୁରଲୀଧରନଙ୍କୁ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ସହ ସଂଯୋଜକ ଦାୟିତ୍ୱ ମିଳିଛି। ବରିଷ୍ଠ ନେତା ବିନୋଦ ତାୱଡ଼େଙ୍କୁ ଦଳ ବିହାରର ପ୍ରଭାରୀ ନିଯୁକ୍ତ କରିଥିବା ବେଳେ ଅନୀଲ ଆଣ୍ଟୋନୀଙ୍କୁ ମେଘାଳୟ ଓ ନାଗାଲାଣ୍ଡ, ବିଜୟ ରୂପାନୀଙ୍କୁ ପଞ୍ଜାବ, ଦୁଷ୍ୟନ୍ତ କୁମାର ଗୌତମଙ୍କୁ ଉତ୍ତରାଖଣ୍ଡ, ନୀତୀନ ନବୀନଙ୍କୁ ଛତିଶଗଡ଼, ଆଶିଷ ସୁଦଙ୍କୁ ଗୋଆ, ମନୀଷ ପୁନିଆଙ୍କୁ ହରିୟାଣା, ବିଧାୟକ ଶ୍ରୀକାନ୍ତ ଶର୍ମାଙ୍କୁ ହିମାଚଳ ପ୍ରଦେଶ, ସାଂସଦ ରାଧା ମୋହନ ଦାସଙ୍କୁ କର୍ଣ୍ଣାଟକା, ମହେନ୍ଦ୍ର ସିଂହଙ୍କୁ ମଧ୍ୟ ପ୍ରଦେଶ ଓ ଦେବେଶ କୁମାରଙ୍କୁ ମିଜୋରାମର ପ୍ରଭାରୀ ଦାୟିତ୍ୱ ଦିଆଯାଇଛି।

# ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଡାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



ଖବର

# ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ପୁଷ୍ପା ୨'କୁ ନେଇ ଆସିଲା ଖବର




ଆସିଲା 'ପୁଷ୍ପା ୨ ଦି ରୁଲ୍' କୁ ନେଇ ବଡ ଖବର। ଚଳିତ ବର୍ଷର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ମଧ୍ୟରୁ 'ପୁଷ୍ପା ୨' ଗୋଟିଏ। ପ୍ରଶଂସକ ଖୁବ୍ ଉତ୍କଣ୍ଠାର ସହ ଏହି ଫିଲ୍ମକୁ ଅପେକ୍ଷା କରିଛନ୍ତି। ଏହା ବର୍ଷ ଶେଷ ସୁଦ୍ଧା ରିଲିଜ୍ ହେବ ଏବଂ ବର୍ତ୍ତମାନ ଏହାର ସୁଟିଂର ଶେଷ ପର୍ଯ୍ୟାୟରେ। ଏକ ରିପୋର୍ଟରେ କୁହାଯାଇଛି, ଫିଲ୍ମର ସୁଟିଂ ଅଗଷ୍ଟ ୩୧ ସୁଦ୍ଧା ଶେଷ ହେବ ଏବଂ ଟିମ୍ କୁ ମାତ୍ର ୬୦ ଦିନ ମଧ୍ୟରେ ସୁଟିଂ ଶେଷ କରିବାକୁ ପଡିବ। ରିପୋର୍ଟରେ ଫିଲ୍ମ ସହ ଜଡିତ ଏକ ଟିମ୍ ଏହାର ଅନ୍ତିମ ସୁଟିଂ କାର୍ଯ୍ୟସୂଚୀ ବିଷୟରେ ସୂଚନା ଦେଇଛି ।ରିପୋର୍ଟରେ କୁହାଯାଇଛି ଟିମ୍ ଚାପରେ ରହିଛି।୨ ମାସର ସମୟ ସୀମା ମଧ୍ୟରେ ବହୁତ କିଛି କାମ ଶେଷ କରିବାକୁ ରହିଛି। ଫିଲ୍ମର ନିର୍ଦ୍ଦେଶକ ସୁକୁମାର କୌଣସି ଜିନିଷରେ ସାଲିସ୍ କରିବେ ନାହିଁ। ଦର୍ଶକଙ୍କୁ ଏକ ସୁନ୍ଦର ସିନେମା ଭେଟି ଦେବା ପାଇଁ ସଭିଏଁ ସମସ୍ତ ପଦକ୍ଷେପ ଗ୍ରହଣ କରିବା ସହ ସ୍ଥିର ହୋଇଥିବା ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଚାହୁଁଛନ୍ତି ।ପ୍ରାୟ ୫୦୦ କୋଟି ଟଙ୍କା ବଜେଟରେ 'ପୁଷ୍ପା ୨ ଦି ରୁଲ୍'କୁ ତିଆରି କରାଯାଉଛି ଏବଂ ଏହି ଚଳଚ୍ଚିତ୍ରରେ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ, ରଶ୍ମିକା ମନ୍ଦାନା ଓ ଫରଦ ଫାସିଲ ମୁଖ୍ୟ ଭୂମିକାରେ ନଜର ଆସିବେ। ଚଳିତ ବର୍ଷ ରିଲିଜ୍ ହେବାକୁ ଥିବା ଏହା ସବୁଠାରୁ ବଡ ଚଳଚ୍ଚିତ୍ର ବୋଲି କୁହାଯାଉଛି।

# ପୌରାଣିକ ଅଶ୍ୱ ଉଚ୍ଚୈଶ୍ରବା



ଉଚ୍ଚୈଶ୍ରବା ଏକ ପୌରାଣିକ ଅଶ୍ୱ । ସମୁଦ୍ର ମନ୍ଥନରୁ ଏହାର ଉତ୍ପତି ହୋଇଥିଲା। ପୌରାଣିକ ମାନ୍ୟତା ଅନୁଯାୟୀ, ଉଚ୍ଚୈଶ୍ରବା ଅଶ୍ୱର ୭ଟି ମୁଖ ଥିଲା। ଅସୁର ରାଜା ବଳି ଏବଂ ଦେବରାଜ ଇନ୍ଦ୍ର ଏହି ଅଶ୍ୱର ଅଧିକାରୀ ହୋଇଥିଲେ ବୋଲି ପୁରାଣରେ ଭିନ୍ନ ଭିନ୍ନ ବର୍ଣ୍ଣନା ରହିଛି। "ଉଚ୍ଚୈଶ୍ରବା"ର ଅର୍ଥ ହେଉଛି ଯାହାର ଯଶ ଉଚ୍ଚରେ, ଯାହାର କାନ ଉର୍ଦ୍ଧ୍ୱମୁଖୀ ଏବଂ ଯିଏ ଉଚ୍ଚ ସ୍ୱରରେ ଶୁଣିଥାଏ । ଉଚ୍ଚୈଶ୍ରବା ଅଶ୍ୱର ବର୍ଣ୍ଣ ଶ୍ୱେତ ଥିଲା। ପୁରାଣରେ ବର୍ଣ୍ଣିତ ୧୪ଟି ରତ୍ନ ମଧ୍ୟରୁ ଉଚ୍ଚୈଶ୍ରବା ଅନ୍ୟତମ ଥିଲା। ସମୁଦ୍ର ମନ୍ଥନ ସମୟରେ କ୍ଷୀର ସାଗରରୁ ଏହି ୧୪ଟି ରତ୍ନ ଉତ୍ପନ୍ନ ହୋଇଥିଲେ। ଅମୃତ ଦ୍ୱାରା ଉଚ୍ଚୈଶ୍ରବାର ପୋଷଣ ହୋଇଥିଲା। ସେ ଅଶ୍ୱମାନଙ୍କର ରାଜା । ସମୁଦ୍ର ମନ୍ଥନରୁ ଉଚ୍ଚୈଶ୍ରବା ଅଶ୍ୱ ବ୍ୟତୀତ ଦେବୀ ଲକ୍ଷ୍ମୀ ଏବଂ ଚନ୍ଦ୍ରମାଙ୍କ ଉତ୍ପତି ମଧ୍ୟ ହୋଇଥିଲା। ଲକ୍ଷ୍ମୀଙ୍କ ପରେ ଉଚ୍ଚୈଶ୍ରବା ଅଶ୍ୱର ଉତ୍ପତ୍ତି ହେଲା। ଉଚ୍ଚୈଶ୍ରବା ଅଶ୍ୱ ପରେ ସମୁଦ୍ର ଗର୍ଭରୁ କୌସ୍ତୁଭ ମଣି ବାହାରିଥିଲା। ଏହି ମଣି ଭଗବାନ ବିଷ୍ଣୁଙ୍କ ହୃଦୟରେ ଶୋଭା ପାଉଥିଲା। ଉଚ୍ଚୈଶ୍ରବା ବ୍ୟତୀତ ସମୁଦ୍ର ମନ୍ଥନରୁ ଐରାବତ ହାତୀର ମଧ୍ୟ ଉତ୍ପତ୍ତି ହୋଇଥିଲା। ଯାହାର ଅଧିକାରୀ ହୋଇଥିଲେ ଦେବରାଜ ଇନ୍ଦ୍ର ।

# ଶ୍ରୀଜଗନ୍ନାଥଙ୍କ ଚକ୍ର



ଶ୍ରୀଜଗନ୍ନାଥଙ୍କ ଚକ୍ର

ଜଗନ୍ନାଥଙ୍କୁ ଅନେକ ଚକ୍ରୀ ବୋଲି କୁହାଯାଏ। କାରଣ ସେ ସଦାସର୍ବଦା ଚକ୍ର ଧାରଣ କରିଥାନ୍ତି। ବାମନ ପୁରାଣରେ ବର୍ଣ୍ଣନା କରାଯାଇଛି ଯେ, ଦୁର୍ଦ୍ଧାନ୍ତ ଅସୁରମାନଙ୍କୁ ନିପାତ କରିବା ପାଇଁ ଏକ ବିଶେଷ ଶକ୍ତି ଦରକାର ବୋଲି ବିଷ୍ଣୁ ସବୁ ଦେବତାଙ୍କୁ ଜଣାଇଥିଲେ । ଫଳରେ ଦେବତାମାନେ ମିଶି ନିଜ ନିଜର ଶକ୍ତିଙ୍କୁ ଏକତ୍ରିତ କରି ଯେଉଁ ଆୟୁଧକୁ ସୃଷ୍ଟି କରିଥିଲେ ତାହାର ନାମ ଥିଲା ଚକ୍ରୀ। କିନ୍ତୁ ମତ୍ସ୍ୟ ପୁରାଣର ବର୍ଣ୍ଣନା ଅନୁସାରେ ସୂର୍ଯ୍ୟ ଦେବତା ନିଜର ତେଜ ଶକ୍ତିକୁ କିଛି ପ୍ରଶମିତ କରିବା ପାଇଁ ବିଷ୍ଣୁଙ୍କୁ ଆରାଧନା କରିଥିଲେ। ତେଣୁ ବିଷ୍ଣୁ ସୂର୍ଯ୍ୟଙ୍କର ତେଜକୁ କିଛି ପ୍ରଶମିତ କରିଥିଲେ। ସେଥିରୁ ଯେଉଁ ଶକ୍ତି ସୂର୍ଯ୍ୟ ବାହାର କରିଥିଲେ ତାକୁ ୩ ଭାଗରେ ବିଭକ୍ତ କରି ଗୋଟିଏ ଭାଗକୁ ସୁଦର୍ଶନ ଚକ୍ର କରି ବିଷ୍ଣୁଙ୍କୁ ଦେଲେ, ଆଉ ଗୋଟିଏ ଅଂଶକୁ ତ୍ରିଶୂଳ ରୂପ ଦେଇ ରୁଦ୍ରଙ୍କୁ ଏବଂ ଆଉ ଗୋଟିଏ ଅଂଶକୁ ବଜ୍ରରୂପ ଦେଇ ଇନ୍ଦ୍ରଙ୍କ ହାତରେ ଅର୍ପଣ କରିଥିଲେ। ତେଣୁ ଏହିଠାରୁ ସୁଦର୍ଶନ ଚକ୍ର ଆର୍ବିଭୂତ ହୋଇଥିଲା। ଏହି ଚକ୍ର, ବିଷ୍ଣୁଙ୍କ ନିର୍ଦ୍ଦେଶକୁ କେବେ ଅବମାନନା କରେ ନାହିଁ। ଏଥିରେ ସମସ୍ତ ପାପରାଶି, ଆସୁରିକ ପ୍ରକୃତି ଓ ସମସ୍ତ ବିଘ୍ନ ବିନାଶ ହୋଇଥାଏ। ଏହା ସର୍ବଶକ୍ତିମାନ ଆୟୁଧ ଯାହା ଜଗନ୍ନାଥଙ୍କ ବାମ ପାଖରେ ପୂଜା ପାଇଥାନ୍ତି। ଜଗନ୍ନାଥ ସଂସ୍କୃତି ଓ ପରମ୍ପରାରେ ସୁଦର୍ଶନ ଚକ୍ରର ବିଶେଷ ମହତ୍ତ୍ୱ ରହିଛି । ଏହା ଶ୍ରୀଜିଉଙ୍କ ଅବିଚ୍ଛେଦ୍ୟ ଅଂଶ ।

# ମହର୍ଷି ବଶିଷ୍ଠଙ୍କ ଉଦାରତା



ଦିଗବିଜୟ ପରେ ରାଜା କୌଶିକ ରାଜଧାନୀ ଅଭିମୁଖେ ଫେରୁଥିଲେ। ବାଟରେ ବ୍ରହ୍ମଜ୍ଞାନୀ ମହର୍ଷି ବଶିଷ୍ଠଙ୍କ ଆଶ୍ରମ ପଡ଼ିଲା। ଭାବିଲେ, ମହାମୁନିଙ୍କ ଦର୍ଶନ କରିଦେଇଯିବେ। ଆଶ୍ରମ ଦ୍ୱାର ଦେଶରେ ପହଞ୍ଚିବା ପରେ ବଶିଷ୍ଠ ତାଙ୍କୁ ଭିତରକୁ ଆସି ଅନ୍ନ ଗ୍ରହଣ କରିବା ଲାଗି ଅନୁରୋଧ କଲେ। କୌଶିକ କହିଲେ, ମୁଁ ଏକା ନାହିଁ । ମୋ ସହିତ ଲକ୍ଷ ଲକ୍ଷ ସୈନ୍ୟ ହାତୀ, ଘୋଡ଼ା ରହିଛନ୍ତି । ଆପଣଙ୍କୁ ଅସୁବିଧା ହେବ। ବଶିଷ୍ଠ କହିଲେ, କିଛି ଅସୁବିଧା ନାହିଁ ! ଆପଣ ଆସନ୍ତୁ। ବଶିଷ୍ଠଙ୍କ ନିକଟରେ ଗୋମାତା କାମଧେନୁଙ୍କ ବାଛୁରୀ ନନ୍ଦିନୀ ଥିଲେ। ସେ କୌଶିକଙ୍କ ସମସ୍ତ ସେନାବାହିନୀ ଓ ହାତୀଘୋଡ଼ା ପାଇଁ ଖାଦ୍ୟ ଯୋଗାଡ଼ କରିଦେଲେ। ଏହା ଦେଖି ରାଜା କୌଶିକ ଆଶ୍ଚର୍ଯ୍ୟ ହେଲେ। ଯିବା ବେଳେ ଋଷି ବଶିଷ୍ଠ ତାଙ୍କୁ ଉପହାର ଯାଚିଲେ। ରାଜା କହିଲେ, ଆପଣ ଯଦି କିଛି ଦେବାକୁ ଚାହୁଁଛନ୍ତି, ତା'ହେଲେ ମୋତେ ଏହି ନନ୍ଦିନୀ ଗୋମାତାଙ୍କୁ ଦିଅନ୍ତୁ। କିନ୍ତୁ ବଶିଷ୍ଠ କହିଲେ, ଆପଣ ରାଜା ! ଆପଣଙ୍କ ପାଖରେ ସମସ୍ତ ସମ୍ବଳ ରହିଛି। ମୁଁ ଋଷି ! ସବୁକିଛି ତ୍ୟାଗ କରି ସନ୍ନ୍ୟାସୀ ଜୀବନଯାପନ କରୁଛି। ତେଣୁ ମୋର ସମ୍ବଳ ହେଉଛନ୍ତି ଏହି ନନ୍ଦିନୀ ଗୋମାତା। ତେଣୁ ମୁଁ ଏହାଙ୍କୁ ଆପଣଙ୍କୁ ଦେଇପାରିବି ନାହିଁ । ତା'ଛଡ଼ା ଗୋମାତା ନନ୍ଦିନୀ ଆପଣଙ୍କ ରାଜ୍ୟରେ ରହିଲେ ହୁଏତ' ଅନ୍ୟ କେଉଁ ରାଜା ଆପଣଙ୍କ ରାଜ୍ୟ ଉପରେ ଆକ୍ରମଣ କରିପାରନ୍ତି। ବଶିଷ୍ଠ ଏପରି ଅନେକ ବୁଝାଇଲେ ସୁଦ୍ଧା କୌଶିକ ବୁଝିଲେ ନାହିଁ। ସେ ବଳପୂର୍ବକ ନନ୍ଦିନୀଙ୍କୁ ନେଇଯିବା ଲାଗି ପ୍ରୟାସ କଲେ। ହେଲେ ନନ୍ଦିନୀଙ୍କ ଶରୀରରୁ ଲକ୍ଷ ଲକ୍ଷ ସୈନ୍ୟ ବାହାରିଲେ। ସେମାନେ କୌଶିକଙ୍କ ସେନାବାହିନୀର ବିନାଶ କଲେ। କୌଶିକଙ୍କୁ ପରାଜିତ ହୋଇ ଫେରିଯିବାକୁ ପଡ଼ିଲା। ଏହି ଘଟଣା କୌଶିକଙ୍କ ମନରେ ଗଭୀର ରେଖାପାତ କଲା। ସେ ରାଜ୍ୟସିଂହାସନ ତ୍ୟାଗ କରି କଠୋର ତପସ୍ୟା କଲେ। ବଶିଷ୍ଠଙ୍କ ପରି ବ୍ରହ୍ମଜ୍ଞାନୀ ହେବା ଲାଗି ତାଙ୍କ ମନରେ ଇଚ୍ଛା ଜାଗ୍ରତ ହେଲା। ସିଦ୍ଧି ପ୍ରାପ୍ତ କରିବା ପରେ ସେ ପୁଣି ବଶିଷ୍ଠଙ୍କ ଆଶ୍ରମକୁ ଫେରିଲେ। ସେତେବେଳେ ସେ ବିଶ୍ୱାମିତ୍ରଙ୍କ ନାମରେ ପରିଚିତ ହୋଇସାରିଥିଲେ। ସିଦ୍ଧି ମିଳିଥିଲା କିନ୍ତୁ ଅହଂକାର ଯାଇନଥିଲା। ବଶିଷ୍ଠଙ୍କ ଆଶ୍ରମରୁ ପୁଣି ନନ୍ଦିନୀଙ୍କୁ ନେବା ଲାଗି ପ୍ରୟାସ କଲେ। ବଶିଷ୍ଠଙ୍କ ପୁତ୍ରମାନଙ୍କ ସହ ତାଙ୍କର ମୁହାଁମୁହିଁ ହେଲା। କୌଶିକ ସମସ୍ତଙ୍କୁ ହତ୍ୟା କଲେ। ବଶିଷ୍ଠ ଓ ତାଙ୍କ ପତ୍ନୀ ଜୀବନରେ ଦୁଃଖର କଳାବାଦଲ ଘୋଟି ଆସିଲା। ତଥାପି ଉଦାର, କ୍ଷମାଶୀଳ ବଶିଷ୍ଠ କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ। ବିଶ୍ୱାମିତ୍ରଙ୍କୁ ଏଥର ମଧ୍ୟ ଖାଲି ହାତରେ ଫେରିଯାଇଥିଲେ। କାରଣ ସେତେବେଳକୁ ଗୋ-ମାତା ନନ୍ଦିନୀ ସ୍ୱର୍ଗପୁରୀକୁ ଚାଲିଯାଇଥିଲେ। ଅନ୍ୟପଟେ ବିଶ୍ୱାମିତ୍ରଙ୍କ ଏହି କୃତକର୍ମକୁ ଦେବତା, ଋଷି-ମୁନି ସମସ୍ତେ ବିରୋଧ କଲେ। ବିଶ୍ୱାମିତ୍ରଙ୍କ ଚେତା ପଶିଲା। ଅହଂକାରବଶତଃ ମହର୍ଷି ବଶିଷ୍ଠଙ୍କର ସେ ଯେଉଁ କ୍ଷତି କରିଛନ୍ତି ତା'ର ପ୍ରାୟଶ୍ଚିତ କରିବା ଲାଗି ସେ ପୁଣିଥରେ ତପସ୍ୟା କରିବା ଲାଗି ନିଷ୍ପତ୍ତି ନେଲେ। ହଜାର ହଜାର ବର୍ଷ ପର୍ଯ୍ୟନ୍ତ କଠୋର ତପସ୍ୟା ଚାଲିଲା। ତାଙ୍କର ତପଶକ୍ତି ଏତେ ପ୍ରଖର ହୋଇଗଲା ତା'ର ପ୍ରଭାବ ତିନି ପୁରରେ ବ୍ୟାପିଗଲା। ଶେଷରେ ବିଶ୍ୱାମିତ୍ର ତପଭଙ୍ଗ କରି ମହର୍ଷି ବଶିଷ୍ଠଙ୍କୁ କ୍ଷମା ଯାଚନା କରିବା ଲାଗି ମନସ୍ଥ କଲେ। ତେଣୁ ସେ ବଶିଷ୍ଠ ମୁନିଙ୍କ ଆଶ୍ରମ ଅଭିମୁଖେ ଚାଲିଲେ । ସେଠାରେ ପହଞ୍ଚିବା ସମୟରେ ସନ୍ଧ୍ୟା ହୋଇସାରିଥିଲା। ଆଶ୍ରମରେ ମହର୍ଷି ବଶିଷ୍ଠ ଏବଂ ପତ୍ନୀ ଅରୁନ୍ଧତୀ ବସିଥିଲେ। ଅରୁନ୍ଧତୀ କହୁଥିଲେ, ସ୍ୱାମୀ ! ଆଜି ଆକାଶରେ ଚନ୍ଦ୍ରଙ୍କ ଆଲୋକ କେତେ ସୁନ୍ଦର ଦିଶୁଛି। ଘନ ଅନ୍ଧାର ରାତ୍ରୀ ଚନ୍ଦ୍ରଙ୍କ ଆଲୋକରେ ଆଲୋକିତ ହୋଇ ଉଠୁଛି। ଚତୁର୍ଦ୍ଦିଗ ପ୍ରକାଶମାନ ହୋଇଉଠୁଛି । ତାଙ୍କ କଥା ଶୁଣି ମହର୍ଷି ବଶିଷ୍ଠ କହିଲେ, ନା ଦେବୀ ! ପ୍ରକାଶ ଦେଖିବାର ଅଛି ତ' ମହର୍ଷି ବିଶ୍ୱାମିତ୍ରଙ୍କ ତପସ୍ୟାର ପ୍ରକାଶକୁ ଦେଖ। ଯାହା ଏବେ ତିନି ପୁରରେ ବ୍ୟାପିଯାଇଛି। ମହର୍ଷି ବଶିଷ୍ଠଙ୍କ ଉପମା ଶୁଣି ବିଶ୍ୱାମିତ୍ର ତୁରନ୍ତ ଯାଇ ତାଙ୍କ ପାଦ ତଳେ ପଡ଼ିଗଲେ। ସେ କରିଥିବା ପାପ ପାଇଁ ତାଙ୍କୁ କଠୋରରୁ କଠୋରତମ ଦଣ୍ଡ ଦେବା ଲାଗି ପ୍ରାର୍ଥନା କଲେ। ମହର୍ଷି ବଶିଷ୍ଠ କିନ୍ତୁ ତାଙ୍କୁ କ୍ଷମା ଦେଲେ। ଅନ୍ୟପଟେ ତପଶକ୍ତି ପାଇଁ ତାଙ୍କୁ ବ୍ରହ୍ମର୍ଷି ପଦବୀ ପ୍ରଦାନ କଲେ ।

# କଦଳୀ ନିୟମିତ ଖାଇବା କ୍ଷତିକାରକ !



କଦଳୀ ଏମିତି ଏକ ଫଳ ଯାହା ପ୍ରାୟ ଅଧିକାଂଶ ଲୋକଙ୍କୁ ପସନ୍ଦ। ସାରା ଦୁନିଆରେ ସର୍ବାଧିକ ଖିଆଯାଉଥିବା ଫଳ ହେଲା କଦଳୀ। କଦଳୀର ଅନେକ ସ୍ୱାସ୍ଥ୍ୟଗତ ଫାଇଦା ମଧ୍ୟ ରହିଛି। ଏହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ତାଛଡା ଶ୍ୱାସ ରୋଗ ଓ କ୍ୟାନସର ରୋଗୀଙ୍କ ପାଇଁ ମଧ୍ୟ ପ୍ରଭାବଶାଳୀ। କଦଳୀର ଅନେକ ଲାଭ ରହିଛି। ତେବେ କୌଣସି ବି ଜିନିଷ ଅଧିକ ମାତ୍ରାରେ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ। ସେହିଭଳି ଅଧିକ ମାତ୍ରାରେ କଦଳୀ ସେବନ ମଧ୍ୟ ଶରୀର ପାଇଁ ହାନିକାରକ ହୋଇଥାଏ। ଅଧିକ କଦଳୀ ସେବନ କରିବା ଦ୍ୱାରା ଓଜନ ବଢିଥାଏ। ଓଜନ ବଢିବା ଚିନ୍ତାଜନକ ବିଷୟ। ମୁଖ୍ୟତଃ ସନ୍ଧ୍ୟା ସମୟରେ କଦଳୀ ସେବନ କରିବା କିମ୍ବା ଅଧିକ ମାତ୍ରାରେ କଦଳୀ ସେବନ କଲେ ଶରୀରରେ ଏକ୍ସଟ୍ରା ଫ୍ୟାଟ ସୃଷ୍ଟି କରିଥାଏ ଯାହା ଶରୀର ପାଇଁ ହାନିକାରକ ପ୍ରମାଣିତ ହୋଇପାରେ। ଯଦି ଆପଣ ଓଜନ ବଢାଇବାକୁ ଚାହୁଁଛନ୍ତି ତାହେଲେ କଦଳୀ ସର୍ବୋତ୍ତମ। କଦଳୀରେ ପ୍ରାକୃତିକ ଶର୍କରା ବା ନାଚୁରାଲ ସୁଗାର ରହିଛି। ସେଥିପାଇଁ ଅଧିକ କଦଳୀ ସେବନ କ୍ଷତିକାରକ ହୋଇପାରେ। ମଧୁମେହ ରୋଗୀଙ୍କ ପାଇଁ ଏହା ଘାତକ ପ୍ରମାଣିତ ହୋଇପାରେ। ଶ୍ୱାସ ରୋଗୀ କଦଳୀ ସେବନ କରିବା ଅନୁଚିତ। ଯଦି ଆପଣ ଜିମରେ ବ୍ୟାୟମ କରୁଛନ୍ତି କିମ୍ବା ଦୌଡୁଛନ୍ତି ତେବେ ଦିନକୁ ୩-୪ କଦଳୀ ଆପଣଙ୍କ ପାଇଁ ସ୍ୱାସ୍ଥ୍ୟକର। କିନ୍ତୁ ଯଦି ଆପଣ କିଛି ୱାର୍କଆଉଟ କିମ୍ବା ବ୍ୟାୟାମ କରୁନାହାନ୍ତି ତାହେଲେ ଦିନକୁ ଗୋଟିଏ କିମ୍ବା ଦୁଇଟି କଦଳୀ ସେବନ କରିପାରିବେ।

### କୁଚିଣ୍ଡା ସମେତ ସମ୍ବଲପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# ଜନ ଅଧିକାରକୁ ପୂରା କରିବାର ଦାୟିତ୍ୱ ନେବା

**ଭୁବନେଶ୍ୱର, ୫।୭ (ମହାଭାରତ):** କୁଚିଣ୍ଡାବାସୀଙ୍କ ଅଧିକାର ପୂରା କରିବା ପାଇଁ ଦାୟିତ୍ୱ ନେବା । ଲୋକକଲ୍ୟାଣରେ ନିଜକୁ ଉତ୍ସର୍ଗ କରିବା । ପ୍ରଧାନମନ୍ତ୍ରୀ ଏବଂ ବିଜେପି ପ୍ରତି ଥିବା ଆସ୍ଥାକୁ ବଜାୟ ରଖିବା ପାଇଁ ଶୁକ୍ରବାର କୁଚିଣ୍ଡାରେ ଆୟୋଜିତ 'ବିଜୟ ସମ୍ବର୍ଦ୍ଧନା ଉତ୍ସବ'ରେ ଯୋଗଦେବା ଅବସରରେ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଏହି ଅବସରରେ ସେ କହିଛନ୍ତି ଯେ ଓଡ଼ିଶାରେ ବିଜେପିକୁ ଆଶୀର୍ବାଦ କରିଥିବାରୁ କୁଚିଣ୍ଡାର ଜନସାଧାରଣ ବିଶେଷତଃ ମାତୃଶକ୍ତି ଏବଂ ଯୁବଶକ୍ତିଙ୍କୁ ଧନ୍ୟବାଦ ଜଣାଉଛି । ସ୍ୱାଧୀନତା ପରେ କୁଚିଣ୍ଡା ଅଞ୍ଚଳର ଜନପ୍ରତିନିଧି ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ଭାବେ ଲୋକଙ୍କ ସେବା କରିବାର ଦାୟିତ୍ୱ ନେଇଛନ୍ତି, ଯାହା ଅଂଚଳ ପାଇଁ ଗୌରବର ବିଷୟ । ସେ ଆହୁରି କହିଛନ୍ତି ଯେ କୁଚିଣ୍ଡା ହେଉଛି ଏକ କୃଷି ପ୍ରାଧାନ୍ୟ ଅଂଚଳ । ଏହି ଅଂଚଳରେ ପାଣି ଅଭାବ ନାହିଁ । ଉର୍ବର ଜମିର ଅଭାବ ନାହିଁ । ଏଠାରେ ଧାନ, ବିଭିନ୍ନ ରକମର ପର୍ନିପର୍ବି, ଜଙ୍ଗଲଜାତ ଦ୍ରବ୍ୟ ଉତ୍ପାଦିତ ହେଉଛି । ଏଠାରେ ଉତ୍ପାଦିତ ହେଉଥିବା ଲଙ୍କାର ବିଶେଷ ଚାହିଦା ରହିଛି । ଏହାକୁ ବିଶ୍ୱ ବଜାରକୁ ନେବାକୁ ହେବ । କୃଷି ଶିଳ୍ପ ଭିତ୍ତିକ ଏକ କ୍ଲଷ୍ଟର କରିବାର ଯୋଜନା କରିବା । କୁଚିଣ୍ଡା ସବ୍-ଡିଭିଜନର ଗୌରବ ବଢ଼ାଇବା ପାଇଁ ଆମେ ସମସ୍ତେ କାର୍ଯ୍ୟକର୍ତ୍ତାମାନେ ନମ୍ରତାର ସହ ପରିଶ୍ରମ କରିବା । ଘରେ ଘରେ ରୋଜଗାରର ଦାୟିତ୍ୱ ନେବା । ଦାୟିତ୍ୱ ସମ୍ପନ୍ନତାର ସହ ନମ୍ରତା ବଜାୟ ରଖି ଅକଥନୀୟ ପରିଶ୍ରମ କରି ଲୋକକଲ୍ୟାଣ ପାଇଁ ସର୍ବସ୍ୱ ଉତ୍ସର୍ଗ କରିବା । କଳା, ସଂସ୍କୃତି, କ୍ରୀଡାରେ ପରିପୂର୍ଣ୍ଣ କୁଚିଣ୍ଡାର ସର୍ବାଙ୍ଗୀନ ବିକାଶ କରିବା ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।



ଏହା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ସମ୍ବଲପୁର ଏବଂ କୁଚିଣ୍ଡାରେ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ପୃଥକ ପୃଥକ ବୈଠକ କରିଥିଲେ । ବୈଠକରେ ବର୍ଷାରମ୍ଭ ସମୟରେ ପ୍ରଶାସନର ପ୍ରସ୍ତୁତି ସହ ବିଶୁଦ୍ଧ ପାନୀୟଜଳ, ସ୍ୱଚ୍ଛତାକୁ ଗୁରୁତ୍ୱ, ଡ୍ରେନେଜ ବ୍ୟବସ୍ଥା, ରାସ୍ତାଘାଟ, ରାସ୍ତାପାର୍ଶ୍ୱ ଆଲୋକୀକରଣ ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବା ଉପରେ ସମୀକ୍ଷା କରାଯାଇଥିଲା । ସମ୍ବଲପୁରକୁ ଅଧିକ ସ୍ୱଚ୍ଛ, ଆଧୁନିକ ଓ ବିକଶିତ ସହର କରିବା ପାଇଁ ଦୀର୍ଘମିଆଦୀ ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଛି ।

ସେହିପରି ଓଡ଼ିଶା ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ତଥା କୁଚିଣ୍ଡା ବିଧାୟକ ରବି ନାରାୟଣ ନାୟକଙ୍କ ଉପସ୍ଥିତିରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଆୟୋଜିତ ବୈଠକରେ ଆଲୋଚନା କରିଥିଲେ କେନ୍ଦ୍ରମନ୍ତ୍ରୀ । କୁଚିଣ୍ଡାରେ ପାନୀୟ ଜଳ, ରାସ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, ଜଙ୍ଗଲ, ଜଳସେଚନ, କୃଷି ଉତ୍ପାଦିତ ସାମଗ୍ରୀ ଉପରେ ଆଲୋଚନା ହୋଇଥିଲା । ଲୋକକଲ୍ୟାଣକୁ ଗୁରୁତ୍ୱ ଦେଇ ଲୋକଙ୍କ ହିତରେ କାମ କରିବା ପାଇଁ ସ୍ଥାନୀୟ ପ୍ରଶାସନକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ ।

## ରାଜଭବନରେ ଚାରା ରୋପଣ କଲେ ରାଜ୍ୟପାଳ



**ଭୁବନେଶ୍ୱର, ୫।୭ (ମହାଭାରତ):** ରାଜଭବନରେ ବନମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଆଜି ରାଜଭବନ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ ଚାରା ରୋପଣ କରିଛନ୍ତି । ରାଜ୍ୟପାଳ ଶ୍ରୀ ଦାସ ଚମ୍ପାଫୁଲ ଗଛର ଚାରା ରୋପଣ କରି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା "ଏକ ପେଡ୍ ମା କେ ନାମ୍" କାର୍ଯ୍ୟକ୍ରମକୁ ଆଧାର କରି ପ୍ରତ୍ୟେକ ବ୍ୟକ୍ତି ନିଜ ମା'ଙ୍କ ନାମରେ ଏକ ଚାରା ରୋପଣ କରି ଅଭିଯାନରେ ସାମିଲ୍ ହେବାକୁ ଆହ୍ୱାନ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ମୁଖ୍ୟ ଉପଦେଷ୍ଟା ସନ୍ତୋଷ କୁମାର ଶତପଥି, ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ଲେଖାନିୟନ୍ତ୍ରକ ଗୌତମ ଚୌଧୁରୀଙ୍କ ସମେତ ରାଜଭବନର ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ । ରାଜଭବନର ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ବସନ୍ତ କୁମାର ପାଢ଼ୀ ଉତ୍ସବ ପରିଚାଳନା କରିଥିଲେ ।

## ବିଜେପି ସରକାର ପ୍ରତିଶ୍ରୁତି ଅନୁଯାୟୀ କୃଷି ଓ କୃଷକଙ୍କ ସମସ୍ୟା ତୁରନ୍ତ ସମାଧାନ କରନ୍ତୁ : କିଷାନ କଂଗ୍ରେସ

**ଭୁବନେଶ୍ୱର,୫।୭ (ମହାଭାରତ):** ରାଜ୍ୟର କୃଷି ଓ କୃଷକମାନଙ୍କ ବିଭିନ୍ନ ସମସ୍ୟା ନେଇ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଯାଇଛି । ଏହି ବୈଠକରେ ବିଭିନ୍ନ ଜିଲ୍ଲାର କୃଷକନେତାମାନେ ସେମାନଙ୍କ ଜିଲ୍ଲାର ବିଭିନ୍ନ କୃଷି ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଘୋଷଣାନୁଯାୟୀ ଏପର୍ଯ୍ୟନ୍ତ ଏମ.ଏସ.ପି. ବୃଦ୍ଧି କରାଗଲା ନାହିଁ କି ଏମ.ଏସ.ପି.କୁ ଆଇନଗତ ଗ୍ୟାରେଣ୍ଟି ମିଳିଲା ନାହିଁ । ଚାଷୀଙ୍କଠାରୁ ଋଣ ଛାଡ଼ କରାଯାଉ ନାହିଁ । ରାଜ୍ୟର କୋଟାନୁଯାୟୀ ଅନେକ ସମୟରେ ଚାଷୀଙ୍କୁ ସାର ମିଳୁନାହିଁ । ବିଗତ ୧୦ବର୍ଷ ମଧ୍ୟରେ ମଧ୍ୟ ଚାଷୀର ଆୟ ଦ୍ୱିଗୁଣିତ ହୋଇନାହିଁ । ଫଳରେ ଓଡ଼ିଶାର ଚାଷୀ ପରିବାରର ମାସିକ ଆୟ ୫୧୧୨ଟଙ୍କା । ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଅଦ୍ୟାବଧି ଅନେକ ଫସଲକୁ ଅନ୍ତର୍ଭୁକ୍ତ କରାଯାଉନାହିଁ ଏବଂ ଠିକନା ସମୟରେ ଫସଲ ବୀମା କ୍ଷତି କ୍ଷତିପୂରଣ ମିଳୁନାହିଁ । ରାଜ୍ୟର ୭୫ ଲକ୍ଷ ଚାଷୀଙ୍କ ମଧ୍ୟରୁ ପିଏମ କିଷାନ ନିଧି ସମ୍ମାନରେ ଓଡ଼ିଶାର ମାତ୍ର ୩୧ ଲକ୍ଷ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାର ଚାଷ ଓ ଚାଷୀଙ୍କୁ ଦେଇଥିବା ପ୍ରତିଶ୍ରୁତି ତୁରନ୍ତ ପୂରଣ କରନ୍ତୁ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । କେନ୍ଦ୍ର ସରକାର ପି.ଏମ.କିଷାନ ନିଧି ସମ୍ମାନ ଯୋଜନାରେ ଓଡ଼ିଶାର ୭୫ ଲକ୍ଷ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା, ପ୍ରାକୃତିକ ବିପର୍ଯ୍ୟୟରେ ଫସଲ କ୍ଷୟ କ୍ଷତି ପାଇଁ ପ୍ରଚଳିତ ଥିବା କୃଷି ଇନପୁଟ ସହାୟତା ରାଶି ୩ ଗୁଣା ବୃଦ୍ଧି, ପ୍ରତି ରାଜସ୍ୱ ଗ୍ରାମକୁ ଏକକ ଫସଲବୀମା ୟୁନିଟ୍ ଭାବେ ଗ୍ରହଣ, ଧାନର ଏମ.ଏସ.ପି. ବୃଦ୍ଧି ଓ ଆଇନଗତ ମାନ୍ୟତା, ସମସ୍ତ ଫସଲକୁ ବୀମାଭୁକ୍ତ, ସମସ୍ତ ଚାଷୀଙ୍କଠାରୁ କୃଷିଋଣ ଛାଡ଼କରିବା ସହିତ ରାଜ୍ୟ ସରକାର ଏମ.ଏସ.ପି ୩୧୦୦ଟଙ୍କା ସୁନିଶ୍ଚିତ କରିବା ପାଇଁ ବଜେଟରେ ବ୍ୟବସ୍ଥା, ଶତ ପ୍ରତିଶତ ଜଳସେଚନ, ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଛାଡ଼, ପ୍ରତି ବ୍ଲକସ୍ତରରେ ଶୀତଳଭଣ୍ଡାର, ପ୍ରତି ପଞ୍ଚାୟତରେ ଗୋଦାମ ଘର ଓ ଗୋଶାଳା ପ୍ରତିଷ୍ଠା, ଉତ୍ପାଦିତ କୃଷିଜାତ ଦ୍ରବ୍ୟର ସୁ-ବିପଣନ ବ୍ୟବସ୍ଥା, ପାନ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ, ଅନିୟମିତ ଜଳବାୟୁ ପରିବର୍ତ୍ତନରେ କୃଷି କ୍ଷେତ୍ରରେ ପଡୁଥିବା ପ୍ରଭାବର ପ୍ରତିକାର ପାଇଁ ବ୍ୟାପକ ଭାବରେ ଚାଷୀଙ୍କ ମଧ୍ୟରେ ସଚେତନତା, ସମ୍ପ୍ରତି ପରିବା ଦର ଯେପରି ହୁ ହୁ ହୋଇ ବଢ଼ିଚାଲିଛି ।

## କଂଗ୍ରେସ ପକ୍ଷରୁ କମିଶନରେଟ ପୋଲିସ୍ ଅଫିସ୍ ଘେରାଉ

**ଭୁବନେଶ୍ୱର,୫।୭ (ମହାଭାରତ):** ଗତ ଜୁଲାଇ ୨ ତାରିଖରେ ବିଜେପି ଯୁବ ମୋର୍ଚ୍ଚାର କର୍ମୀମାନେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀତ ରାହୁଲ ଗାନ୍ଧୀଙ୍କର ପୋଷ୍ଟରକୁ ଗୋବର ଫିଙ୍ଗି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଯେଉଁଭଳି ଭାବରେ ଗୁଣ୍ଡାଗର୍ଦ୍ଦି କଲେ ତାର ପ୍ରତିବାଦରେ ପ୍ରଦେଶ ଛାତ୍ର କଂଗ୍ରେସ, ପ୍ରଦେଶ ଯୁବ କଂଗ୍ରେସ ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ମିଳିତ ଧାରଣା ଦିଆଯାଇଛି । ଏକ ବିଶାଳ ରାଲିରେ ଏଡିଏମଙ୍କ କାର୍ଯ୍ୟାଳୟ ଠାରୁ କଂଗ୍ରେସ, ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ, ମହିଳା କଂଗ୍ରେସର କର୍ମୀମାନେ ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଥିଲେ ଯେ ଧର୍ମନାମରେ ଭାରତୀୟ ଜନତାପାର୍ଟି ନିରୀହ ଜନତାଙ୍କୁ ଭୁଆଁ ବୁଲାଉଛନ୍ତି । ଲୋକସଭାରେ ଜନନାୟକ ରାହୁଲ ଗାନ୍ଧୀ ହିନ୍ଦୁ ଧର୍ମ ସମ୍ପର୍କରେ ଯେଉଁ ବକ୍ତବ୍ୟ ରଖିଲେ ତାହାକୁ ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦି ଏବଂ ଭାରତୀୟ ଜନତାପାର୍ଟି କଦର୍ଥ କରୁଛି । ରାହୁଲ ଗାନ୍ଧୀଙ୍କର ହିନ୍ଦୁ ଧର୍ମ ପ୍ରତି ଅସୀମ ସମ୍ମାନ, ଭକ୍ତି ଓ ଶ୍ରଦ୍ଧା ରହିଛି । ସେ ନିଜେ ଜଣେ ଶିବ ଭକ୍ତ । ମାତ୍ର ବିଜେପିର କଥାକଥିତ ନେତାମାନେ ଯେଉଁମାନେ ହିନ୍ଦୁ ଧର୍ମର ଠିକାଦାର ବୋଲି ନିଜକୁ ଦାବି କରୁଛନ୍ତି ସେମାନେ ହିନ୍ଦୁ ଧର୍ମର ଅମାପ କ୍ଷତି କରୁଛନ୍ତି ।

ପ୍ରଦେଶ କଂଗ୍ରେସ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଥିଲେ ଯେ ଭାରତୀୟ ଜନତାପାର୍ଟି ରାହୁଲ ଗାନ୍ଧୀଙ୍କର ଉତ୍ତୁଙ୍ଗ ନେତୃତ୍ୱ, ଦେଶଭକ୍ତି, ଦୁର୍ନୀତି ବିରୋଧି ସଂଗ୍ରାମ ଏବଂ ଦେଶର ଅଖଣ୍ଡତା ରକ୍ଷାପାଇଁ ଯେଉଁ ଆବେଗ ତାହାକୁ ବିଜେପି ଦଳ ସହ୍ୟ କରୁପାରୁ ନାହିଁ । ବିଜେପି ଓଡ଼ିଶାରେ କ୍ଷମାତାକୁ ଆସିବାର ମାସେ ହୋଇନାହିଁ, ହେଲେ ନିଜ ଦଳର ଅସଲ ଚରିତ୍ରର ପରିଚୟ ଦେଉଛନ୍ତି । ବିଜେପି ଦଳ ସମାଜରେ ଶାନ୍ତି ଚାହେଁ ନାହିଁ । ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଲେ ଯେ ବିଜେପି ଏକ ସ୍ୱତନ୍ତ୍ର ହିନ୍ଦୁ ଧର୍ମ ସୃଷ୍ଟି କରିବାପାଇଁ ଚେଷ୍ଟା କରୁଛି, ଯେଉଁଥିରେ ସନାତନ ଧର୍ମର ମୂଳମନ୍ତ୍ରକୁ ବିକୃତ କରାଯାଉଛି । ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଭାରତୀୟ ଜନତାପାର୍ଟିର ହିଟଲରୀ ବାଦକୁ ଦୃଢ଼ ନିନ୍ଦା କରିଥିଲେ ।

ପରିଶେଷରେ ଏକ ପ୍ରତିନିଧି ଦଳ ପୋଲିସ କମିଶନରଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ । ଦୋଷୀଙ୍କୁ ତୁରନ୍ତ ଗିରଫ କରି ଦଣ୍ଡବିଧାନ କରିବାପାଇଁ କଂଗ୍ରେସ ପକ୍ଷରୁ ଯେଉଁ ଦାବି କରାଯାଇଥିଲା ତାହାକୁ କାର୍ଯ୍ୟକାରି କରିବାପାଇଁ କମିଶନର ପ୍ରତିଶ୍ରୁତି ଦେଇଥିଲେ ।

### ସମବାୟ ବିଭାଗର କର୍ମଶାଳା ଅନୁଷ୍ଠିତ

## ରାଜ୍ୟର ବିକାଶରେ ଅଂଶୀଦାର ହେବାକୁ ଅଧିକାରୀ ମାନଙ୍କୁ ପରାମର୍ଶ

**ଭୁବନେଶ୍ୱର, ୫।୭ (ମହାଭାରତ):** ଓଡ଼ିଶା ରାଜ୍ୟ ସମବାୟ ବିଭାଗ ତରଫରୁ ଆଜି ପୂର୍ବାହ୍ନରେ କୃଷି ଭବନ ସମ୍ମିଳନୀ କକ୍ଷରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷଚାରାରେ ଜଳପ୍ରଦାନପୂର୍ବକ କର୍ମଶାଳାର ଶୁଭାରମ୍ଭ କରିଥିଲେ । ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଲେ ଯେ ରାଜ୍ୟ ସରକାର ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ କରିବା ପାଇଁ ସଂକଳ୍ପବଦ୍ଧ । ଏ ଦିଗରେ ସମବାୟ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ବିଭାଗର ପ୍ରତ୍ୟେକ କର୍ମଚାରୀ ଦଳଗତ ମନୋଭାବ ନେଇ କାର୍ଯ୍ୟକଲେ ରାଜ୍ୟରେ ବିକାଶର ଲକ୍ଷ୍ୟ ସହ ଲୋକମାନଙ୍କର ଆଶା-ଆକାଂକ୍ଷା ପୂରଣ ହୋଇପାରିବ । ଏହି ବିକାଶ ପ୍ରକ୍ରିୟାରେ ଅଂଶୀଦାର ହେବା ପାଇଁ ସେ ବିଭାଗର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ କହିବା ସହ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।



କର୍ମଶାଳାରେ ସମବାୟ ବିଭାଗ ଏବଂ ବିଭାଗ ଅଧିନସ୍ଥ ବିଭିନ୍ନ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀମାନେ ଆଗାମୀ ୧୦୦ ଦିନର କାର୍ଯ୍ୟପନ୍ଥା ସହ ଚଳିତ ବର୍ଷ ଏବଂ ଆସନ୍ତା ୫ ବର୍ଷର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ । ଶେଷରେ ବିଭାଗର କାର୍ଯ୍ୟକ୍ରମ ଉପରେ ଆସିଥିବା ବିଭିନ୍ନ ମତାମତକୁ ପ୍ରାଧାନ୍ୟ ଦେଇ ଏସବୁର କାର୍ଯ୍ୟାନ୍ୱୟନ ଉପରେ ଆଲୋଚନା ହୋଇଥିଲା ।

ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ବିଭାଗର କାର୍ଯ୍ୟକ୍ରମ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ । ସେ କହିଥିଲେ ଯେ ସମବାୟ ବିଭାଗ ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ, ଯାହା କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟ କରୁଛି । ଆମେ ଯେତିକି କାର୍ଯ୍ୟ କରୁଛୁ ତା'ଠାରୁ ଆହୁରି ଅଧିକ କାର୍ଯ୍ୟ କରିବା ପାଇଁ ଚେଷ୍ଟା କରିବା । ଆମେ ଯେତେ ଅଧିକ କାର୍ଯ୍ୟ କରିବା ସେତିକି ଅଧିକ ଚାଷୀମାନଙ୍କର ଉନ୍ନତି ହେବ ଏବଂ ଚାଷୀର ଉନ୍ନତି ହେଲେ ରାଜ୍ୟର ଉନ୍ନତି ସମ୍ଭବପର ହୋଇପାରିବ ।

କାର୍ଯ୍ୟକ୍ରମରେ ସମବାୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସନ୍ତୋଷ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଓଡ଼ିଶା ରାଜ୍ୟ କୃଷି ବିପଣନ ବୋର୍ଡର ସଦସ୍ୟ ସଚିବ ତଥା କୃଷି ବିପଣନ ନର୍ଦ୍ଦେଶକ ଏବଂ ସମବାୟ ମହାସମୀକ୍ଷକ ପ୍ରଭୁ କଲ୍ୟାଣ ପଟ୍ଟନାୟକ ଯୋଗଦେଇ ସମବାୟ ସମୀକ୍ଷା ନିର୍ଦ୍ଦେଶାଳୟର କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ମାର୍କଫେଡ୍ ର ଏମ୍‌ଡି ଲିଙ୍ଗରାଜ ପଣ୍ଡା ସଂସ୍ଥାର କାର୍ଯ୍ୟକ୍ରମ ସଂପର୍କରେ ସମ୍ୟକ ଧାରଣା ଦେଇଥିଲେ ।

## 'ଭାରତ ଭେଂଚର୍ସ' ପକ୍ଷରୁଗ୍ରାମୀଣ ଉଦ୍ୟୋଗୀଙ୍କୁ ସଶକ୍ତକରିବା ଦିଗରେ ୩୪୦ କୋଟି ଟଙ୍କାର ପାଣ୍ଠି ଗଠନ

**ଭୁବନେଶ୍ୱର,୫।୭ ):** ସୁଜୁକି ମୋଟର କଂପାନିର ସହାୟକ ସଂସ୍ଥା ନେକ୍ସଟ ଭାରତ ଭେଂଚର୍ସ ଆଇଏଫଏସସି ପ୍ରାଇଭେଟ ଲିମିଟେଡ ପକ୍ଷରୁ ୩୪୦ କୋଟି ଟଙ୍କାର ପାଣ୍ଠି ଗଠନ କରାଯାଇଥିବା ଘୋଷଣା କରାଯାଇଛି ଯାହା ଭାରତରେ ସାମାଜିକ ପ୍ରଭାବ ସୃଷ୍ଟିକାରୀ ଷ୍ଟାର୍ଟଅପଗୁଡ଼ିକର ଅଭିବୃଦ୍ଧି ତ୍ୱରାନ୍ୱିତ କରିବାରେ ସହାୟକ ହେବ । ଏହାହେଉଛି ଏକ ସାମାଜିକ ପ୍ରଭାବ ନିବେଶ ଫଣ୍ଡ ଯାହା ଦ୍ୱିତୀୟ ଶ୍ରେଣୀ ଏବଂ ତା'ଠାରୁ ତଳ ଭୌଗୋଳିକ ଅଂଚଳରେ ଥିବା ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବ । ପ୍ରଭାବଶାଳୀ ଉଦ୍ୟୋଗୀମାନଙ୍କୁ ସହଯୋଗ କରି ଭାରତର କୋଟି କୋଟି ଲୋକଙ୍କୁ ଶସକ୍ତ କରିବାକୁ "ନେକ୍ସଟ ଭାରତ" ଲକ୍ଷ୍ୟ ରଖିଛି ।

କମ୍ପାନିର ପ୍ରମୁଖ ଅଭିଯାନ ହେଉଛି "ନେକ୍ସଟ ଭାରତ ରେସିଡେନ୍ସି ପ୍ରୋଗ୍ରାମ" ଯେଉଁଥିରେ ପ୍ରଥମ ସୋପାନ ଉଦ୍ୟୋଗୀଙ୍କ ପାଇଁ ୪ ମାସିଆ ରେସିଡେନ୍ସି କାର୍ଯ୍ୟକ୍ରମ ରହିଛି । ସବୁ ପ୍ରକାର ଇମ୍ପାକ୍ଟ ଉଦ୍ୟୋଗୀଙ୍କ ପାଇଁ ରେସିଡେନ୍ସି ପ୍ରୋଗ୍ରାମରେ ଯୋଡ଼ିହେବାର ସୁଯୋଗ ଉନ୍ମୁକ୍ତ ହୋଇଛି । ହ୍ୱାଟସଆପ ଜରିଆରେ ଇମ୍ପାକ୍ଟ ଉଦ୍ୟୋଗୀମାନେ ଆବେଦନ କରିପାରିବେ । ଆବେଦନ କରିବାର ଶେଷ ତାରିଖ ହେଉଛି ୨୦୨୪ ଜୁଲାଇ ୩୧ ତାରିଖ ଏବଂ ଏହି କାର୍ଯ୍ୟକ୍ରମ ୨୦୨୪ ଅକ୍ଟୋବର ୧୪ରୁ ଆରମ୍ଭ ହେବ । ଯେଉଁମାନେ ଅଧିକ ପ୍ରଭାବ ସୃଷ୍ଟି କରିପାରିବେ, ସେହି ମାନଦଣ୍ଡ ଆଧାରରେ ଉଦ୍ୟୋଗୀଙ୍କୁ ଚୟନ କରାଯିବ ।

ରେସିଡେନ୍ସି ପ୍ରୋଗ୍ରାମ ଶେଷ ହେବା ପରେ ଚୟନ କରାଯାଇଥିବା ଷ୍ଟାର୍ଟଅପଗୁଡ଼ିକୁ ୧ କୋଟି ଟଙ୍କାରୁ ୫ କୋଟି ଟଙ୍କା ପର୍ଯ୍ୟନ୍ତର ଇକ୍ୱିଟି ନିବେଶ ପ୍ରଦାନ କରାଯିବ । ଏହା ପଛର ଉଦ୍ଦେଶ୍ୟ ହେଉଛି ସଂସ୍ଥାଗୁଡ଼ିକୁ ଆବଶ୍ୟକ ଜ୍ଞାନ, ନେଟୱର୍କ ଓ ସମ୍ବଳ ପ୍ରଦାନ କରିବା ଯଦ୍ୱାରା ସେମାନେ ବ୍ୟାପକ ହୋଇପାରିବେ ଏବଂ ଏକ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ରୂପାନ୍ତରୀତ ହୋଇପାରିବେ ।

## ଟୟୋଟା କିର୍ଲୋସ୍କର ସର୍ବୋଚ୍ଚ ମାସିକ ବିକ୍ରି ରେକର୍ଡ

**ଭୁବନେଶ୍ୱର,୫।୭ :** ଟୟୋଟା କିର୍ଲୋସ୍କର ମୋଟର(ଟିକେଏମ୍) ଏହାର ସୁଦୃଢ଼ ବିକ୍ରୟ ଧାରା ବଜାୟ ରଖିଛି । ଜୁନ୍ ୨୦୨୪ ରେ ୨୭,୪୭୪ ୟୁନିଟ ବିକ୍ରି କରି ୪୦% ଅଭିବୃଦ୍ଧି ରେକର୍ଡ କରିଛି । ଏଥିରେ ୧,୭୨୨ ୟୁନିଟ ରପ୍ତାନି ସହିତ ୨୫,୭୫୨ ୟୁନିଟ ଘରୋଇ ବିକ୍ରୟ ଅନ୍ତର୍ଭୁକ୍ତ । ମେ' ୨୦୨୩ ରେ, ଟିକେଏମ ୧୯,୬୦୮ ୟୁନିଟ ବିକ୍ରି କରିଥିଲା । ୪୭% ଅଭିବୃଦ୍ଧି ସହିତ ଗତ ବର୍ଷ ସମାନ ଅବଧି ତୁଳନାରେ କ୍ୟାଲେଣ୍ଡର ବର୍ଷର ପ୍ରଥମ ଛଅ ମାସରେ କମ୍ପାନୀ ସଫଳତା ହାସଲ କରିଛି । ଜାନୁଆରୀରୁ ଜୁନ୍ ୨୦୨୪ ମଧ୍ୟରେ, ଟିକେଏମ୍ ୧,୫୦,୨୫୦ ୟୁନିଟ ବିକ୍ରି କରିଥିଲା, ଯେତେବେଳେ କି ୨୦୨୩ର ସମାନ ଅବଧିରେ, ୧,୦୨,୩୭୧ ୟୁନିଟ ବିକ୍ରି କରିଥିଲା । ସୁଦୃଢ଼ ପ୍ରଦର୍ଶନ ଉପରେ ମନ୍ତବ୍ୟ ଦେଇ ଟୟୋଟା କିର୍ଲୋସ୍କର ମୋଟରର ବ୍ୟବହୃତ କାର ବ୍ୟବସାୟର ବିକ୍ରୟ-ସେବା ଉପସଭାପତି ସାବରୀ ମନୋହର କହିଲେ,ଆମର ଉତ୍ପାଦ ରଣନୀତି ଏବଂ ସମସ୍ତ ଟଚ ପଏଂଟଗୁଡିକରେ ଏକ ମନୋରମ ମାଲିକାନା ଅଭିଜ୍ଞତା ପ୍ରଦାନ ଉପରେ ଧ୍ୟାନ ଦେଇ ଆମେ ଏକ ନିରନ୍ତର ସୁଦୃଢ ଧାରା ବଜାୟ ରଖିଛୁ । ଜୁନ୍ ମାସରେ ଆମେ ଆମର ସର୍ବାଧିକ ମାସିକ ୨୭,୪୭୪ ୟୁନିଟ ବିକ୍ରୟ ହାସଲ କରିଥିଲୁ ଏବଂ କ୍ୟାଲେଣ୍ଡର ବର୍ଷ ପାଇଁ ସାମଗ୍ରିକ ୪୭% ଅଭିବୃଦ୍ଧି ଆମର ଶକ୍ତିଶାଳୀ ରଣନୀତିର ସଫଳତାକୁ ଦର୍ଶାଉଛି । ଆମର ନିକଟରେ ବଜାର ପ୍ରବେଶ ହୋଇଥିବା ଅର୍ବାନ କ୍ରୁଜର ଟାଇସରର ପୂର୍ବ ମାସ ତୁଳନାରେ ଅର୍ଡର ଗ୍ରହଣ ଦୁଇଗୁଣା ହେବା ସହିତ ଆଶାଠାରୁ ଅଧିକ ପ୍ରଦର୍ଶନ ଜାରି ରଖିଛି । ମଡେଲର ଲୋକପ୍ରିୟତା ବୃଦ୍ଧି ପାଇବା ସହିତ ଏସୟୁଭି ସେଗମେଂଟରେ ଟୟୋଟା ନିଜର ଉପସ୍ଥିତିକୁ ସାବ୍ୟସ୍ତ କରିଛି ।

## ଆରମ୍ଭ ହେଲା ଦିବ୍ୟ କଳା ମେଳା କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୫।୭ (ମହାଭାରତ):** କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ବି.ଏଲ. ବର୍ମାଙ୍କ ଦ୍ୱାରା ଆଜି ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟ ଠାରେ ଠାରେ ଦିବ୍ୟ କଳା ମେଳା ଓ ଦିବ୍ୟ କଳା ଶକ୍ତି କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି ।

ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଜାତୀୟ ଭିନ୍ନକ୍ଷମ ଅର୍ଥ ଓ ଉନ୍ନୟନ ନିଗମ (ଏନ୍ଏଚ୍ଏଫଡିସି) ସହଯୋଗରେ ଭୁବନେଶ୍ୱରରେ ଦିବ୍ୟାଙ୍ଗ ଉଦ୍ୟୋଗୀ, କାରିଗର ଓ ଶିଳ୍ପୀଙ୍କ ପ୍ରତିଭା ଓ କାରିଗରୀ କୌଶଳକୁ ସମ୍ମାନ ଜଣାଇ 'ଦିବ୍ୟ କଳା ମେଳା' ଆୟୋଜନ କରାଯାଉଛି । କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍)ରେ ଆଜି ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଜୁଲାଇ ୧୧ ପର୍ଯ୍ୟନ୍ତ ଚାଲିବ ।

କେନ୍ଦ୍ର ମନ୍ତ୍ରୀ ବି.ଏଲ୍ ବର୍ମା ତାଙ୍କ ଅଭିଭାଷଣରେ କହିଥିଲେ, ''ଆଜି ଆମେ 'ସାମର୍ଥ୍ୟ' ପ୍ରଦର୍ଶନ କରୁଛୁ । 'ଦିବ୍ୟ କଳା ମେଳା'ରେ ଅଂଶଗ୍ରହଣ କରୁଥିବା ଆମର ଦିବ୍ୟାଙ୍ଗ ଭାଇ ଭଉଣୀମାନେ ସେମାନଙ୍କର ଅନନ୍ୟ ଏବଂ ମୂଲ୍ୟବାନ ଦକ୍ଷତା, ପ୍ରତିଭା ଏବଂ ଉଦ୍ୟମିତା ଜରିଆରେ ସୀମାତୀତ ପ୍ରଦର୍ଶନ କରୁଛନ୍ତି । ଦିବ୍ୟ କଳା ଶକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ସଙ୍ଗୀତ, ନୃତ୍ୟ ଏବଂ ଅଭିବ୍ୟକ୍ତିରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କେବଳ ଆମର ମନୋରଞ୍ଜନ କରୁ ନାହିଁ ବରଂ ଆମକୁ ସେମାନଙ୍କର ଉତ୍ସାହ ଓ ସମର୍ପଣ ଦ୍ୱାରା ପ୍ରେରଣା ଦେଉଛି । ଆମର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦିବ୍ୟାଙ୍ଗ ଜନଙ୍କ ସହିତ ସର୍ବଦା ଭାବପ୍ରବଣପୂର୍ଣ୍ଣ ସମ୍ପର୍କ ରଖିଛନ୍ତି । ତାଙ୍କର ଲକ୍ଷ୍ୟ ହେଉଛି ଦେଶର ସାମଗ୍ରିକ ସଶକ୍ତୀକରଣ ପାଇଁ ସମାଜର ପ୍ରତ୍ୟେକ ବର୍ଗର ସଶକ୍ତୀକରଣ ଜରୁରୀ ବୋଲି ବିଶ୍ୱାସ କରି ସେମାନଙ୍କୁ ସଶକ୍ତ କରିବା । ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଅଧୀନରେ ଆମ ସରକାର ଦିବ୍ୟାଙ୍ଗଜନଙ୍କୁ ଉପକୃତ କରିବା ପାଇଁ ବିଭିନ୍ନ ଯୋଜନା ଆରମ୍ଭ କରିଛନ୍ତି'', ସେ କହିଥିଲେ ।

ଶ୍ରୀ ବର୍ମା କହିଥିଲେ, ''ପ୍ରଥମ ଥର ଓଡ଼ିଶାରେ, ପ୍ରଭୁ ଜଗନ୍ନାଥଙ୍କ ପବିତ୍ର ଭୂମିରେ ଆମେ ଏହି ଚମତ୍କାର ଦିବ୍ୟ କଳା ମେଳା ଓ ନିଯୁକ୍ତି ମେଳା ଆୟୋଜନ କରୁଛୁ । ସମାବେଶୀ ବିକାଶ ଓ ଏକ ସଶକ୍ତ ସମାଜ ଗଠନ କରିବା ଲାଗି ଏସବୁ ପ୍ରତିଭା ସମ୍ପନ୍ନ ଉଦ୍ୟୋଗୀଙ୍କୁ ସ୍ୱାଗତ କରିବା, ପ୍ରଶଂସା କରିବା ଓ ସମ୍ମାନିତ କରିବା ଆମର କର୍ତ୍ତବ୍ୟ ।''

ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଉପ ମହାନିର୍ଦ୍ଦେଶକ ଶ୍ରୀ କିଶୋର ବି. ସୁରୱଡ଼େ କହିଥିଲେ, ''ଆମର ଉଦ୍ଦେଶ୍ୟ ହେଉଛି ଏକ ସମାବେଶୀ ସମାଜ ଗଠନ କରିବା ଯେଉଁଠାରେ ଆମ ଦେଶର ଦିବ୍ୟାଙ୍ଗ ବ୍ୟକ୍ତିମାନେ ସେମାନଙ୍କ ବିକାଶ ପାଇଁ ସମାନ ସୁଯୋଗ ପାଇବେ, ସେମାନଙ୍କର ଶାରୀରିକ, ସାମାଜିକ, ଶିକ୍ଷାଗତ ଓ ଆର୍ଥିକ ସଶକ୍ତୀକରଣ ହୋଇପାରିବ, ଯାହା ଦ୍ୱାରା ସେମାନେ ଉତ୍ପାଦକ, ନିରାପଦ ଏବଂ ସମ୍ମାନଜନକ ଜୀବନ ଯାପନ କରିପାରିବେ ।''

ସୂଚନାଯୋଗ୍ୟ, ସାରା ଦେଶର ଦିବ୍ୟାଙ୍ଗ ଉଦ୍ୟୋଗୀ ଓ ଶିଳ୍ପୀଙ୍କ ପ୍ରତିଭା ଏବଂ କାରିଗରୀକୁ ପ୍ରଦର୍ଶିତ କରୁଥିବା ଏହା ଏକ ଅଭିନବ କାର୍ଯ୍ୟକ୍ରମ । ମେଳାରେ ପ୍ରାୟ ୧୯୦ ଜଣ ଦିବ୍ୟାଙ୍ଗ ଶିଳ୍ପୀ, କାରୀଗର ଓ ଉଦ୍ୟୋଗୀଙ୍କ ଦ୍ୱାରା ପ୍ରସ୍ତୁତ ଉତ୍କୃଷ୍ଟ ଉତ୍ପାଦ ଏହି ମେଳାରେ ପ୍ରଦର୍ଶିତ ହୋଇଛି ।

## ପିପିଏସ୍ ମୋଟର୍ସ ଭାରତରେ ୪୦,୦୦୦ ଫକ୍ସୱାଗନ ଯାନ ବିକ୍ରି କରିବାରେ ଦେଶର ପ୍ରଥମ

**ଭୁବନେଶ୍ୱର, ୫।୭ (ମହାଭାରତ):** ଦେଶର ଅନ୍ୟତମ ବୃହତ ଅଟୋମୋବାଇଲ ଗ୍ରୁପ୍ ର ଅଂଶ ପିପିଏସ୍ ମୋଟର୍ସ ଘୋଷଣା କରିଛି ଯେ ଏହା ୪୦,୦୦୦ ଫକ୍ସୱାଗନ୍ ଯାନ ବିକ୍ରି କରିବାର ମାଇଲଖୁଣ୍ଟରେ ପହଞ୍ଚିଛି ଏବଂ ଏଭଳି ରେକର୍ଡ କରିବାରେ ଏହା ଭାରତର ପ୍ରଥମ ବହୁ ରାଜ୍ୟଭିତିକ ଡିଲର୍ ହୋଇଛି । ପିପିଏସ ମୋଟର୍ସ ଭାରତରେ ଫକ୍ସୱାଗନ୍ ପାଇଁ ଟଚ୍ ପଏଣ୍ଟର ସର୍ବବୃହତ ନେଟୱାର୍କ ରଖିଛି ଯାହା ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ପଶ୍ଚିମବଙ୍ଗ ଓ ଆସାମରେ ରହିଛି । ମହାମାରୀ ପରେ ଅଟୋ ଶିଳ୍ପରେ ମାନ୍ଦାବସ୍ଥା ସତ୍ତ୍ୱେ ପିପିଏସ ମୋଟର୍ସ ୩୩ଟି ଟଚପଏଣ୍ଟକୁ ବୃଦ୍ଧି ପାଇ ଫକ୍ସୱାଗନର ସବୁଠାରୁ ବଡ ନେଟୱାର୍କ ପାର୍ଟନର ହୋଇଛି । ବର୍ତ୍ତମାନ ଭାରତରେ ବିକ୍ରି ହେଉଥିବା ପ୍ରତି ଦଶମ ଫକ୍ସୱାଗନ୍ ଯାନ ପିପିଏସ୍ ମୋଟର୍ସ ମାଧ୍ୟମରେ ବିକ୍ରି ହେଉଛି । ପିପିଏସ୍ ମୋଟର୍ସ-ଫକ୍ସୱାଗନ୍ ଟଚପଏଣ୍ଟ ପାଇଁ ୪.୮ର ଉଚ୍ଚ ଗୁଗୁଲ୍ ରେଟିଂ ଅସାଧାରଣ ସେବା ଗୁଣବତ୍ତା ଏବଂ ଗ୍ରାହକ ସନ୍ତୋଷକୁ ଦର୍ଶାଉଛି । ପିପିଏସ୍ ମୋଟର୍ସର ପରିଚାଳନା ନିର୍ଦ୍ଦେଶକ ରାଜୀବ ସାଙ୍ଘଭି କହିଛନ୍ତି ଯେ, "ଆମର ଦେଢ଼ ଦଶନ୍ଧିରୁ ଅଧିକ ସମୟର ଯାତ୍ରାରେ ଫକ୍ସୱାଗନ୍ ସହ ଭାଗିଦାରୀ କରି ଆମେ ଆନନ୍ଦିତ ଯାହା ଅତ୍ୟନ୍ତ ଫଳପ୍ରଦ ହୋଇଛି । ଆମେ ଆମର ଗ୍ରାହକମାନଙ୍କୁ ସେମାନଙ୍କ ବିଶ୍ୱାସ ଏବଂ ସମର୍ଥନ ପାଇଁ କୃତଜ୍ଞ ଏବଂ ଧନ୍ୟବାଦ ଜଣାଉଛୁ ଯାହା କାରଣରୁ ପିପିଏସ ମୋଟର୍ସ ୪୦,୦୦୦ କାର ବିକ୍ରିର ମାଇଲଖୁଣ୍ଟରେ ପହଞ୍ଚିବାରେ ସକ୍ଷମ ହୋଇଛି ।

# ଇଭିଏମ ଜାଲିଆତି ପ୍ରସଙ୍ଗ

କଂଗ୍ରେସ ଏବଂ ଏହାର ସହଯୋଗୀ ଦଳମାନେ ଯେତେବେଳେ ନିର୍ବାଚନରେ ପରାଜିତ ହେଉଛନ୍ତି, ସେତେବେଳେ ସେମାନେ ଇଭିଏମ ଜାଲିଆତି ପ୍ରସଙ୍ଗ ଉଠାଉଛନ୍ତି। କିନ୍ତୁ ସବୁ ନିର୍ବାଚନରେ ସବୁ ସ୍ଥାନରେ ବିଜେପି ଜିତୁଛି, ସେକଥା ନୁହେଁ। ଅନେକ ରାଜ୍ୟରେ ବିଧାନସଭା ନିର୍ବାଚନରେ କଂଗ୍ରେସ, ଟିଏମସି, ଆପ, ଡିଏମକେ ଭଳି ଦଳମାନେ ଜିତୁଛନ୍ତି। ଯଦି ବିଜେପି ଇଭିଏମ ଟାମ୍ପରିଂ କରି ନିର୍ବାଚନ ଜିତୁଛି, ତେବେ ଏଥର ନିର୍ବାଚନରେ ବିଜେପି କାହିଁକି ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ହାସଲ କରିପାରିଲା ନାହିଁ? କାହିଁକି ୟୁପି, ମହାରାଷ୍ଟ୍ରରେ ହାରିଲା? ଉଭୟ ରାଜ୍ୟରେ ମଧ୍ୟ ବିଜେପି ସରକାର କ୍ଷମତାରେ ରହିଛନ୍ତି। ଇଭିଏମ ଟାମ୍ପରିଂ ସମ୍ଭବ ନୁହେଁ ଏବଂ ଆଜି ପର୍ଯ୍ୟନ୍ତ କେହି ଏହକୁ ପ୍ରମାଣିତ କରିପାରିନାହାଁନ୍ତି, ଏହାକୁ ନିର୍ବାଚନ କମିଶନ ବାରମ୍ବାର କହିବା ସତ୍ତ୍ୱେ ଏହାକୁ ବିରୋଧୀ ମାନିବାକୁ ନାରାଜ। କଥାରେ ଅଛି ଚେଇଁ ଶୋଇଥିବ ଯିଏ, ତାକୁ ଉଠାଇବ କିଏ? ନିଜ ଦୋଷ ଦୁର୍ବଳତାକୁ ଘୋଡ଼ାଇବା ପାଇଁ ଅନ୍ୟକୁ ଦୋଷ ଦେବା କଂଗ୍ରେସର ପ୍ରକୃତି। ନିକଟରେ ଟେସଲା ମୁଖ୍ୟ ଏଲନ ମସ୍କ ଇଭିଏମ ଟାମ୍ପରିଂ କରାଯାଇପାରିବ ବୋଲି କହିବା ପରେ ଏହାକୁ ନେଇ ପୁଣି ବିବାଦ ଆରମ୍ଭ ହୋଇଛି। ମସ୍କଙ୍କ ଏଭଳି ଅଯଥା ଏବଂ ବିବାଦୀୟ ମନ୍ତବ୍ୟକୁ କଂଗ୍ରେସ ସ୍ୱାଗତ କରିଛି। ଏହା ସ୍ୱାଭାବିକ। କାରଣ ମସ୍କଙ୍କ ମନ୍ତବ୍ୟ କଂଗ୍ରେସକୁ ସୁହାଉଛି। ଇଭିଏମ ଟାମ୍ପରିଂ ହୋଇପାରିବ ଏକ ଭିନ୍ନ ମତ, କିନ୍ତୁ ଭାରତରେ ଇଭିଏମ ଟାମ୍ପରିଂ ହୋଇଛି ବୋଲି ସେ କହି ନାହାଁନ୍ତି। ମସ୍କଙ୍କ ମନ୍ତବ୍ୟକୁ ସମର୍ଥନ କରି ରାହୁଲ କହିଛନ୍ତି ଯେ, ଭାରତରେ ଇଭିଏମ ହେଉଛି ଏକ ବ୍ଲାକବକ୍ସ। ତାଙ୍କର ଏହି ମନ୍ତବ୍ୟ ଦୁର୍ଭାଗ୍ୟଜନକ। ସେ ଏଭଳି ମନ୍ତବ୍ୟ ଦେଇ ପ୍ରମାଣିତ କରିଛନ୍ତି ଯେ, ସେ ଭାରତର ପ୍ରଧାନମନ୍ତ୍ରୀ ହେବାକୁ ଯୋଗ୍ୟତା ହାସଲ କରି ନାହାଁନ୍ତି। ଗତ ଏପ୍ରିଲ ମାସରେ ଭିଭିପାଟ ଯାଞ୍ଚ ଦାବି କରି ଆଗତ ଏକାଧିକ ପିଟିସନକୁ ସୁପ୍ରିମକୋର୍ଟ ଖାରଜ କରିଥିଲେ। ଏହା ସହିତ ଇଭିଏମର ସ୍ୱଚ୍ଛତା ନେଇ ଯେଉଁସବୁ ପ୍ରଶ୍ନବାଚୀ ଏବଂ ସନ୍ଦେହ ସୃଷ୍ଟି ହୋଇଛି ତାହା ନିରାଧର ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହା ପୂର୍ବରୁ ଇଭିଏମ ପରିବର୍ତ୍ତେ ଦେଶରେ ପୁନର୍ବାର ପୁରୁଣା ବାଲଟ ପେପର ମାଧ୍ୟମରେ ଭୋଟିଂ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିସନକୁ କୋର୍ଟ ଖାରଜ କରିଥିଲେ। ଆଉ ପୁରୁଣା ବ୍ୟବସ୍ଥାକୁ ଯିବାର ଚିନ୍ତାଧାରାକୁ ସୁପ୍ରିମକୋର୍ଟ ନାପସନ୍ଦ କରିଛନ୍ତି। ଇଭିଏମ ଏକ ସମ୍ପୂର୍ଣ୍ଣ ସୁରକ୍ଷିତ ବ୍ୟବସ୍ଥା ଏବଂ ଏହା ଦ୍ୱାରା ନିର୍ବାଚନ ପରିଚାଳନା ସହଜ ଏବଂ ସରଳ ହୋଇଛି। ମତଦାନ ହାର ବଢ଼ିଛି, ଭୋଟ ନାକଚ ଶତ ପ୍ରତିଶତ ଦୂର ହୋଇଛି। ଭୋଟ ଗଣତି ଅତି ଶୀଘ୍ର ସମ୍ଭବ ହୋଇପାରିଛି। ଇଭିଏମ ଟାମ୍ପରିଂ ସନ୍ଦେହ ସମ୍ପୂର୍ଣ୍ଣ ନିରାଧାର ବୋଲି ବିଶେଷଜ୍ଞମାନେ କହିଛନ୍ତି। ଭାରତରେ ୯୭ କୋଟି ମତଦାତାଙ୍କ ଲାଗି ବାଲଟ ପେପର ବ୍ୟବସ୍ଥା କରିବା ଏବଂ ଏହାକୁ ଗଣତି କରିବା ଏକ କଷ୍ଟକର ଏବଂ ସମୟସାପେକ୍ଷ କାର୍ଯ୍ୟ। ୟୁରୋପର ଛୋଟ ଛୋଟ ଦେଶରେ ଏହା ସମ୍ଭବ। ଭାରତ ଭଳି ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ରରେ ଇଭିଏମର ଆବଶ୍ୟକତା ନିହାତି ଜରୁରୀ। ଡିଜିଟାଲ ଯୁଗରେ ବାଲଟ ପେପର ଗ୍ରହଣୀୟ ନୁହେଁ। ଯଦି ଇଭିଏମ ବଦଳରେ ବାଲଟ ପେପର ମାଧ୍ୟମରେ ଭୋଟ ଗ୍ରହଣ ହୁଏ ତେବେ ବ୍ୟାଙ୍କ ଏଟିଏମ ଏବଂ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ପ୍ରତ୍ୟାହାର କରିବା ଦାବି ଉଠିବ। ବ୍ୟାଙ୍କରେ ପୁଣି ଗ୍ରାହକ ଟଙ୍କା ଜମା ଏବଂ ଉଠାଇବାକୁ ଲମ୍ବା ଧାଡ଼ି ଦେବେ। ଏହା ଗ୍ରହଣୀୟ କି?

# ଝାରଖଣ୍ଡ ସରକାରଙ୍କ ଓଡ଼ିଆ ମାରଣ ନୀତି

**"**

*;ଏକଦା ଓଡ଼ିଆ ଝାଡ଼ଖଣ୍ଡର ଦ୍ୱିତୀୟ ସରକାରୀ ଭାଷା ଥିଲା। ରାଜନୈତିକ ଚକ୍ରାନ୍ତ କରି ତାହାକୁ ହଟାଇ ଦିଆଯାଇ ବାଂଲାକୁ ସେଠାରେ ଏବେ ଦ୍ୱିତୀୟ ସରକାରୀ ଭାଷାର ମର୍ଯ୍ୟାଦା ଦିଆଯାଇଛି। ବଙ୍ଗାଳୀ ଭାଷାଭାଷୀଙ୍କ ସଂଖ୍ୟା ଦୃଷ୍ଟିରୁ ବାଂଲାକୁ ସରକାରୀ ଭାଷାର ମାନ୍ୟତା ଦେବାରେ କିଛି ଅସୁବିଧା ନାହିଁ। କିନ୍ତୁ ଜନସଂଖ୍ୟା ଆଧାରରେ ଓଡ଼ିଆକୁ ଏହି ମର୍ଯ୍ୟାଦାରୁ ବଞ୍ଚିତ କରିବାର ଯଥାର୍ଥତା ବୁଝି ହେଉନାହିଁ।*

॥ ବାଦଲ ଭୂୟାଁ ॥

ଝାଡ଼ଖଣ୍ଡର ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷକ ତାଲିମ କାର୍ଯ୍ୟକ୍ରମରୁ ଓଡ଼ିଆ ଭାଷାକୁ ସମ୍ପୂର୍ଣ୍ଣ ହଟାଇ ଜାତୀୟ ଶିକ୍ଷା ପରିଷଦ ଯେଉଁ ବିଜ୍ଞପ୍ତି ପ୍ରକାଶ କରିଛି, ତାହା ଅଭିସନ୍ଧିମୂଳକ ଓ ନିନ୍ଦନୀୟ। ଏହି ବିଜ୍ଞପ୍ତିରେ ସଂସ୍କୃତ, ବାଂଲା, ଉର୍ଦ୍ଦୁ, ହୋ, ନାଗପୁରୀ, ମୁଣ୍ଡାରୀ, ଖଡ଼ିଆ, ସାନ୍ତାଳୀ ଓ କୁଦମାଳି ଆଦି ଭାଷା ସ୍ଥାନ ପାଇଥିବାବେଳେ ଓଡ଼ିଆ ଭାଷାକୁ ରହସ୍ୟଜନକ ଭାବେ ବାଦ ଦିଆଯାଇଛି। ଓଡ଼ିଆ ସ୍ଥାନରେ ହିନ୍ଦୀକୁ ପ୍ରଚଳନ କରାଯିବାର ପ୍ରୟାସ ଏହା ମାଧମରେ ରୀତିମତ ହୋଇଥିବାବେଳେ ଓଡ଼ିଶାର ଏହି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ମାରଣ ଷଡ଼ଯନ୍ତ୍ରର ଆଉ ଏକ ପର୍ଯ୍ୟାୟ ଆରମ୍ଭ ହୋଇଛି। ଏବେ ପ୍ରାଥମିକସ୍ତରରେ ତାଲିମପ୍ରାପ୍ତ ଓଡ଼ିଆ ଶିକ୍ଷକଙ୍କ ଅଭାବରୁ ପୂର୍ବ ଓ ପଶ୍ଚିମ ସିଂହଭୂମ ଷଢ଼େଇକଳା, ଖରସୁଆଁ ଜିଲ୍ଲାରେ ଆଉ ଓଡ଼ିଆ ପିଲାଏ ନିଜ ମାତୃଭାଷାରେ ପାଠ ପଢ଼ିବାର ସୁଯୋଗ ପାଇବେ ନାହିଁ। ଏହି ତିନିଟି ସୀମାନ୍ତ ଜିଲ୍ଲାରେ ବହୁ ଓଡ଼ିଆ ବସବାସ କରନ୍ତି। ତିନି ଜିଲ୍ଲାରୁ ମୋଟ ଜନସଂଖ୍ୟାର ୩୩.୪୯ ପ୍ରତିଶତ ଓଡ଼ିଆ ବୋଲି ୨୦୧୧ ଜନଗଣନାରୁ ଜଣାପଡ଼େ। ସେଥିରୁ ସର୍ବାଧିକ ପ୍ରାୟ ୧୯ ଶତାଂଶ ପଶ୍ଚିମ ସିଂହଭୂମ ଜିଲ୍ଲାରେ ବସବାସ କରନ୍ତି। ଆହୁରି ମଧ୍ୟ ଷଢ଼େଇକଳା ଖରସୁଆଁ ଜିଲ୍ଲାର ପଶ୍ଚିମାଞ୍ଚଳରେ ଓଡ଼ିଆ ମୁଖ୍ୟ ଭାଷା। ପୂର୍ବ ସିଂହଭୂମରେ ପ୍ରାୟ ୧୦ ଭାଗ ଲୋକଙ୍କ ମାତୃଭାଷା ଓଡ଼ିଆ ହୋଇଥିବାବେଳେ ପଶ୍ଚିମ ସିଂହଭୂମରେ ଏହି ସଂଖ୍ୟା ଛ'ଶତାଂଶ ଉପରେ। ଏବେ ତାଲିମପ୍ରାପ୍ତ ଶିକ୍ଷକଙ୍କ ଅଭାବରୁ ଓଡ଼ିଆ ପିଲାମାନେ ନିଜ ମାତୃଭାଷାରେ ପଢ଼ିବାର ସୁଯୋଗ ପାଇବେ ନାହିଁ ଏବଂ ସେମାନେ ହିନ୍ଦୀ କିମ୍ବା ଅନ୍ୟ ଭାଷା ପଢ଼ିବାକୁ ବାଧ ହେବେ। ଶିକ୍ଷାନୀତି ଅନୁସାରେ ବିଚ୍ଛିନ୍ନାଞ୍ଚଳରେ ବିଶେଷକରି ଗୋଟିଏ ରାଜ୍ୟର ଭାଷାଗତ ସଂଖ୍ୟାଲଘୁଙ୍କୁ ମାତୃଭାଷାରେ ଶିକ୍ଷାଲାଭର ସୁଯୋଗ ଦେବାକୁ ସପ୍ତମ ବିଷୟର ବ୍ୟବସ୍ଥା ରହିଛି। ଏହି ପଦକ୍ଷେପ ମଧ୍ୟ ନୂଆ ଜାତୀୟ ଶିକ୍ଷାନୀତି ୨୦୨୦ର ବିରୋଧାଚରଣ କରୁଛି।

ଝାରଖଣ୍ଡର ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ମାନଙ୍କରେ ଓଡ଼ିଆ ଭାଷା ଉଚ୍ଛେଦକୁ ଏଠାରେ ଅବସ୍ଥାନ କରୁଥିବା ଓଡ଼ିଆମାନେ ତୀବ୍ର ବିରୋଧ କରିଛନ୍ତି। ଝାରଖଣ୍ଡ ରାଜ୍ୟର ତିନୋଟି ଜିଲ୍ଲା ଷଢ଼େଇକଳା-ଖରସୁଆଁ, ପୂର୍ବ-ସିଂହଭୂମ ଓ ପଶ୍ଚିମ-ସିଂହଭୂମରେ ଅବସ୍ଥାନ କରୁଥିବା ଓଡ଼ିଆମାନେ ଓ ତା'ସହିତ ରାଜ୍ୟର ଅନ୍ୟ ଅଞ୍ଚଳ ବୋକାରୋ, ରାଞ୍ଚି, ଧାନବାଦ, ସିମଡ଼େଗା, ଗୁମଲା, ରାମଗଡ଼, ହଜାରିବାଗ ଠାରେ ଅବସ୍ଥାନ କରୁଥିବା ଓଡ଼ିଆମାନେ ଝାରଖଣ୍ଡ ସରକାରଙ୍କ ଓଡ଼ିଆ ମାନଙ୍କ ପ୍ରତି ଥିବା ବୈମାତୃକ ଭାବକୁ ଘୋର ନିନ୍ଦା କରି ରାଜ୍ୟର ବିଭିନ୍ନ ଯାଗାରେ ପ୍ରତିବାଦ ସଭାମାନ କରି ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜାମସେଦପୁରରେ ଥିବା ଉତ୍କଳ ଆସୋସିଏସନ, ଗୋଲମୁରୀ ଉତ୍କଳ ସମାଜ, କଦମାର ଉତ୍କଳ ବାନ୍ଧବ ସମିତି, ମନୋହରପୁର, ଗୋୟଲକେରା, ସୋନୁଆ, ଟୁପିଆ, କୁଲା, ଷଢ଼େଇକଳା, ବାରୀଳ, ମଦାଙ୍ଗଜାହିର, ଶଶୀକଳା, ଭାଲୁରଙ୍ଗୀ, ନିଶ୍ଚିନ୍ତପୁର, କେରା, ଖରସୁଆଁ, ଚାଇଁବସା, ରାଜନଗର, ହେସଲ, ହାତୀ, ହଳଦୀପୋଖରୀ, ଯାଦୁଗୋଡ଼ା, ରାଖାମାଇନ, ମଉଭଣ୍ଡାର, ଘାଟିସିଲା, ମହଳାଗୋଡ଼ା, ଆଦିତ୍ୟପୁରର ସାଲଦି, ବାଡୁବାଦ, ଚକ୍ରଧରପୁର, ଜାମଦା, ଜୟନ୍ତଗଡ଼, ମଝିଗାଁ, ଖ୍ରିରି, ବାନା, ଶମହାରିଆ ଆଦି ଅଞ୍ଚଳରେ ଓଡ଼ିଆ ଶିକ୍ଷକ, ଅଧାପକ, ଡାକ୍ତର, ଓକିଲ ଓ ସମାଜସେବୀମାନେ ଯୋଗ ଦେଇ ସରକାରଙ୍କ ଓଡ଼ିଆ ମାରଣ ଆଭିମୁଖ୍ୟକୁ ଘୋର ବିରୋଧ କରିଛନ୍ତି। ଏହି ସଭା ମାନଙ୍କରେ ଯୋଗ ଦେଇଥିବା ବକ୍ତାମାନେ ନିଜ ନିଜର ବକ୍ତବ୍ୟରେ କହିଲେ ଯେ ଷଢ଼େଇକଳା-ଖରସୁଆଁ ଜିଲ୍ଲାରେ ଓଡ଼ିଆ ମାନଙ୍କ ସଂଖ୍ୟା ପ୍ରାୟ ୬୦% ହେବ, ପଶ୍ଚିମ-ସିଂହଭୂମରେ ପ୍ରାୟ ୭୦% ହେବ, ପୂର୍ବ-ସିଂହଭୂମରେ ପ୍ରାୟ ୪୦% ହେବ କିନ୍ତୁ ଓଡ଼ିଆ ମାନଙ୍କ ସଂଖ୍ୟାକୁ ଜନସଂଖ୍ୟା ତାଲିକାରେ ଅଳ୍ପ ଦର୍ଶାଯାଇଛି। ଅନେକ ଦିନୁ ଜନସଂଖ୍ୟା ଗଣନା ମଧ ହୋଇନାହିଁ ବିଭିନ୍ନ କମ୍ପାନୀ ମାନଙ୍କରେ ଓଡ଼ିଆ ଭାଷୀମାନଙ୍କୁ ଅଗ୍ରାଧିକାର ଦେବାର ମଧ ଚୁକ୍ତି ହୋଇଥିବାର ବକ୍ତାଗଣ କହିଥିଲେ। ଷଢ଼େଇକଳା, ଖରସୁଆଁ, ଧଳଭମଗଡ଼, କେରା ଆଦି ଅଞ୍ଚଳର ରାଜା ମାନଙ୍କ ଅଧିନରେ ଥିବା ଜମିଜମା ଓ କୋର୍ଟ କଚେରୀର କାମ ଓ ମାମଲାର ଶୁଣାଣି ଓଡ଼ିଆ ଭାଷାରେ ହେଉଥିଲେ ଓ ଓଡ଼ିଆ ମାନଙ୍କର ଏ ଅଞ୍ଚଳରେ ସଂଖ୍ୟା ବହୂଳତାକୁ ଦର୍ଶାଏ। ଏଇ କିଛି ଦିନ ତଳେ ଜାମସେଦପୁରର ଉତ୍କଳ ଆସୋସିଏସନ ଠାରେ ଏକ ପ୍ରତିବାଦ ସଭା ଓ ଏହି ବିଷୟରେ ବିହିତ ପଦକ୍ଷେପ ନେବାର ସଭାରେ ସମସ୍ତ ବକ୍ତା ସରକାରଙ୍କ ପଦକ୍ଷେପ ନିନ୍ଦନୀୟ ବୋଲି କହିଥିଲେ। ଏ ସଭାରେ ଝାରଖଣ୍ଡର ପୂର୍ବ ସ୍ୱାସ୍ଥ୍ୟ ମନ୍ତ୍ରୀ ଡାକ୍ତର ଦିନେଶ କୁମାର ଷଡ଼ଙ୍ଗୀ, ବରିଷ୍ଠ ଓକିଲ ମନୋରଞ୍ଜନ ଦାଶ, ଉତ୍କଳ ଆସୋସିଏସନର ସଭାପତି ଡାକ୍ତର ଶ୍ରୀଧର ପ୍ରଧାନ, ବରିଷ୍ଠ ଉପସଭାପତି ସଞ୍ଜନ ପାତ୍ର, ଉପସଭାପତି ବାଦଲ ଭୂୟାଁ, ସାଧାରଣ ସମ୍ପାଦକ ତରୁଣ କୁମାର ମହାନ୍ତି, ଉପ ସଚିବ ବିଭୂତି ଭୂଷଣ ମହାନ୍ତି, କୋଷାଧକ୍ଷ ମନୀଷ ଦାଶ, ପ୍ରାଧାପକ ମନୋଜ ମହାପାତ୍ର, ଷଢ଼େଇକଳା ନଗର ପଞ୍ଚାୟତ ସଭାନେତ୍ରୀ ମିନାକ୍ଷୀ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ କାର୍ତ୍ତିକ ପରିଚ୍ଛା, ପ୍ରଶାନ୍ତ ମହାନ୍ତି, ଅଜିତ ରାଉତ, ପୀତବାସ ପ୍ରଧାନ, ଖରସୁଆଁରୁ ନନ୍ଦୁ ପାଣ୍ଡେ, ଅଶୋକ ସାମନ୍ତ, ପବିତ୍ର ଜେନା, ସୌମେନ୍ଦ୍ର ଭୂୟାଁ, ମନୋରଞ୍ଜନ ଗୌଡ଼, ସସ୍ମିତା ପାତ୍ର, ପ୍ରଦୀପ କୁମାର ଜେନା, ଅଶୋକ କୁମାର ମହାପାତ୍ର, ପ୍ରତିଭା ମହାନ୍ତି, ପ୍ରଫେସର ସୁନୀଲ ଷଡ଼ଙ୍ଗୀ, ସରମିଷ୍ଠା ଷଡ଼ଙ୍ଗୀ, ଅଭିମନ୍ୟୁ ଚୌଧୁରୀ, ମନୋଜ ସାହୁ, ମନୋରଞ୍ଜନ ପଶାୟତ, ମନୋରଞ୍ଜନ ସ୍ୱାଇଁ, କନକଲତା ସ୍ୱାଇଁ ପ୍ରମୁଖ ବକ୍ତାଗଣ ଉପସ୍ଥିତ ରହି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏଠାରେ ପ୍ରକାଶ ଥାଉ କି ଉତ୍କଳ ସମ୍ମିଳନୀ ମାଧ୍ୟମରେ ଏଠାରେ ସମସ୍ତ ବିଦ୍ୟାଳୟକୁ ଓଡ଼ିଶା ସରକାର ପାଠ୍ୟପୁସ୍ତକ ମାଗଣାରେ ଦେଉଛନ୍ତି। ୧୪୪ଟି ସ୍କୁଲରେ ୧୬୦ଜଣ ଶିକ୍ଷକ ଉତ୍କଳ ସମ୍ମିଳନୀଙ୍କ ଦ୍ୱାରା ନିୟୋଜିତ ହୋଇଛନ୍ତି। ମାସିକ ମାନ ଦେୟ ୩ ହଜାର ଟଙ୍କାରେ ଶିକ୍ଷକ ମାନଙ୍କୁ ଦରମା ଦିଆଯାଏ। ସେ ଟଙ୍କା ୨୨ ମାସ ହେଲା ମିଳିନାହିଁ ବୋଲି ଶିକ୍ଷକ ଶିକ୍ଷୟିତ୍ରୀମାନେ କୋହଭରା କଣ୍ଠରେ ଏ ଲେଖକୁ କହିଛନ୍ତି। ଆଗରୁ ଛାତ୍ରବୃତ୍ତି ମିଳୁଥିଲା ତାହା ଏବେ ବନ୍ଦ। ଓଡ଼ିଶା ସରକାର ଏହା ଉପରେ ବିଚାର କଲେ ଏଠାକାର ଓଡ଼ିଆ ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୁଅନ୍ତା ବୋଲି ବକ୍ତାଗଣ କହିଲେ। ଚାଇଁବସାର ଜଗତ କିଶୋର ସାମଲ, ପ୍ରଦୀପ ଦାସ, ରୋହିତ କୁମାର ସାହୁ, ବିଷ୍ଣୁପଦ ସିଂହଦେଓ, ମାଧବ ଶତପଥୀ, ଅଶୋକ ଷଡ଼ଙ୍ଗୀ, ସୁମନ୍ତ ମହାନ୍ତି, ସୁଶୀଲ ଷଡ଼ଙ୍ଗୀ, ସତ୍ୟପ୍ରକାଶ କର, ଦୀପକ ସିଂହଦେବ, ସରୋଜ ପ୍ରଧାନ, ପ୍ରଫେସର ନାଗେଶ୍ୱର ପ୍ରଧାନ, ରାଜୀବ ସିଂହଦେବ, କାମାକ୍ଷା ସିଂହଦେବ, ପୂର୍ଣ୍ଣେନ୍ଦୁ ନନ୍ଦ ଓ ବିଦ୍ୟାନାଥ ପ୍ରମୁଖ ସିଂହଭୂମର ବିଭିନ୍ନ ଅଞ୍ଚଳରେ ସରକାରଙ୍କ ଓଡ଼ିଆ ମାରଣ ନୀତିକୁ ବିରୋଧ କରି ପ୍ରତିବାଦ ସଭାମାନ କରୁଛନ୍ତି।

ଏକଦା ଓଡ଼ିଆ ଝାଡ଼ଖଣ୍ଡର ଦ୍ୱିତୀୟ ସରକାରୀ ଭାଷା ଥିଲା। ରାଜନୈତିକ ଚକ୍ରାନ୍ତ କରି ତାହାକୁ ହଟାଇ ଦିଆଯାଇ ବାଂଲାକୁ ସେଠାରେ ଏବେ ଦ୍ୱିତୀୟ ସରକାରୀ ଭାଷାର ମର୍ଯ୍ୟାଦା ଦିଆଯାଇଛି। ବଙ୍ଗାଳୀ ଭାଷାଭାଷୀଙ୍କ ସଂଖ୍ୟା ଦୃଷ୍ଟିରୁ ବାଂଲାକୁ ସରକାରୀ ଭାଷାର ମାନ୍ୟତା ଦେବାରେ କିଛି ଅସୁବିଧା ନାହିଁ। କିନ୍ତୁ ଜନସଂଖ୍ୟା ଆଧାରରେ ଓଡ଼ିଆକୁ ଏହି ମର୍ଯ୍ୟାଦାରୁ ବଞ୍ଚିତ କରିବାର ଯଥାର୍ଥତା ବୁଝି ହେଉନାହିଁ। ଝାଡ଼ଖଣ୍ଡର ୨୪ ଜିଲ୍ଲା ମଧ୍ୟରୁ ୧୦ଟିରେ ଓଡ଼ିଆ ଭାଷାଭାଷୀ ଲୋକ ବହୁ ସଂଖ୍ୟାରେ ବସବାସ କରନ୍ତି ଏବଂ ଚକ୍ରଧରପୁର, ଆଦିତ୍ୟପୁର, ଜାମସେଦପୁର, ଚାଇବସା, ଜଗନ୍ନାଥପୁର, ଧଳଭୂମ, ପୁରୁଣାବସ୍ତ, ବାହାଡ଼ାଗୋଡ଼ା ଆଦି ସହରାଞ୍ଚଳରେ ଏମାନଙ୍କ ସଂଖ୍ୟା ବହୁ ଅଧିକ। ଭାଷାଭିତ୍ତିକ ସଂଖ୍ୟାଲଘୁଙ୍କର ନିଜ ମାତୃଭାଷାରେ ପାଠ ପଢ଼ିବା ଏକ ସାମ୍ବିଧାନିକ ଅଧିକାର। ଏହା ଜାଣି ସୁଦ୍ଧା ଏନସିଟିଇ କିପରି ଏଭଳି ଅବିବେକୀ କାର୍ଯ୍ୟକଳା ତାହାର ଉତ୍ତର ଲୋଡ଼ା। ଏହି ଘଟଣାରେ ଝାଡ଼ଖଣ୍ଡର ଓଡ଼ିଆ ସଂଗଠନ ଓ ଭାଷା ସୁରକ୍ଷା ସଂସ୍ଥାମାନ ପ୍ରତିବାଦ କରିବା ସ୍ୱାଭାବିକ। ଓଡ଼ିଆ ଭାଷା ବିଚାରମଞ୍ଚର ଏ ସଂକ୍ରାନ୍ତ ଉଦ୍ୟମ ନିଶ୍ଚିତ ସ୍ୱାଗତଯୋଗ୍ୟ। ଗୋଟେ ସମୟ ଥିଲା, ଏହି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବାକୁ ଉତ୍କଳମଣି ଗୋପବନ୍ଧୁ ଦାସ ଓ ତାଙ୍କର ସହକର୍ମୀମାନେ ନାହିଁ ନଥିବା ଉଦ୍ୟମ କରିଥିଲେ। ସେଠାରେ ଓଡ଼ିଆ ସ୍କୁଲ ପ୍ରତିଷ୍ଠା କରିବା ସହିତ ଓଡ଼ିଆଙ୍କ ଅଧିକାର ପାଇଁ ଲଢ଼ିଥିଲେ। ଓଡ଼ିଶା ସରକାର ମଧ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ସୁରକ୍ଷା ଓ ବିକାଶ ପାଇଁ ନାନାବିଧ ପଦକ୍ଷେପ ଗ୍ରହଣ କରିଆସୁଛନ୍ତି। ଓଡ଼ିଆ ବହି ଯୋଗାଣ ସହ ଓଡ଼ିଆ ଶିକ୍ଷକ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯାଉଛି। ଏହାସତ୍ତ୍ୱେ ସେଠାରେ ଓଡ଼ିଶା ଶିକ୍ଷକଙ୍କୁ ତାଲିମରୁ ବଞ୍ଚିତ କରିବା ପ୍ରୟାସ ଅଭିସନ୍ଧିମୂଳକ ଏବଂ ଅତ୍ୟନ୍ତ ନିନ୍ଦନୀୟ। ଏହି ପ୍ରସଙ୍ଗରେ ସେଠାକାର ଓଡ଼ିଆ ସଂଗଠନମାନ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିବା ଯୁକ୍ତିଯୁକ୍ତ ମନେହୁଏ। ଓଡ଼ିଶା ସରକାର ମଧ ଏନସିଟିଇ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଦାବୀ ଉପସ୍ଥାପନ୍ କରିବା ଆବଶ୍ୟକ। ଏନସିଟିଇ ଏକ ସାମ୍ବିଧାନିକ ସଂସ୍ଥା ଏବଂ ଭାରତ ସରକାର ଏହାକୁ ୧୯୯୩ର ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ଆଇନ ଅନୁସାରେ ଗଠନ କରିଛନ୍ତି। ଏହାର କାମ ହେଲା ପ୍ରାଥମିକ ଶିକ୍ଷକଙ୍କ ତାଲିମ ଓ ପ୍ରଶିକ୍ଷଣ ସମ୍ପର୍କରେ ନୀତି ନିର୍ଦ୍ଧାରଣ କରିବା ସହିତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା। ଭାରତ ସରକାରଙ୍କ ସ୍କୁଲ ଶିକ୍ଷା କ୍ଷେତ୍ରରେ ଏହା କାମ କରୁଛି। ଏହାର ବିଭିନ୍ନ କାର୍ଯ୍ୟ ମଧ୍ୟରୁ ସମସ୍ତଙ୍କୁ ଶିକ୍ଷା ଅଧିକାର ଯୋଗାଇବାର ସୁଯୋଗ ଦେବା ଅନ୍ୟତମ। ପରିତାପର ବିଷୟ ଏହି ସଂସ୍ଥା ଝାଡ଼ଖଣ୍ଡରେ ଏବେ ଓଡ଼ିଆ ଭାଷା ମାରଣ ଯଜ୍ଞରେ ମୁଖ୍ୟ ପୁରୋହିତ ସାଜିଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ଅବିଚାର ପ୍ରତି ଦୃଷ୍ଟି ଦେଇ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବା ଉଚିତ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫

# ଭାଗବତ ଟୁଙ୍ଗି

॥ ଶ୍ରୀବତ୍ସ ନାୟକ ॥

ଓଡ଼ିଶାର ପ୍ରତ୍ୟେକ ଗାଁ ରେ ନଡ଼ା କିମ୍ବା ଆଜବେଷ୍ଟସ ଛପର,ମାଟିକାନ୍ଥ ଆଚ୍ଛାଦିତ ଏକ କୋଠ ଘରଟିଏ ହେଉଛି ଭାଗବତ ଟୁଙ୍ଗି । ଘରଟିର ଏପରି ନାମକରଣ ର ବିଶେଷ ସାର୍ଥକତା ରହିଛି । କାହିଁ କେଉଁ ଆବହମାନ କାଳରୁ ଏହି ଘରେ ଅତିବଡ଼ି ଜଗନ୍ନାଥ ଦାସ ଙ୍କ ଅନନ୍ୟ ସୃଷ୍ଟି ଓଡ଼ିଆ ଭାଗବତ ର ପଦଗୁଡ଼ିକ ନିୟମିତ ପାଠ କରାଯାଉଥିଲା ଯାହାକି ପ୍ରତି ଓଡ଼ିଆର ଜୀବନ କୁ ପରିଭାସିତ କରିଛି । ଓଡ଼ିଆ ସଂସ୍କୃତିର ଅବିଚ୍ଛେଦ ଅଙ୍ଗ ସ୍ୱରୂପ 'ଶ୍ରୀମଦ୍ ଭାଗବତ ଗୀତା' ପ୍ରତ୍ୟୋହ ସନ୍ଧ୍ୟାରେ ପାଠ କରାଯାଇ ସାମାଜିକ ଶୃଙ୍ଖଳା, ଚରିତ୍ର ଗଠନ ତଥା ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ସାଧାରଣ ଲୋକ ମାନଙ୍କୁ ଶିକ୍ଷା ଦିଆଯାଉଥିଲା ଯାହାକି ଭାଗବତ ଟୁଙ୍ଗି ନାମକରଣ ର ସାର୍ଥକତା କୁ ପ୍ରତିପାଦିତ କରିଛି । ଷୋଡ଼ଶ ଶତାବ୍ଦୀ ର ପ୍ରାରମ୍ଭରେ ପୁରୀରେ ପ୍ରଥମେ ଏହି ଭାଗବତ ଟୁଙ୍ଗୀର ଆବିର୍ଭାବ ହୋଇ କାଳକ୍ରମେ ଓଡ଼ିଶାର ପୁରପଲ୍ଲୀ ରେ ଏହା ବ୍ୟାପକ ପ୍ରସାର ଲାଭକଲା। ଗ୍ରାମାଂଚଳରେ ପ୍ରତ୍ୟୋହ ସନ୍ଧ୍ୟାରେ ଗ୍ରାମବଧୂ ମାନେ ଏହି ଭାଗବତ ଟୁଙ୍ଗୀ ରେ ସଞ୍ଜ ଆଳତି, ଧୂପ, ଦୀପ ଦେଇ ଡିବି କିମ୍ବା ଲଣ୍ଠନ ଆଲୁଅ ଜଳାଇ ଥାଆନ୍ତି । ନିଜର ଦୈନନ୍ଦିନ କାର୍ଯ୍ୟ ସମାପ୍ତ ପରେ ଗ୍ରାମର ଆବାଳବୃଦ୍ଧବନିତା ତାଳପତ୍ର ନିର୍ମିତ ଆସନ ପକାଇ ଏଠାରେ ବସି ଥାଆନ୍ତି। ଅ-ଶିକ୍ଷିତ, ପୂର୍ବ-ଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ, ସୁ-ଶିକ୍ଷିତ, ଧର୍ମ-ଶିକ୍ଷିତ ତଥା ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ, ଧନୀ ଗରିବ ର ବାଛ ବିଚାର ନରଖି ସମସ୍ତେ ପ୍ରତ୍ୟୋହ ସନ୍ଧ୍ୟାରେ ଏକତ୍ରିତ ହୋଇଥାନ୍ତି ।ପରମ ଶାସ୍ତ୍ର ଭାଗବତ,ଅଭ୍ୟାସ କରୁଥିବ ନିତ୍ୟ । ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ ଭଳି ଭାଗବତ ପଦ ଅବଧାନ କିମ୍ବା ପୂଜା ପଣ୍ଡା ଙ୍କ କଣ୍ଠରୁ ଉଭାଷିତ ହୁଏ । ଆହା କି ସୁନ୍ଦର ପଦ ମାନ ! କି ସୁମଧୁର କଣ୍ଠ ! କାହାରିକୁ ବାଧ୍ୟ କରାନଗଲେ ମଧ୍ୟ ଗ୍ରାମବାସୀ ମାନେ ସବୁଦିନ ସନ୍ଧ୍ୟାରେ ବସି ଏହି ପଦ ମାନଙ୍କୁ ଶ୍ରବଣ କରୁଥିଲେ । ଭାଗବତ ଚର୍ଚ୍ଚା ଆଦିରେ ସେମାନଙ୍କର ରାତ୍ରିର ପ୍ରଥମ ପ୍ରହରକୁ ସେମାନେ ବିତାଉଥିଲେ ।

ଯେଉଁ ମାନେ ବାହାରେ କୌଣସି ଚାକିରି କିମ୍ବା କର୍ମ ଯୋଗରେ ବିନିଯୋଗ ଥାଆନ୍ତି ସେମାନେ ପୂଜା ପର୍ବାଣୀ ରେ ଗ୍ରାମକୁ ଫେରିଲେ ଭାଗବତ ଟୁଙ୍ଗୀ ରେ ଯୋଗଦାନ କରିଥାନ୍ତି । ଭାଗବତ ଟୁଙ୍ଗୀର କିଛି ସମୟ ବିତେଇବା ଗ୍ରାମବାସୀ ଙ୍କର ନିତିଦିନିଆ କାର୍ଯ୍ୟଥିଲା । ଯଦିଓ ଘରଟିର ନାମ ' ଭାଗବତ ଟୁଙ୍ଗୀ' କିନ୍ତୁ ସେଠାରେ ପବିତ୍ର ରାମାୟଣ, ମହାଭାରତ ଭଳି ଗ୍ରନ୍ଥ ମଧ୍ୟ ଆଲୋଚନା ହେଉଥିଲା । ପୁରାଣ ପାଠର ଆଲୋଚନା ସହ ପୂଜାପଣ୍ଡା କିମ୍ବା ଅବଧାନ ମାନେ ଗ୍ରାମବାସୀ ମାନଙ୍କୁ ନିଜ ଦୈନନ୍ଦିନ ଜୀବନରେ ଉନ୍ନତି ଆଣିବା ପାଇଁ ତଥା ସୁସ୍ଥ ସମାଜ ଗଠନ ନିମନ୍ତେ ପରାମର୍ଶ ଦେଉଥିଲେ । ସନ୍ଧ୍ୟା ହେଲେ ଘରଟି ଝାଞ୍ଜ, ମୃଦଙ୍ଗ, ହରିବୋଲ, କରତାଳି, ହୁଳହୁଳି, କାହାଳୀ ଶବ୍ଦ ରେ ଉଚ୍ଛୁଳି ପଡେ । ଶାନ୍ତ କାନ୍ତ କୋମଳ ଗ୍ରାମାଂଚଳ ର ପରିବେଶରେ ଝୁଣା ଧୂପ ର ବାସ୍ନା ସହ ମୃଦଙ୍ଗ ଝାଞ୍ଜ ଓ ତା ସାଙ୍ଗକୁ ଅବଧାନ ଙ୍କ ମୁଖ ନିଶୃତ ସୁସଙ୍ଗୀତ ସ୍ୱରରେ ପୁରାଣ ପଠନ ଗ୍ରାମ ପରିବେଶ କୁ ଆହୁରି ସୁନ୍ଦର ଓ ମଧୁମୟ କରୁଥିଲା । ପୋଥି ପଢ଼ିବା, ମସିଣା ବୁଣିବା, ପଥଚାରୀ ଙ୍କର ରାତ୍ରି ଆଶ୍ରୟ, ଜାନୁ ଘଣ୍ଟିଆ, ଚକୁଳିଆ ପଣ୍ଡା, ଲୋକନୃତ୍ୟକାରୀ ଙ୍କ ବିଶ୍ରାମ ଗୃହ, ଶିକ୍ଷାଦାନ, ବିଚାରାଳୟ, ନ୍ୟାୟ, ନିଶାପ, ସଙ୍ଗୀତ ଗାୟନ, ସଭା ସମିତି, ଖଜଣା ଆଦାୟ, କୀର୍ତ୍ତନ, ସୂଚନା କେନ୍ଦ୍ର ଆଦି କାର୍ଯ୍ୟ ମଧ୍ୟ ଏହି ଘରେ ହୋଇଥାଏ । ଏହା ସତେ ଯେମିତି ଘର ନୁହେଁ ତ ଗ୍ରାମ ଜୀବନର ମୁକ ସାକ୍ଷୀ । ଅନେକ ଘଟଣା କୁ ସେ ନିଜ ଅନୁଭୁତି କୁ ନେଇଛି । ନୂଆ ବୋହୂ ର ଗ୍ରାମ ପ୍ରବେଶ, ବୁଢା ବୃଢ଼ୀ ଙ୍କ ଶେଷ ଯାତ୍ରା, ଶୈଶବ ଙ୍କ କୋଳାହଳ , ଗ୍ରାମର ଦୋଳ ଉତ୍ସବ, ହୋଲି, କୁଆଁରୀ ଝିଅ ଙ୍କ ଖୁଦରକୁଣୀ ଓଷା, ରାମ ନାଟକ ଆଦି ଅନେକ ଘଟଣାକୁ ନିଜ ମଧ୍ୟରେ ସ୍ଥାନ ଦେଇଛି। ଗ୍ରାମବାସୀ ଙ୍କର ସୁଖ ଦୁଃଖର ସାଥୀ ଟିଏ ହୋଇ ଗ୍ରାମ ର ଜଣେ ସଦସ୍ୟ ପାଲଟି ଯାଇଛି । ଭାଗବତ ଟୁଙ୍ଗୀ ଟି କେତେ ନ୍ୟାୟ ନିଶକ୍ଷପ ର ବିଚାର ଦେଖିଛି, କେତେ ସଭା ସମିତିରେ ସାକ୍ଷୀ ଅଛି, କେତେ ବେସାହାରା କୁ ସାହାରା ଦେଇଛି, କେତେ ଅତିଥିଙ୍କୁ ନିଜ କୋଳରେ ସ୍ଥାନ ଦେଇଛି ତାହାର ରେକର୍ଡ କିଏ ବା ଦେଇ ପାରିବ । କେଉଁ ଆବହମାନ କାଳରୁ ଗ୍ରାମର ମଧ୍ୟଭାଗରେ ଥିବା ଏହି ଝାଟି ମାଟିର କ୍ଷୁଦ୍ର କୁଡ଼ିଆଟିଏ ଗ୍ରାମବସୀ ଙ୍କର ଚିର ସହଯୋଗୀ। ସାନ ସିନା ଦାନ ତା ମହାନ ଭଳି ଆକାରରେ କ୍ଷୁଦ୍ର ହେଲେ ମଧ୍ୟ ସମସ୍ତ ବର୍ଗର ଜନସାଧାରଣ ମାନଙ୍କୁ ନିଜ ର କୋଳରେ ସ୍ଥାନ ଦେଇ ବିଭିନ୍ନତା ମଧ୍ୟରେ ଏକତା ର ନିଦର୍ଶନ ର ପ୍ରମାଣ ଦେଇଛି। ସ୍ୱାର୍ଥ, ଭେଦଭାବ ଠାରୁ ଗ୍ରାମ ବାସୀ ଙ୍କୁ ଦୂରେଇ ରଖି ସମସ୍ତଙ୍କୁ ପ୍ରମ ଓ ସଦଭାବନା ର ଭାବରେ ଅଭିନ୍ନ କରି ରଖିଛି। କେବଳ ସେତିକି ନୁହେଁ ଗ୍ରାମରେ ଶାନ୍ତି ସ୍ଥାପନ କରିବା, ହିଂସା, କ୍ରୋଧ ଠାରୁ ଦୂରେଇ ରହିବା, ଭାଇଚାରା ର ତତ୍ତ୍ୱ କୁ ଶୃଙ୍ଖଳା, ଦିନଚର୍ଯ୍ୟା,ସାମାଜିକ ସଂସ୍କାର ଆଦିର ଶିକ୍ଷା ମଧ୍ୟ ଏଠାରୁ ମିଳୁଥିଲା । ଏକଦା ସେ ସମୟ ଥିଲା ଯେଉଁ ସମୟରେ ଗ୍ରାମବାସୀ ଏକତ୍ରିତ ହୋଇ ଟୁଙ୍ଗୀରେ ବସୁଥିଲେ। ନିଜର ନିତିଦିନିଆ କର୍ମମୟ ଜୀବନ ରୁ ଫେରିଲେ ଭାଗବତ ଟୁଙ୍ଗୀରେ କିଛି ସମୟ ବିତାଉଥିଲେ । ଆଜି ଆଉ ସେ ସମୟ ନାହିଁ । ସମୟ ବଦଳି ଯାଇଛି। ସବୁ କିଛି ହଜି ଯାଇଛି । ସମୟ ଛଡେଇ ନେଇଛି ଅନେକ କିଛି ଖାଲି ଯାହା ରହି ଯାଇଛି ସ୍ମୃତି । ସ୍ମୃତି ତ କେବେ ନୁହେଁ ଭୁଲିବାର ସ୍ମୃତି ହେଉଛି ଅତୀତ ଘଟଣାର ର ମୁକ ସାକ୍ଷୀ । ସାମ୍ପ୍ରତିକ ପରିସ୍ଥିତି ରେ ଉଜୁଡ଼ି ଯାଇଛି ସେ ଭାଗବତ ଟୁଙ୍ଗୀ । ଅଧିକାଂଶ ଗ୍ରାମରେ ଜରାଜୀର୍ଣ୍ଣ ଅବସ୍ଥାରେ ସେଦିନର ସେ କୋଠଘର । କିଛି କିଛି ଗାଁ ରେ ସେ କୋଠ ଘର ଶବ୍ଦ ତ ଶୁଣିବାକୁ ମିଳୁନାହିଁ । ସମୟ ସ୍ରୋତରେ ନିଃସହାୟ ଶୁଷ୍କ ତୃଣ ଭାସିଭାସି ଚାଲିଲା ଭଳି ଭାଗବତ ଟୁଙ୍ଗୀ ସେମିତି ଭାସି ଭାସି ଚାଲି ଆଜି ବିଲୁପ୍ତ ପ୍ରାୟ ହୋଇଗଲାଣି । ଯେଉଁ କେତେ ଖଣ୍ଡ ଗାଁ ରେ କୋଠ ଘର ଅଛି, କିନ୍ତୁ ତାହା ଭାଗବତ ଟୁଙ୍ଗୀ ହୋଇ ଆଉ ରହିନାହିଁ । ଅତୀତ ରେ ଯେଉଁଠି ଅନେକ ପୁରାଣ ଓ ସୁସ୍ଥ ସମାଜର ର ଗଠନ ନିମନ୍ତେ ଚର୍ଚ୍ଚା ଆଲୋଚନା ହେଉଥିଲା ଏବେ ବି ସେଠି ଚର୍ଚ୍ଚା, ଆଲୋଚନା, ପର୍ଯ୍ୟାଲୋଚନା ଚାଲିଛି କିନ୍ତୁ ଫରକ ଏତିକି ଯେ ଚୁଗୁଲିଆ ଙ୍କ ଚର୍ଚ୍ଚା ଏବେ ଭାଗବତ ଟୁଙ୍ଗୀ ର ମୁଖ୍ୟ ଆକର୍ଷଣ ପାଲଟିଛି । ସନ୍ଧ୍ୟା ହେଲେ ଗ୍ରାମ ବଧୂ ଟିଏ ଧୂପ, ଦୀପ, ଦେବାକୁ କୋଠ ଘରକୁ ଯିବା ପାଇଁ ନିଜକୁ ସୁରକ୍ଷିତ ମନେ କରୁନାହିଁ । ଅସାମାଜିକ ଙ୍କ ପ୍ରାଦୁର୍ଭାବ ବେଳକୁ ବେଳ ବଢ଼ିବାରେ ଲାଗିଛି। ଗାଁ ର କିଛି କୁଜି ରାଜା ନେତାଙ୍କ ରାଜନୈତିକ ଦଳର ଏହା ମଧ୍ୟ ଦଳୀୟ ଅଫିସ ହୋଇଗଲାଣି । ନାହିଁ ସେ ପୁରାଣ ନାହିଁ ସେ ଭାଇଚାରା । କାଳର କରାଳ ଗତି ରେ ଭାଗବତ ଟୁଙ୍ଗୀ ଆଜି ଅଣ ନିଃଶ୍ୱାସୀ ହୋଇପଡିଛି। ରକ୍ଷଣା ବେକ୍ଷଣା ଅଭାବରୁ ମଧ୍ୟ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ବିଳମ୍ବରେ ହେଉ ପଛେ ଏହାର ଏତାଦୃଶ ଅବସ୍ଥା ଦେଖି ଆର୍ଥିକ ବର୍ଷ ୨୦୧୪-୧୫ ରେ ରାଜ୍ୟ ସରକାର ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ନିମନ୍ତେ ପଚିଶି ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବା ପାଇଁ ଏକ ଯୋଜନା କରିଥିଲେ କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଯୋଜନା ସରକାରଙ୍କର ନାଲି ଫିତା ତଳେ ରହିଗଲା। ଆଧୁନିକତାର ଦୋହି ଦେଇ ବିକାଶ ନାମରେ ବିନାଶ କୁ ନିମନ୍ତ୍ରଣ ସ୍ୱରୂପ ଧ୍ୱଂସ ହୋଇଯାଇଛି ପରମ୍ପରା । ବିଜ୍ଞାନ ପ୍ରଯୁକ୍ତି ବିଦ୍ୟାର ଯୁଗରେ ହଜି ଯାଇଛି ସେଦିନର ସେ ଟୁଙ୍ଗୀ । ଦେଶ ଅଗ୍ରଗତି ହେଉ ଜାତିର ଉନ୍ନତି ହେଉ କିନ୍ତୁ ଯଦି ଆମେ ଆମର ମୂଳ କୁ ଭୁଲିଯିବା ତେବେ ଦିନେ ଆମର ପରିଚୟ ହରାଇବସିବା ଏଥିରେ ସନ୍ଦେହ ନାହିଁ।

**ଅଧ୍ୟାପକ,ବାଣିଜ୍ୟ ବିଭାଗ,କଟକ, ମୋ ୯୪୩୮୦୭୦୮୪୯**

# ମମ ଭୂତ ମହେଶ୍ୱରମ୍

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର॥

୧୩୨୧ ସାଲ ୧୯୧୪ ମସିହା ଭାବାବେଶରେ ମତୁଆଲା ହୋଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯେତେବେଳେ କୀର୍ତ୍ତନ କରୁଥିଲେ ସେ ସମୟରେ ସେ ନୃତ୍ୟର ଦୈବୀ ବିଭଙ୍ଗ ଯେପରି ଅନିର୍ବଚନୀୟ ତାହା ଏକ ଅମାନବୀୟ ପ୍ରତିଭାର ନିଦର୍ଶନ। ସଙ୍ଗରେ ଥାଆନ୍ତି ପଞ୍ଚସଖା - ଅନନ୍ତ, କିଶୋରୀ, ଗୋସାଇଁ, କୃଷ୍ଣପ୍ରସନ୍ନ, ସୁଶୀଳଚନ୍ଦ୍ର, ଏତଦ୍‌ବ୍ୟତୀତ କୀର୍ତ୍ତନ ପ୍ରେମୀ ଖୋକନ, ତରଣୀ, ନଫଂର ଘୋଷ... ଇତ୍ୟାଦି। ସେ ଏକ ଅପୂର୍ବ ଅନିର୍ବଚନୀୟ ଅଭୂତପୂର୍ବ ଦୃଶ୍ୟ - ଯାହା ଅବ୍ୟକ୍ତ, କୀର୍ତ୍ତନର ଭାବାବସ୍ଥା। ଶ୍ରୀ ଶ୍ରୀ ଠାକୁର କେତେବେଳେ ଦୁଇ ବାହୁ ଟେକି ନାଚି କୁଦି ସମସ୍ତଙ୍କୁ ପ୍ରେମ ବିହ୍ୱଳ କରି ଦେଉ ଥିଲେ ତ କେତେବେଳେ ଉତ୍ତାଳ ଭାବର ଆତିଶଯ୍ୟରେ ପ୍ରେମାଲିଙ୍ଗନରେ ସମସ୍ତଙ୍କୁ ବୁକୁରେ ଜାବୁଡ଼ି ଧରୁଥିଲେ ତ ପୁଣି କାହାକୁ କାନ୍ଧରେ ବସାଉ ଥିଲେ। କେତେବେଳେ ବା କାହା କାନ୍ଧ ଉପରକୁ ଚଢ଼ି ଯାଉଥିଲେ। କେତେବେଳେ ବା ନିବିଡ଼ ଭାବରେ ବୁକୁରେ ଜାବୁଡ଼ି ଧରି ପ୍ରେମାଲିଙ୍ଗନ ପୂର୍ବକ ଚୁମା ଖାଉଥିଲେ। ସେ ଭାବ ରାଜ୍ୟର ଦୃଶ୍ୟ ମର୍ତ୍ତ୍ୟରେ ସମ୍ଭବ ନୁହେଁ, ସ୍ୱର୍ଗରେ। ଜୀବନରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିଜେ କୌଣସି ଆସନର ଅଭ୍ୟାସ ନକରି ଥିବା ସ୍ଥଳେ କୀର୍ତ୍ତନାବସ୍ଥାରେ ଏତାଦୃଶ୍ୟ ସମସ୍ତଙ୍କ ମାନସ ରାଜ୍ୟରେ ଏକ ଦୁର୍ଭେଦ୍ୟ, ବିସ୍ମୟ ଅମୀମାଂସିତ ରହସ୍ୟ ହୋଇ ରହିଯାଇଛି - ଅଦ୍ୟାବଧି। ଗୀତାରେ ସେହି ମହାନ ବାଣୀ, - 'ଅବ ଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁମାଶ୍ରିତମ୍, ପରଂ ଭାବ ମଜାନନ୍ତୋ ମମ ଭୂତ ମହେଶ୍ୱରମ୍।।'

ଯେ ନିଜର ହୃଦୟ କ୍ଷେତରେ ପ୍ରେମର ଫସଲ ଉପୁଜାଏ ସେ ହିଁ ପ୍ରକୃତ ଖ୍ରୀଷ୍ଟିୟାନ, ଶିଖ, ହିନ୍ଦୁ ବା ମୁସଲମାନ। ବସ୍ତୁତଃ ଯିଏ ହୃଦୟରେ ପ୍ରେମଭାବ ପୋଷଣା କରେ ସେ ହିଁ ପ୍ରକୃତ ମାନବ। ପ୍ରେମ ମଣିଷର ପ୍ରାଣବାୟୁ ଅଟେ। ପ୍ରେମ ହିଁ ସକଳ ଜୀବ ମଧ୍ୟରେ ଦିବ୍ୟ ଚେତନା। ପ୍ରେମ ହିଁ ଜୀବନର ଲକ୍ଷ୍ୟ। ମାନବ ଜୀବନ ପ୍ରେମ ଦ୍ୱାରା ରସମୟ ହୋଇଥାଏ। ଏହି ନିତ୍ୟ ଶୁଦ୍ଧ ପ୍ରେମତତ୍ତ୍ୱକୁ ବୁଝି ନପାରି ମଣିଷ ନାନାବିଧ ଦୈହିକ ତଥା ସାଂସାରିକ ଅଶାନ୍ତି ଓ ଉଦ୍‌ବେଗରେ ହନ୍ତସନ୍ତ ହେଉଛି। ଆଜିକାଲି ଲୋକମାନଙ୍କ ମଧ୍ୟରେ ପ୍ରେମଭାବ କମିଯିବାର ଦେଖାଯାଉଛି। ପ୍ରେମଶୂନ୍ୟ ମାନବ ଦାନବ ସହ ସମାନ। ଦାନବ ପ୍ରବୃତ୍ତିଯୁକ୍ତ ମଣିଷ ଆଜି ପଶୁ ଭଳି ବ୍ୟବହାର କରୁଛି। ଭଗବାନ ଜୀବମାନଙ୍କୁ ଭୂତ, ପ୍ରେତ ବା ପିଶାଚ କରି ସୃଷ୍ଟି କରି ନଥାନ୍ତି। ଏଗୁଡ଼ିକ ମଣିଷର ସୃଷ୍ଟି। ପ୍ରତ୍ୟେକଙ୍କୁ ନାମ ଓ ପ୍ରେମ ପ୍ରଚାର ପାଇଁ ଗଠନ କର। ପ୍ରେମ ହିଁ ସ୍ୱର୍ଗ ଓ ସ୍ୱର୍ଗ ହିଁ ପ୍ରେମ - ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପବିତ୍ର ପୁଣ୍ୟପୋଥିରେ ଅମୃତ ପାବନ ଉଦ୍‌ଘୋଷଣ ଦେଇ ସତ୍‌ସଙ୍ଗୀମାନଙ୍କୁ ଆଶୀର୍ବଚନ କରି କହିଛନ୍ତି - 'ନିଃସ୍ୱାର୍ଥପର ଭାବରେ ଭଲ ପାଇ ଦେଖ। ଭଲପାଇ ଦେଖ। ଭଲ ପାଇବା ପାଇଁ ମନ ଭିତରେ କୌଣସି ପ୍ରକାର ଗୋଳମାଳ ରଖ ନାହିଁ। ଦେଖ, ମନ ହିଁ ସବୁ କରେ।' 'ପ୍ରାଣ ଧରିବାକୁ ଗଲେ ପ୍ରେମ ହିଁ ଔଷଧ। ଜଗତରେ ଯେତେ ବେଶୀ ଲୋକଙ୍କୁ ଭଲପାଇ ପାରିବୁ ଜଡ଼ ଚେତନକୁ ଯେତେ ଭଲପାଇ ପାରିବୁ, - ଈଶ୍ୱରଙ୍କୁ ସେତେ ଭଲ ପାଇପାରିବୁ। ଯଦି ମୋତେ ପାଇବାକୁ ଚାହଁ, ଭଲପାଅ। ସମସ୍ତ ଜୀବକୁ ଭଲପାଅ। ଭଲପାଅ, ପ୍ରାଣକୁ ଭଲପାଅ, ଜଗତକୁ ଭଲପାଅ, ତା'ହେଲେ ମୋତେ ପାଇବ।'

ନିଜ ହୃଦୟରେ ପ୍ରେମଭାବ ପରିପୁଷ୍ଟ କରୁଥିବା ବ୍ୟକ୍ତି ହିଁ ଜଣେ ପ୍ରକୃତ ଖ୍ରୀଷ୍ଟିୟାନ, ଶିଖ୍, ହିନ୍ଦୁ ବା ମୁସ୍‌ଲମାନ ହୋଇପାରେ। ଦୁର୍ଭାଗ୍ୟବଶତଃ ଆଜି କେହି ହେଲେ ସେମାନଙ୍କର ହୃଦୟ କ୍ଷେତରେ ପ୍ରେମର ବୀଜ ବପନ କରୁ ନାହାନ୍ତି। ତେବେ ତୁମେ ପ୍ରେମର ଶସ୍ୟ ଅମଳ କରିବ ବୋଲି କିପରି ଭାବୁଛ? ଯାହା ମଧ୍ୟରେ ପ୍ରେମଭାବ ନାହିଁ ସେ ମଣିଷ ହେବ କିପରି? ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆହୁରି ମଧ୍ୟ କହିଛନ୍ତି - 'ଭଗବାନଙ୍କୁ ଭଲପାଏ କି ନା ଠିକ୍ କରିବାକୁ ହେଲେ ଆଗେ ଦେଖିବାକୁ ହୁଏ ମୁଁ ଜଗତକୁ ଭଲ ପାଏ କି ନାହିଁ। ଦେଖ, ଯଦି ଜଗତର ପ୍ରତ୍ୟେକ ଜୀବକୁ ଭଲପାଉ, ପ୍ରତ୍ୟେକ ବସ୍ତୁକୁ ଭଲପାଉ ସେତେବେଳେ ବୁଝିବୁ ମୁଁ ଭଗବାନଙ୍କୁ ଭଲପାଏ, ଏହିପରି ଭାବିବା ହିଁ ଭଲ।' ଭଲପାଇବାଟା ହିଁ ସ୍ୱର୍ଗ। ଭଲପାଇବା ହିଁ ନରକରେ ସ୍ୱର୍ଗ ସ୍ଥାପନ କରିଥାଏ। ଦେଖ, ଅନ୍ତରରେ ଭଲପାଇବା ନଥିଲେ ମଧ୍ୟ ବାହାରେ ଭଲ ପାଇବାକୁ ହୁଏ। ଦେଖ, ଜଣେ କୁଷ୍ଠ ରୋଗୀ ଯଦି ରାସ୍ତାରେ ବସି 'ଗୋଟାଏ ପଇସା ଦିଅ, ଗୋଟାଏ ପଇସା ଦିଅ' କହେ, ତୁ ସେତେବେଳେ ମନକୁ ପଚାରିବୁ 'ମନ! ତୁ ଏହାକୁ ଭଲପାଇ ପାରିବୁ?' ମନ ଯଦି ଅସ୍ୱୀକାର କରିବ, ତେବେ ମନ ବିପକ୍ଷରେ ଛିଡ଼ା ହେବୁ.... 'ଦେଖ, ପାରିବୁ ନାହିଁ ବୋଲି କହୁଛୁ କାହିଁକି?' ଏଇ ପରପାଇଁ ଯେତେବେଳେ ତୁ ତୋର ଗଳାଟା କାଟି ଦେଇ ପାରିବୁ, ସେତେବେଳେ ଜାଣିବୁ ତୁହିଁ ଭଗବାନଙ୍କୁ ଭଲ ପାଉଛୁ। ଐସଭୟଙ୍କ ଶବ୍ଦର ଅର୍ଥ ହେଉଛି ଐଙ୍କଙ୍ଖବଭସଫ୍ଚ (ମାନବତ୍ୱର ପ୍ରତୀକ), ଓଭୟସଙ୍ଖସୟଙ୍କବକ୍ଷ-ସଫ୍ଚ (ବ୍ୟକ୍ତିତ୍ୱର ପ୍ରତୀକ), ଘବଫ୍ସକ୍ଟଭବକ୍ଷସଫ୍ଚ (ଜାତୀୟତାର ପ୍ରତୀକ), ଉସଙ୍ଖସଭସଫ୍ଚ (ଦୈବତ୍ୱର ପ୍ରତୀକ) ଏବଂ ଟଭସଫ୍ଚ (ଏକତ୍ୱର ପ୍ରତୀକ) ଯାହା ମଧ୍ୟରେ ସମସ୍ତଗୁଣ ଥାଏ ସେ ପ୍ରକୃତ ହିନ୍ଦୁ। ଏହି ପାଞ୍ଚୋଟି ଅନ୍ତର ପ୍ରବାହ ହୋଇ ରହିଛି ପ୍ରେମ। ପ୍ରକୃତ ହିନ୍ଦୁ, ମୁସଲ୍‌ମାନ ବା ଖ୍ରୀଷ୍ଟିୟାନ ପ୍ରେମସ୍ୱରୂପ ହେବା ଆବଶ୍ୟକ। ମୁସଲମାନମାନେ ପ୍ରାର୍ଥନା କରିଥାନ୍ତି, 'ଆଲ୍ଲା ହୋ ଆକବର୍' ଅର୍ଥାତ୍ ଈଶ୍ୱର ହିଁ ମହାନ୍। ଇସ୍‌ଲାମର ଅର୍ଥ ହେଲା ଶାନ୍ତି। ତେଣୁ ଯିଏ ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରେ ସେ ପ୍ରକୃତ ମୁସଲମାନ। ଏକ ପ୍ରେମପୂର୍ଣ୍ଣ ହୃଦୟରୁ ଶାନ୍ତି ବିକଶିତ ହୁଏ। ପ୍ରେମ ବିନା ଜଣେ ଶାନ୍ତି ପାଇ ପାରେନା, ତେଣୁ ଯେ କୌଣସି ଜାତି, ଧର୍ମ ବା ମତବାଦ ପାଇଁ ମୂଳ ହେଲା ପ୍ରେମ। ପ୍ରେମ ହିଁ ଶିବ, ପ୍ରେମ ହିଁ ମଙ୍ଗଳ, ପ୍ରେମ କାହାକୁ କଷ୍ଟ ଦିଏନା। ଯାହା କଷ୍ଟ ଦିଏନା ତାହା ହିଁ ଶିବ। ପ୍ରେମଶୂନ୍ୟ ମାନବକୁ ଶବ, ପ୍ରେମଯୁକ୍ତ ମାନବକୁ ଶିବ କହିବା ଠିକ୍ ହେବ।

ପ୍ରଫେସର, ହେପାଟୋଲାଜି ବିଭାଗ
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ



ମହାଭାରତ
ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






# ଅବହେଳିତ ଅବସ୍ଥାରେ ମା' ରଙ୍କେଇଙ୍କ ମନ୍ଦିର



**ହିନ୍ଦୋଳ,(ମହାଭାରତ) :** ଏକ ପୁରାତନ ଗଡ଼ଜାତ ଅଞ୍ଚଳ ହୋଇଥିବା ବେଳେ ଆବାହମାନ କାଳରୁ ହିନ୍ଦୋଳର ଅଧିଷ୍ଠାତ୍ରୀ ଦେବୀ ମା ରଙ୍କେଇଙ୍କ ଖ୍ୟାତି ସବୁଆଡେ ବ୍ୟାପ୍ତ ।ଘନ ବଣ ଜଙ୍ଗଲ ଘେରା ସୁନ୍ଦର ପରିବେଶ ମଧ୍ୟରେ ଶୋଭା ପାଉଛି ମା ଙ୍କ ପୀଠ ।କୁହଯାଏ କୁଆଡେ ଅଞ୍ଚଳ ବାସୀ ବିପଦରେ ଡାକିଲେ ମା ପ୍ରତ୍ୟକ୍ଷ ଭାବେ ନ୍ତଓନ୍ତ କରନ୍ତି । ଆଖପାଖ ଅଞ୍ଚଳ ଏପରିକି ସାରା ରାଜ୍ୟରେ ମାଙ୍କ ଶ୍ରଦ୍ଧାଳୁଙ୍କ ସଂଖ୍ୟା କିଛି କମ ନୂହେଁ। ମାତ୍ର ଏହି ପୁରାତନ ମନ୍ଦିରଟି ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ପଡିଥିବା ଯୋଗୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ମନରେ ଗଭୀର ଆଘାତ ସୃଷ୍ଟି ହୋଇଛି ।ମୁଖ୍ୟ ରାସ୍ତା ଠାରୁ ପ୍ରାୟ ଦେଢ କିଲୋମିଟର ଦୂରରେ ଅବସ୍ଥିତ ଏହି ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାଟି ସମ୍ପୂର୍ଣ୍ଣ ଅଣଓସାରିଆ ଏବଂ ବିପଦ ସଙ୍କୁଳ ଅବସ୍ଥାରେ ଅଛି। ରାସ୍ତାର ପାର୍ଶ୍ୱରେ ପ୍ରାୟ ୩୦ ଫୁଟ ଗଭୀର ଖାଲ ଥିବାବେଳେ ଆଜି ପର୍ଯ୍ୟନ୍ତ କୌଣସି ପ୍ରକାରର ବ୍ୟାରିକେଡର ବ୍ୟବସ୍ଥା ମଧ୍ୟ ହୋଇପାରିନାହିଁ। ସେହିଭଳି ମନ୍ଦିର ପରିସରଟି ନଟିଘାଟ ପୂର୍ଣ୍ଣ ଅଞ୍ଚଳରେ ପରିଣତ ହୋଇଥିବା ବେଳେ ସୌନ୍ଦର୍ଯ୍ୟକରଣ ବାଟବଣା ହୋଇଥିବାର ଦେଖିବାକୁ ମିଳିଛି। ସବୁଠାରୁ ବଡକଥା ହେଲା ଐତିହାସିକ ଗୁରୁତ୍ୱ ବହନ କରୁଥିବା ଏହି ମନ୍ଦିରଟି ହିନ୍ଦୋଳ ଦେବୋତ୍ତର ବିଭାଗ ଅଧୀନରେ ଥିବାବେଳେ ଏହା ପ୍ରତି ହେଉଥିବା ପ୍ରାଶାସନିକ ଉଦାସୀନତା ସମସ୍ତ ଅଞ୍ଚଳବାସୀଙ୍କୁ ନିରାଶ କରିଛି ।ହିନ୍ଦୋଳ ଏନ୍, ଏ , ସି କୋଟି କୋଟି ଟଙ୍କା ଟଙ୍କା ବ୍ୟୟ କରୁଥିବା ବେଳେ ଏହି ମନ୍ଦିରର ଉନ୍ନତିକରଣ କାହାରି ଦୃଷ୍ଟିରେ ଆସୁନାହିଁ ।ତେବେ ସରକାରୀ ଅନୁଦାନ ପାଇଲେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ମନ୍ଦିରଟି ହିନ୍ଦୋଳ ଅଞ୍ଚଳର ଏକ ପ୍ରସିଦ୍ଧ ଦର୍ଶନୀୟ ସ୍ଥଳୀ ହୋଇପାରନ୍ତା ବୋଲି ଜନସାଧାରଣ ନିଜର ମତ ରଖିଛନ୍ତି ।ଉଭୟ ଦେବୋତ୍ତର ବିଭାଗ ଏବଂ ହିନ୍ଦୋଳ ଘଇଉ କର୍ତ୍ତୃପକ୍ଷ କେବେ ଏହାର ଉନ୍ନତିକରଣ ଉପରେ ନଜର ଦେବେ ତାହା ଦେଖିବାକୁ ବାକି ରହିଲା।

# ବାଲି ଓଭର ଲୋଡିଙ୍ଗ ପ୍ରତି କାର୍ଯ୍ୟାନୁଷ୍ଠାନ କେବେ ?

**ଗଜପତି,(ମହାଭାରତ) :** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ବାଲି ଓଭର ଲୋଡିଙ୍ଗ ଦୀର୍ଘ ଦିନ ହେଲା ଚାଲିଛି କିନ୍ତୁ ବିଭାଗ ଏଥି ପ୍ରତି କିଛି ବି ପଦକ୍ଷେପ ନେଉ ନାହାଁନ୍ତି । ପ୍ରକାଶ ଥାଉ କି କାଶୀ ନଗରରୁ ବାଲି ଓଭର ଲୋଡିଙ୍ଗ ଚାଲିଛି ପାହାନ୍ତିଆରୁ ଟ୍ରାକ୍ଟର ଓ ଟିପ୍ପରରେ ବାଲି ଯାଉଛି କିନ୍ତୁ ବିଭାଗ କାଗଜପତ୍ର ଯାଞ୍ଚ ଓ ଓଭର ଲୋଡିଙ୍ଗ ପ୍ରତି ଦୃଷ୍ଟି ଦେଲେ ଜନସାଧାରଣ ଉପକୃତ ହୋଇପାରିବେ। ସହରରେ ଦିନକୁ ଦିନ ବାଲି ଓଭର ଲୋଡିଙ୍ଗ ଚାଲିଛି ଯାହା ଫଳରେ ଟ୍ରାଫିକ ସମସ୍ୟା ଉପୁଜୁଛି। ଟ୍ରାକ୍ଟରରେ ତ୍ର ।ପଲ ମଧ୍ୟ ଘୋଡ଼ା ଯାଉ ନାହିଁ ଯାହା ଫଳରେ ବାଲି ଉଡ଼ି ଜନସାଧାରଣଙ୍କ ଆଖିରେ ପଡୁଛି ଯାହା ଫଳରେ ଜନସାଧାରଣଙ୍କ ଯାତାୟତରେ ବାଧା ସୃଷ୍ଟି ହେଉଛି। ଏତଦବ୍ୟତିତ କିଛି ଟ୍ରାକ୍ଟର ଡ୍ରାଇଭରଙ୍କ ଲାଇସେନ୍ସ ନଥ ।ଏ କାରଣ ସେମାନେ ଶ୍ରମିକରୁ ଡ୍ରାଇଭର ହୋଇଥ ।ନ୍ତି ଓ ସେମାନେ ଅଶିକ୍ଷିତ ଅଟନ୍ତି ସେମାନଙ୍କ ଅଭିଜ୍ଞତା ନଥାଇ ଟ୍ରାକ୍ଟର ଚଳାଇ ଥାନ୍ତି। ଏଣୁ ଯାଞ୍ଚ କରିବା ଆବଶ୍ୟକତା ରହିଛିବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



# ଲକ୍ଷେ ଟଙ୍କାରେ ୫ ଦିନର ଶିଶୁପୁତ୍ର ବିକ୍ରି



**ପାରାଦୀପ,(ମହାଭାରତ) :** ବନ୍ଦର ସହର ପାରାଦୀପରେ ୫ ଦିନର ଶିଶୁପୁତ୍ର ବିକ୍ରି ହେବା ଘଟଣା ସମଗ୍ର ସହରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଘଟଣାରୁ ପ୍ରକାଶଯେ,ପାରାଦୀପ ନୂଆବଜାର ଅଂଚଳରେ ରହୁଥିବା ଜନୈକା ମହିଳା ଗତ ରବିବାର ଦିନ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ । ନବଜାତ ଶିଶୁପୁତ୍ରକୁ ସ୍ଥାନୀୟ ଜଣେ ବ୍ୟକ୍ତି ଏକ ଲକ୍ଷ ଟଙ୍କାରେ ବିକ୍ରି କରି ଦେଇଥିବା ଜଣା ପଡିଛି । ନବଜାତ ଶିଶୁପୁତ୍ରକୁ କିଣି ଥିବା ବ୍ୟକ୍ତି ଆନ୍ଧ୍ର ପ୍ରଦେଶର ଭାଇଜାଗ ଅଂଚଳର ଜଣକୁ ବିକ୍ରି କରି ଦେଇଥିବା ସୂଚନା ମିଳିଛି। ଏହି ଖବର ପ୍ରଚାରିତ ହେବା ପରେ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ଶକୁନ୍ତଳା ଚୌଧୁରୀ ପାରାଦୀପ ଆଦର୍ଶ ଥାନା ଓ ଜଟାଧାର ମୁହାଣ ସାମୁଦ୍ରିକ ଥାନା ସହାୟତାରେ ଷଣ୍ଢକୁଦ, ନୂଆବଜାର ଓ ସବ୍‌ଷ୍ଟେସନ୍ ଛକ ମୁଣ୍ଡାପଡା ଅଂଚଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ଲକ୍ଷେ ଟଙ୍କାରେ ପିଲା ବିକ୍ରି ହେଉଥିବା କଥା ଆଲୋଚନା ହେଉଥିବା ବେଳେ ପ୍ରକୃତ ଟଙ୍କାର ପରିମାଣ ସଂମ୍ପର୍କରେ ପୂର୍ଣ୍ଣାଙ୍ଗ ତଥ୍ୟ ମିଳି ପାରିନାହିଁ । ସମ୍ପୃକ୍ତ ମହିଳା ଗର୍ଭବତୀ ଥିବା ସମୟରେ ଗର୍ଭପାତ କରିବାକୁ ଚାହୁଁଥିଲେ । ମାତ୍ର ସେ ପିଲାଟିକୁ ସ୍ଥାନୀୟ ଜଣେ ବ୍ୟକ୍ତି ନେବା ପାଇଁ ଅନୁରୋଧ କରିଥିଲେ, ଏପରିକି ମହିଳାଙ୍କ ସମସ୍ତ ଖର୍ଚ୍ଚ ସେ କରିଥିଲେ । ରବିବାର ଶିଶୁପୁତ୍ର ଜନ୍ମ ହେବା ପରେ ପିଲାଟିକୁ ଅନ୍ୟଜଣକୁ ବିକ୍ରି କରିଥିବା ସିଡବ୍ଲ୍ୟୁସି ସ୍ପଷ୍ଟ କରିଛି । ତେବେ ଆସନ୍ତକାଲି ସୁଦ୍ଧା ପିଲାକୁ ପୋଲିସ ନିକଟରେ ହାଜର କରିବା ପାଇଁ ସଂପୃକ୍ତ ବ୍ୟକ୍ତି ଜଣକ ପ୍ରତିଶୃତି ଦେଇଥିବା ଜଣାପଡିଛି । ଏହି ମହିଳା ଜଣକ ଏବେ ପାରାଦୀପ ଛାଡି କଟକ ଚାଲି ଯାଇଥିବା ତାଙ୍କ ମାଉସୀ କହିଛନ୍ତି।

# ବିଜେପି ପକ୍ଷରୁ ରକ୍ତଦାନ ଶିବିର

**ଭଞ୍ଜନଗର,(ମହାଭାରତ) :** ଜନସାଧାରଣଙ୍କ ସୁରକ୍ଷା ସାଙ୍ଗକୁ ରକ୍ତଦେଇ ଜୀବନ ବଞ୍ଚାଇବା ଭଳି ମହତ କାର୍ଯ୍ୟ ପାଇଁ ରକ୍ତଦାନ ଶିବିର ଆୟୋଜନ ହୋଇଛି। ବିଶେଷ କରି ଏହି ସମୟରେ ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ପୂରଣ କରିବା ଦିଗରେ ଗୁରୁବାର ଭଞ୍ଜନଗର ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ଟାଉନ ହଲ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଭଞ୍ଜନଗର ଓ ଆଖପାଖ ଗ୍ରାମାଞ୍ଚଳରୁ ବହୁ ଉତ୍ସାହୀ ଯୁବକ ସାମିଲ ହୋଇ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଦ୍ୟୁମ୍ନ ନାୟକ ଯୋଗ ଦେଇ ଶିବିର କୁ ଉଦଘାଟନ କରିବା ସହ ରକ୍ତଦାତା ଙ୍କୁ ଉତ୍ସାହିତ କରିଥିଲେ। ମେଡ଼ିକାଲ ଅଧିକ୍ଷକ ଡ଼. ସିଂତାଂଶୁ ଶେଖର ଶତପଥୀ, ପରିଚାଳକ ବିଚିତ୍ର ପାଣିଗ୍ରାହୀ, ଯୁବ ନେତା ଶିବ ଶଙ୍କର ପ୍ରଧାନ, ଜ୍ୟୋତି ସ୍ୱାମୀ ସାହୁ ପ୍ରମୁଖ ଯୋଗ ଦେଇ ରକ୍ତଦାତା ଙ୍କୁ ଉତ୍ସାହିତ କରିଥିଲେ। ମୋଟ ୧୧୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଧୋବା ଗୌଡ଼, ସୁବାସ ବରାଡ,ବ୍ରହ୍ମାନନ୍ଦ ଦାସ, ଶିବ ପ୍ରସାଦ ମହାପାତ୍ର, ରବୀନ୍ଦ୍ର କୁମାର ଗୌଡ଼, ହୃଷିକେଶ ପ୍ରଧାନ,ମନୋଜ ପଣ୍ଡା, ନାରାୟଣ ନାୟକ ଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ରକ୍ତ ଭଣ୍ଡାର କର୍ମଚାରୀ ରକ୍ତ ସଂଗୃହୀତ କରିଥିଲେ।



# ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଭାବେ ଦାୟିତ୍ୱ ନେବାକୁ ନାରାଜ

## ସ୍କୁଲରେ ତାଲା ପକାଇଲେ ପରିଚାଳନା କମିଟି

**ବେଗୁନିଆ,(ମହାଭାରତ) :** ବେଗୁନିଆ ବ୍ଲକ ଗଡ଼ମାଣତୀର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର- ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ସରକାରୀ କାର୍ଯ୍ୟରେ ବ୍ୟତିକ୍ରମ ନେଇ ସ୍କୁଲର ଉନ୍ନତୀକରଣ ପାଇଁ କାର୍ଯ୍ୟ କରୁଥିବା ବିଭିନ୍ନ କମିଟିର ସଭ୍ୟମାନେ ଉକ୍ତ ବିଦ୍ୟାଳୟର କେତେଜଣ ଶିକ୍ଷକଙ୍କୁ ତାଲା ପକାଇ ଦେଇଥିଲେ। ପୋଲିସର ହସ୍ତକ୍ଷେପ ପରେ ଅଟକ ଶିକ୍ଷକଙ୍କୁ ଉଦ୍ଧାର କରାଯାଇଥିଲା। ଅନ୍ୟପଟେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଭାବେ ଦାୟିତ୍ୱ ଗ୍ରହଣ ନ କରିବା ଏବଂ ଜଣେ ସହକାରୀ ଶିକ୍ଷକଙ୍କୁ ଛୁଟି ମଞ୍ଜୁର ମିଳିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଥାଉ କି, ୧୯୫୬ ମସିହାରୁ ସ୍ଥାପିତ ଏହି ଗଡ଼ମାଣତୀର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୫୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଗତ ଜୁନ ୩୦ରେ ପୂର୍ବତନ ପ୍ରଧାନ ଶିକ୍ଷକ ପୁଷ୍ପାଙ୍ଗିନୀ ଦାସ ଅବସର ନେଇଥିଲେ। ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ବେଗୁନିଆ ବିଧାୟକ ଏବଂ ବ୍ଲକ ଶିକ୍ଷା ଅଧିକାରୀ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିନୋଦ ପଣ୍ଡାଙ୍କୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ପଣ୍ଡା ଦାୟିତ୍ୱ ନେବାକୁ ମନାକରି ଦେଇଥିଲେ। ପରେ ବ୍ଲକ ଶିକ୍ଷା ଅଧିକାରୀ ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇ ନିଷ୍ପତ୍ତି ନେବେ ବୋଲି ବୈଠକରେ ନିଷ୍ପରି ହୋଇଥିଲା । ଗତ ୪ ଦିନ ହେବ ବିଦ୍ୟାଳୟର ସରକାରୀ କାର୍ଯ୍ୟରେ ବାଧା ଉପୁଜିଥିଲା। ଏପରିକି ଜୁଲାଇ ୪ରେ ଜଣେ ସହକାରୀ ଶିକ୍ଷକଙ୍କୁ ଛୁଟି ମଞ୍ଜୁର ମିଳିଥିଲା। ଏହା ସ୍ପଷ୍ଟ ହେବା ପରେ ବିଦ୍ୟାଳୟର ଉନ୍ନତୀକରଣ ପାଇଁ କାର୍ଯ୍ୟ କରୁଥିବା ପରିଚାଳନା ଏବଂ ମୋ ସ୍କୁଲର କମିଟିର ସଭ୍ୟମାନେ ବିଦ୍ୟାଳୟରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ଅଫିସ ଗୃହରେ ବସିଥିବା ୩ ରୁ ୪ଜଣ ଶିକ୍ଷକଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପ୍ରଧାନ ଶିକ୍ଷକ ଦାୟିତ୍ୱ କେହି ନେଇ ନ ଥିବା ବେଳେ କିପରି ଜଣେ ଶିକ୍ଷକଙ୍କ ଛୁଟି ମଞ୍ଜୁର ହେଲା ବୋଲି ଜାଣିବାକୁ ଚାହିଁଥିଲେ। କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ କମିଟି ସଭ୍ୟମାନେ ଅଫିସ ଘରେ ଥିବା ଶିକ୍ଷକମାନଙ୍କୁ ଅପରାହ୍ନ ୪ଟାରେ ତାଲା ପକାଇ ଦେଇଥିଲେ। ଘଟଣାର ସମାଧାନ ପାଇଁ ଘଟଣାସ୍ଥଳକୁ ସିଆରସିସି ଯାଇଥିଲେ ମଧ୍ୟ ବିଫଳ ହୋଇଥିଲେ। ପରେ ଶିକ୍ଷା ଅଧିକାରୀ ବେଗୁନିଆ ଥାନା ପୋଲିସର ସହଯୋଗ ଲୋଡିଥିଲେ। ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ପହଞ୍ଚି ଶିକ୍ଷକ ପରିଚାଳନା କମିଟି ସଭ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ସରକାରୀ ନିୟମ ଅନୁସାରେ ସମସ୍ୟାର ସମାଧାନ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଅଟକ ଶିକ୍ଷକଙ୍କୁ ଛାଡ଼ିଥିଲେ। କମିଟି ପକ୍ଷରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ପରେ ଏ ପର୍ଯ୍ୟନ୍ତ କାହାକୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ହସ୍ତାନ୍ତର ନ କରିବା ନିନ୍ଦନୀୟ । ଦୁଇ ଦିନ ମଧ୍ୟରେ ସମାଧାନ ନ ହୁଏ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି ।

# ବିଭିନ୍ନ ବିଭାଗର କାର୍ଯ୍ୟରତ କର୍ମଚାରୀଙ୍କ ବଦଳି କେବେ ?

**ଗଜପତି,(ମହାଭାରତ) :** ଜିଲ୍ଲା ଏକ ଆଦିବାସୀ ଅଧୁସିତ ପାହାଡ଼ ପର୍ବତ ଘେରା ଅଞ୍ଚଳ ଅଟେ। ଏଠାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଚାଲିଛି ଏହାକୁ ସୁପରିଚାଳନା କରିବା ସକାଶେ ବିଭିନ୍ନ ବିଭାଗ ରହିଛି ଓ ବିଭିନ୍ନ ବିଭାଗର ପଦ ଅଧିକାରୀ ରହିଛନ୍ତି। କିନ୍ତୁ ବିଭାଗରେ କର୍ଯ୍ୟରତ କର୍ମଚାରୀଙ୍କ ଦୀର୍ଘ ବର୍ଷ ହେଲା ବଦଳି ହେଉ ନାହିଁ ଯାହା ଫଳରେ ସ୍ୱଚ୍ଛତା ଉପରେ ପ୍ରଶ୍ନ ବାଚି ସୃଷ୍ଟି କରିଛି। ସରକାରଙ୍କ ନିୟମ ଅନୁଯାୟୀ ୩ ବର୍ଷ ହୋଇଗଲେ କ୍ଷେତ୍ର କର୍ମଚାରୀ ହେଉ କିମ୍ବା ଅଫିସ କର୍ମଚାରୀ ଅନ୍ୟତ୍ର ବଦଳି ହେବା ନିୟମ ରହିଛି। କିନ୍ତୁ ଦୀର୍ଘ ବର୍ଷ ହେଲା ବିଭାଗର କର୍ମଚାରୀ ବଦଳି ନ ହେବା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜିଲ୍ଲାର ବିକାଶ ଓ ସ୍ୱଚ୍ଛତା ନେଇ ନୂତନ ସରକାର ତୁରନ୍ତ କର୍ମଚାରୀ ମାନଙ୍କୁ ବଦଳି କରିବା ସକାଶେ ସାଧାରଣରେ ଦାବୀ ହେଉଛି।



# ଲୋକଙ୍କ ଦୁଃଖସୁଖ ବିଝିଥିଲେ ଜିଲ୍ଲାପାଳ ଓ ଆରୋକ୍ଷୀ ଅଧିକ୍ଷକ



**ରାୟଗଡ,(ମହାଭାରତ) :** ରାୟଗଡ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏବଂ ଆରୋକ୍ଷୀ ଅଧିକ୍ଷକ ହରିଶା ବି.ସି ଦୁହେଁ ମିଶି କଲ୍ୟାଣୀସିଂହପୁର ବ୍ଲକର ପାର୍ସଲୀ ଗ୍ରାମ ପଂଚାୟତ ଅନ୍ତର୍ଗତ ନିୟମଗିରି ଅଂଚଳର ଆଦିମ ଜନଜାତି ବହୁଳ ଲମ୍ବା ଓ ଡ଼ଙ୍ଗାମାଟି ଗ୍ରାମ ପରିଦର୍ଶନ କରିଥିଲେ । ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଅନ୍ତର୍ଗତ ଲମ୍ବା ଓ ଦଙ୍ଗାମାଟି ଗ୍ରାମର ଜନଜାତିଙ୍କ ଘର ବୁଲିବା ସାଙ୍ଗରେ ହିତାଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ବିଶେଷକରି ସ୍ୱାସ୍ଥ୍ୟ ସେବା ପାଉଛନ୍ତି କି ନାହିଁ, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଦ୍ୟ ଦିଆଯାଉଛି କି ନାହିଁ, ଆଶା ଅଙ୍ଗନବାଡି ନିୟମିତ ଆସୁଛନ୍ତି କି ନାହିଁ ବୋଲି ପଚାରିଥିଲେ । ଏହି ଗ୍ରାମରେ ସୌର ଚଳିତ ବିଦ୍ୟୁତ ଯୋଗାଇ ଦିଆଯାଇଥିବାରୁ ତାହା ଯଥେଷ୍ଟ ହେଉନଥିବା ଗ୍ରାମବାସୀ ମାନେ ପ୍ରକାଶ କରିଥିଲେ । ଖୁବ ଶୀଘ୍ର ଏହି ଗ୍ରାମରେ ସର୍ଭେ କରାଯାଇ ବିଦ୍ୟୁତ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ଆସନ୍ତା ୫ତାରିଖରୁ କେମ୍ପ କରାଯାଇ ଆଧାର, ଜନ୍ମ ପ୍ରମାଣ ପତ୍ର ଓ ଜାତି ପ୍ରମାଣ ପତ୍ର ଯୋଗାଇ ଦିଆଯିବ ବୋଲି ବିଡ଼ିଓ ପ୍ରକାଶ କରିଥିଲେ। ଜିଲ୍ଲା ପୋଲିସ ବିଭାଗ ତରଫରୁ ବୟସ୍କ ବ୍ୟକ୍ତି ମାନଙ୍କ ନିମନ୍ତେ ଛତା, କମ୍ବଳ ଓ ଟି ସାର୍ଟ ପ୍ରଦାନ କରିଥିବାବେଳେ ଶିଶୁ ମାନଙ୍କୁ ସ୍କୁଲ ବ୍ୟାଗ, ପାଣିବତଲ, ପେନସିଲ, ରବର ଓ କ୍ୟାପ ପ୍ରଦାନ କରିଥିଲେ । ଏହି ପରିଦର୍ଶନ ସମୟରେ ଅନ୍ୟମାନଙ୍କ ମଧ୍ୟରେ କଲ୍ୟାଣସିଂ ବିଡ଼ିଓ ମନୀଷା ଦାଶ, କଲ୍ୟାଣ ସିଂପୁର ଥାନାର ଭାରପ୍ରାପ୍ତ ଅଧିକାରୀ ଓ ଅନ୍ୟାନ୍ୟ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ ।

# ଠିକା କର୍ମଚାରୀଙ୍କୁ ସମାନ କାମକୁ ସମାନ ଦରମା ଦେବାକୁ ଶ୍ରମିକ ସଙ୍ଗଠନର ଦାବି

**ପାରାଦୀପ,(ମହାଭାରତ) :** ପାରାଦୀପ ବନ୍ଦରରେ ଠିକା କର୍ମଚାରୀଙ୍କ (ଡିଏଲଆର) ପାଇଁ ସମାନ କାର୍ଯ୍ୟକୁ ସମାନ ମଜୁରୀ ପ୍ରଦାନ କରିବା, ଅବସର ସମୟରେ ସେମାନଙ୍କୁ ୧୫ଲକ୍ଷଟଙ୍କା ପ୍ରଦାନ କରିବା, ଅବସର ପରେ ୩ବର୍ଷ ପାଇଁ ନିଜ କାମରେ ରହିବାକୁ ଅନୁମତି ପ୍ରଦାନ କରିବା ଓ ସେମାନଙ୍କୁ ପାରାଦୀପ ବନ୍ଦର କର୍ମଚାରୀମାନଙ୍କ ପରି ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଦାବୀ କରିଛନ୍ତି ଶ୍ରମିକ ନେତା ବାପି ସାର୍ଖେଲ । ପାରାଦୀପ ଏରସମା ଶିଳ୍ପାଂଚଳ ଶ୍ରମିକ ସଂଘର ସଭାପତି ଶ୍ରୀ ସାର୍ଖେଲ ଏସମ୍ପର୍କରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟ, କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ, ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ,ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀଙ୍କ ସମେତ ଜଗତସିଂହପୁର ସାଂସଦଙ୍କୁ ଦାବୀପତ୍ର ପ୍ରଦାନ କରାଯାଇ ଥିବା ପ୍ରେସ ଇସ୍ତାହାରରୁ ସୂଚନା ମିଳିଛି । ପ୍ରକାଶଥାଉକି, ଏହି ଠିକା କର୍ମଚାରୀମାନେ ଦୀର୍ଘ ୨୦ରୁ ୨୫ ବର୍ଷ ହେବ ଏମାନେ ପାରାଦୀପ ବନ୍ଦର କାର୍ଯ୍ୟରେ କାମ କରି ଆସୁଛନ୍ତି । ବନ୍ଦରର ସ୍ଥାୟୀ କର୍ମଚାରୀମାନେ ଅବସର ପରେ ଏହି ଠିକା କର୍ମଚାରୀମାନେ ସେମାନଙ୍କ ସ୍ଥାନରେ ନିଷ୍ଠାପର ଭାବେ କାମ କରି ଆସୁଛନ୍ତି ଏଣୁ ଏମାନଙ୍କୁ ସମାନ କାମକୁ ସମାନ ଦରମା ଦେବା ସହିତ ଅନ୍ୟ ସମସ୍ତ ସୁବିଧା ଯୋଗାଇ ଦେବାକୁ ଶ୍ରୀ ସାର୍ଖେଲ ଦାବୀ ଜଣାଇଥିବା ଜଣାପଡିଛି ।

# ସ୍କୁଲ ବନ୍ଦଙ୍କୁ ନେଇ ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ପ୍ରତିନିଧି ଦଳ



**ଆସିକା,(ମହାଭାରତ) :** ଆସିକା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧୀନ ଚିନିଶିଳ୍ପ ନୂଆଗାଁ ବାବନପୁର କ୍ଲଷ୍ଟର ଅଧୀନ ସୁଗାରଇଣ୍ଡଷ୍ଟ୍ରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉପଗ୍ରେଡ଼ ନହୋଇ ବନ୍ଦ ହେବା ଅଭିଯୋଗ ନେଇ ବିଜେପି ନେତା ମହେଶ ମହାନ୍ତି ନେତୃତ୍ୱରେ ଆଇନଜୀବି ଲଳିତ ଦାଶ ବିଜେପି ନେତା ତଥା ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ୍ୱାର୍ଡ କାଉ ନସିଲର ରାଘବ ସିୟ, ଯୁବ ବିଜେପି ନେତା କାହ୍ନା ନାହାକ ପ୍ରମୁଖ ଓଡିଶା ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କୁ ଭେଟି ତାଙ୍କ ସହ ଏହି ବିଷୟରେ ପୁଙ୍ଖାନୁପୁଙ୍ଖ । ଆଲୋଚନା କରିଛନ୍ତି । ପ୍ରକାଶ ଥାଉକି ଗତ ୨୦୨୨-୨୩ ଶିକ୍ଷା ବର୍ଷରେ ଆସିକା ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୯୭୩ ତାରିଖ ୦୫/୧୦/ ୨୩ ପ୍ରକାରରେ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ଆସିକା ବ୍ଲକର ସିଦ୍ଧନଇ ସ୍କୁଲ ଏବଂ ସୁଗାରଇଣ୍ଡଷ୍ଟ୍ରି ସ୍କୁଲ ଦୁଇଟି ଅପଗ୍ରେଡ଼ କରିବାକୁ ଚିଠି ଲେଖିଥିଲେ । କିନ୍ତୁ ରାଜ୍ୟ ସରକାର ଙ୍କ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଙ୍କ ନିର୍ଦ୍ଦେଶ ପ୍ରକାର ରେ ସିଦ୍ଧନଇ ସ୍କୁଲକୁ ଅପଗ୍ରେଡ଼ କରି ନୂଆଗାଁ ସ୍କୁଲ କୁ ଅପଗ୍ରେଡ଼ ନକରି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହି କ୍ରମରେ ଆସିକା ବ୍ଲକ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ପତ୍ର ସଂଖ୍ୟା ୬୭୦ ତାରିଖ ୦୫/୦୪/୨୪ ପ୍ରକାରରେ ସୁଗାରଇଣ୍ଡଷ୍ଟ୍ରି ସ୍କୁଲରେ ଅଧୟନ ରତ ଛାତ୍ର ଛାତ୍ରୀ ମାନଙ୍କ ସାର୍ଟିଫିକେଟ, ଆବଶ୍ୟକୀୟ ରେକେଡ଼ ସମେତ ସମସ୍ତ ଆସବାବପତ୍ର ନିକଟସ୍ଥ ସ୍କୁଲ କୁ ହସ୍ତାନ୍ତର କରିବାକୁ ଚିଠି କରିଛନ୍ତି। ଏହି ଚିଠି ପାଇବା ପରେ ଗ୍ରାମବାସୀ, ଅବିଭାବକ, ସୁରକ୍ଷା ମଞ୍ଚ ଏବଂ ବୁଦ୍ଧିଜୀବୀ ଏସମ୍ପର୍କ ରେ ସ୍କୁଲ ଆଗରେ ଧାରଣା ଦେଇଥିଲେ । ବ୍ଲକ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ କୌଣସି ପ୍ରକାର ନିଷ୍ପତି ନନେବାରୁ ବାଧ୍ୟ ହୋଇ ମନ୍ତ୍ରୀ ସହ ସାକ୍ଷାତକାର କରି ଗୁହାରି ଜଣାଇଛନ୍ତି । ମାନ୍ୟବର ମନ୍ତ୍ରୀ ନିଶ୍ଚୟ ଏଥି ପ୍ରତି ଦୃଷ୍ଟି ଦେବାକୁ ପ୍ରତିଶୃତି ଦେଇଛନ୍ତି ।

# ଅନୁଗୋଳ ପରିବୀକ୍ଷଣ ଛାତ୍ରାବାସରେ ନାବାଳକଙ୍କ ଆତ୍ମହତ୍ୟା



**ଅନୁଗୋଳ,(ମହାଭାରତ) :** ଅନୁଗୋଳ ପରିବୀକ୍ଷଣ ଛାତ୍ରାବାସ ତଥା ପର୍ଯ୍ୟବେକ୍ଷଣ ଗୃହ ଏବଂ ସ୍ୱତନ୍ତ୍ର ଆବାସରେ ଜଣେ ନାବାଳକ ଯାହାର ନାମ ବଳିଆ ପ୍ରଧାନ ଆତ୍ମହତ୍ୟା କରିଛନ୍ତି । ବଳିଆ ପ୍ରଧାନ ଘର ଜଗତସିଂହପୁର ଅଞ୍ଚଳରେ । ଗତ ୭-୮ ମାସ ପୂର୍ବରୁ ଆସିଥିବା ଅନୁଗୋଳର ଭାରପ୍ରାପ୍ତ ଉପଖଣ୍ଡ ପରିବୀକ୍ଷଣ ଅଧିକାରୀ ଅମୀର କୁମାର ନାଥଶର୍ମା ସୂଚନା ଅନୁସାରେ ସେ ଏକ ଚୋରୀ କେସରେ କଟକ ଜୁଭେନାଇଲ ଜଷ୍ଟିସ ବୋର୍ଡ଼ ଜରିଆରେ ଅନୁଗୋଳକୁ ଆସିଥିଲେ ବଳିଆ। ଶ୍ରୀଯୁକ୍ତ ନାଥଶର୍ମାଙ୍କ ସୂଚନା ଅନୁଯାୟୀ ଆତ୍ମହତ୍ୟା କରିଥିବା ନାବାଳକଙ୍କ ସାଇକ୍ରାଟିକ ପ୍ରୋବ୍ଲେମ ବା ମାନସିକ ଅବସାଦରେ ସେ ରହୁଥିଲେ ଏବଂ ତାଙ୍କର ଜଣେ ଡାକ୍ତରଙ୍କ ଅଧୀନରେ ଚିକିତ୍ସା ମଧ୍ୟ ଚାଲିଥିଲା ।ଏହା ସହ ସେ ମେଡ଼ିସିନ ଖାଇବା ସହ ତାଙ୍କର କାଉନସେଲିଂ ମଧ୍ୟ ଚାଲୁଥିଲା । କିନ୍ତୁ କେଉଁ କାରଣରୁ ସେ ଆତ୍ମହତ୍ୟା କରିଛି ସେଭଳି କିଛି ଜଣା ପଡୁ ନଥିବା ବେଳେ ଯେହେତୁ ସେ ଦୀର୍ଘ ଦିନ ହେବ ସୁଧାର ଛାତ୍ରବାସ ରେ ରହିଥିଲା ତେଣୁ ଏଭଳି କରିଥିବା ଅନୁମାନ କରାଯାଉଛି । ଘଟଣା ଜଣାପଡ଼ିବା ପରେ ତୁରନ୍ତ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ବିଷୟରେ ଖବର ପାଇ ଅନୁଗୋଳ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପହଞ୍ଚି ଅନୁସନ୍ଧାନ କରିଛନ୍ତି । ନାବାଳକ ବଳିଆ ପ୍ରଧାନଙ୍କ ଆତ୍ମହତ୍ୟା ବିଷୟରେ ପୋଲିସକୁ ଅବଗତ କରାଯାଇଥିବାବେଳେ ଏ ନେଇ ପୋଲିସ, ଜିଲ୍ଲା ପ୍ରଶାସନ ଓ କଟକ ଜୁଭେନାଇଲ ଜଷ୍ଟିସ ବୋର୍ଡ଼ର ତଦନ୍ତ ପରେ କେଉଁ ପରିସ୍ଥିତିରେ ସେ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇପାରିବ । ଘଟଣା ସମ୍ପର୍କରେ ଜଗତସିଂହପୁର ପୋଲିସ କୁ ମଧ୍ୟ ଅବଗତ କରାଯିବା ସହ ତାଙ୍କ ଘର ଲୋକେ ଆସିଲେ ବଳିଆ ପ୍ରଧାନ ର ଶବ ବ୍ୟବଚ୍ଛେଦ ହେବ ବୋଲି ସୂଚନା ମିଳିଛି ।

# ୧୦ହଜାର ଗଛ ଲଗାଇ ବନବିଭାଗ ପାଳନ ମହୋତ୍ସବ ଦିବସ



**କନ୍ଧମାଳ,(ମହାଭାରତ) :** କନ୍ଧମାଳ ଜିଲ୍ଲା ବାଲିଗୁଡା ବନବିଭାଗର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ର ଡପାକିଆ ଠାରେ ୭୫ ତମ ବନୋ ମହୋତ୍ସବ ସପ୍ତାହ ପାଳନ ହୋଇଯାଇଚି । ଏହି ବନୋ ମହୋତ୍ସବ ରେ ଡପାକିଆ ଠାରେ ବନ ବିଭାଗ ପକ୍ଷରୁ ୧୦ହଜାର ଗଛ ଲଗାଯାଇଥିଲା ।ବାଲିଗୁଡା ବନଖଣ୍ଡର ଡିଏଫଓ ଶ୍ରୀ ବିଶ୍ୱରାଜ ପଣ୍ଡା ,ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଜିଲ୍ଲା ପରିଷଦ ଅଧକ୍ଷା ନନ୍ଦୀନି ମଲିକ, ଲୋକନାଥ ପାଢି, ଅବନୀ ନାୟକ, ଏନ୍‌ଏସି ଅଧକ୍ଷ ଗୋବିନ୍ଦ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଆମ୍ବ,ପଣସ, ନିମ୍ବ, ଚନ୍ଦନ, ଅମୃତଭଣ୍ଡା ସଜନା, ପାତାଳ ଗରୁଡ ଭଳି ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ଓ ଫଳ ଗଛ ଲଗା ଯାଇଥିଲା। ପ୍ରତ୍ୟକ ଲୋକ ଗୋଟାଏ ଗଛ ଚାରା ଲଗାନ୍ତୁ ଓ ତାର ସଠିକ୍ ଯତ୍ନ ନିଅନ୍ତୁ ବୋଲି ଜନସାଧାରଣଙ୍କୁ ଉପଦେଶ ଦେଇଛନ୍ତି ଅତିଥି ମାନେ । ଅନ୍ୟ ମାନଙ୍କ ମଧ୍ୟରେ ବନରକ୍ଷୀ , ବାଲିଗୁଡା ରେଞ୍ଜର ସତ୍ୟନାରାୟଣ ମହାନ୍ତି , ପ୍ରଭାତ କୁମାର ଦୋରା ପ୍ରମୁଖ ଉପସ୍ଥିତ ଥିଲେ । ଏଭଳି ବନବିଭାଗ ର ପଦକ୍ଷେପକୁ ବୁଦ୍ଧିଜୀବୀ ଓ ଜନସାଧାରଣ ପ୍ରଶଂସା କରିଛନ୍ତି । ବୃକ୍ଷରୋପଣ ଦ୍ୱାରା ପ୍ରଚୁର ପରିମାଣରେ ଅମ୍ଳଜାନ ମିଳିବା ସହିତ ବିଭିନ୍ନ ପ୍ରକାରର ରୋଗର ଔଷଧ ତିଆରି ହୋଇ ପାରିବ ଯାହା ଫଳରେ ଜୀବଜଗତ ଉପକୃତ ହୋଇପାରିବେ ବୋଲି କହିଛନ୍ତି ମଚାଂସୀନ ଅତିଥି ମାନେ। ତେଣୁ ଗଛକୁ ନ କାଟି ସମସ୍ତେ ଗଛ ଲଗାଇବା ପାଇଁ ସପଥ ନେଇଥିଲେ। ଗଛ ଲଗାଇବା ଦ୍ୱାରା ଆମେ ଗଛ ଠାରୁ ଫଳ, ଅମ୍ଳଜାନ, ଔଷଧ, ଛାଇ ପାଇପାରିବ। ତେଣୁ ସମସ୍ତେ ନିଜ ନିଜ ବାଡିରେ ଗଛଟିଏ ଲଗାନ୍ତୁ ଆଗାମୀ ପିଢି ପାଇଁ ବୋଲି କହିଥିଲେ ଡିଏଫଓ ।


# ମହାଭାରତ ଅଞ୍ଚଳ କଥା
ଆପଣା ମାଟିର କଥା ଓ ବ୍ୟଥା




## ବର୍ଷା ଆରମ୍ଭରୁ ବଢ଼ିଲାଣି ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା
# ଗୋଟିଏ ମାସରେ ୧୬ ଆକ୍ରାନ୍ତ ଚିହ୍ନଟ



ଦଶପଲ୍ଲା, ( ମହାଭାରତ ) : ବର୍ଷା ଆରମ୍ଭରୁ ବଢ଼ିଲାଣି ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟାୟ ଦଶପଲ୍ଲା ବ୍ଲକ୍ର ସୀମାନ୍ତ ବାଣିଗୋଛା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ଜୁନ୍ ମାସରେ ହଠ୍ତା ୧୬ ରୋଗୀ ଚିହ୍ନଟ ହେବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ହେଲେ ଏସବୁ ରୋଗୀ ମାନଙ୍କ ମଧ୍ୟରେ ଅଧିକାଂଶ ରୋଗୀ ପଡ଼ୋଶୀ ବୌଦ୍ଧ ଜିଲ୍ଲାର ହୋଇଥିବା ବେଳେ ଆଉ କିଛି ରୋଗୀ ବାଣିଗୋଛା ଅଞ୍ଚଳର ବୋଲି ଜଣାପଡ଼ିଛି। ସେହିଭଳି କୁଜାମେଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ମାସକୁ ୪ ରୁ ୫ ଜଣ ରୋଗୀ ଚିହ୍ନଟ ହେବାସହ କଳସାଖମଣ ଏବଂ ନୂଆଗାଁ ପଞ୍ଚାୟତରେ ମଧ୍ୟ ଏବେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବଢୁଥିବା ସ୍ଥାନୀୟ ଅଧିବାସୀ ପ୍ରକାଶ କରିଛନ୍ତି। ବର୍ଷା ଆରମ୍ଭରୁ ଏଭଳି ମ୍ୟାଲେରିଆ ରୋଗୀ ଚିହ୍ନଟ ହେଉଥିବା ବେଳେ ଏହାର ଫାଇଦା ଉଠାଉଛନ୍ତି କ୍ୱାକ୍ ବ୍ୟବସାୟୀ। ଗାଁ ଗାଁ ରେ ଲୋକଙ୍କ ନିକଟରେ ପହଞ୍ଚି ଚିକିତ୍ସା କରିବା ଆଳରେ ରୋଗୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ବିଶେଷକରି ମ୍ୟାଲେରିଆ ରୋଗର ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ 'ଦମନ' କାର୍ଯ୍ୟକ୍ରମ ସମେତ ବିଭିନ୍ନ ସମୟରେ ନାନା ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଗାଁ ଗାଁରେ ମଶାରି ବଣ୍ଟନ କରାଯାଉଛି। ହେଲେ ଏହି ରୋଗ ଥମିବାର ନାଁ ଧରୁନି। ମିଳିଥିବା ସୂଚନା ଅନୁଯାୟୀ, ଗତ ମାସରେ ବାଣିଗୋଛା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରେ ୧୬ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି। ପଡ଼ୋଶୀ ବୌଦ୍ଧ ଜିଲ୍ଲାର ରାକାଡ଼ି, ସାତଖଣ୍ଡ, ହିଞ୍ଜୋଳ, ଖାଲଗାଡୁ, କାଟପଦର ଏବଂ ଚନ୍ଦ୍ରନଗର ଗ୍ରାମର ଏସବୁ ରୋଗୀ ହୋଇଥିବା ବେଳେ ଦଶପଲ୍ଲା ବ୍ଲକ୍ର ନେଫାରୀ, ବଡାଙ୍ଗା ଏବଂ ଦଶନିପଡ଼ାର ରହିଛନ୍ତି। ଗୋଟିଏ ଗୋଟିଏ ପରିବାରର ଏକାଧିକ ବ୍ୟକ୍ତି ମଧ୍ୟ ମ୍ୟାଲେରିଆ ରୋଗରେ ଆକ୍ରାନ୍ତ ଥିବା ଜଣାପଡ଼ିଛି। ଏହି ରୋଗୀ ଚିହ୍ନଟ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ମଧ୍ୟ ଏସମ୍ପର୍କରେ ସୂଚନା ଦିଆଯାଇଛ। ସେହିଭଳି ଦଶପଲ୍ଲା ବ୍ଲକ୍ରେ ମଧ୍ୟ ଏହି ରୋଗୀଙ୍କ ସଂଖ୍ୟା ବଢୁଥିବା ଜଣାପଡ଼ିଛି। କିଛି ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ର ଆସୁଥିବା ବେଳେ ଆଉକିଛି ରୋଗୀ କ୍ୱାକଙ୍କ ଦ୍ୱାରା ଚିକିତ୍ସିତ ହେଉଛନ୍ତି। ରୋଗୀଙ୍କୁ ସରକାରୀ ଔଷଧ ଏବଂ ସାଲାଇନ ଦେଇ ଟଙ୍କା ଆଦାୟ କରାଯାଉଥିବା ଭଳି ଅଭିଯୋଗ ହେଉଛି। କୌଣସି ରୋଗୀ ଗୁରୁତର ହେଲେ ନିଜ ଉପରୁ ଦୋଷ ଖସାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଉଛି।ଆଗକୁ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## କାଦୁଅ ପଚ୍ ପଚ୍ ଲଡୁଗାଁ
## ରାସ୍ତା ମଝିରେ ଜମି ରହୁଛି ପାଣି ଯାତାୟତରେ ଅସୁବିଧା



କୋକସରା,(ମହାଭାରତ) :କୋକସରା ବ୍ଲକ୍ ଲଡୁଗାଁ ଗ୍ରାମ ପଞ୍ଚାୟତର ମୁଖ୍ୟ ରାସ୍ତା ଠାରେ ଦୀର୍ଘ ବର୍ଷ ହେବ ଅଳ୍ପ ବର୍ଷାରେ ରାସ୍ତା ମଝିରେ ପାଣି ଜମା ହୋଇ ରହୁଛି। ଯାହା ଫଳରେ ଲୋକେ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାନବାହାନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି। ଗ୍ରାମ ବାସୀ ତଥା ସ୍କୁଲ୍ ଛାତ୍ର ଛାତ୍ରୀ ମାନେ ସ୍କୁଲ ଯିବା ସମୟରେ ଗାଡି ମଟରରୁ ରାସ୍ତାର ପାଣି ଛିଟିକି ପଡ଼ି ଦେହରେ କାଦୁଅ ଛିଟା ପଡୁଛି। ପ୍ରଶାସନ ଏଦିଗରେ କୌଣସି ପଦକ୍ଷେପ ନେଉ ନାହାନ୍ତି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ପୁଣି, ଗ୍ରାମର ଡ୍ରେନେଜ୍ ବ୍ୟବସ୍ଥା ସବୁ ସଠିକ ନଥିବା ହେତୁ ସଦା ସର୍ବଦା ଡ୍ରେନରୁ କାଦୁଅ ଦୁର୍ଗନ୍ଧ ପାଣି ରାସ୍ତା ମଝିରେ ବୋହି ଚାଲିଛି। ଗ୍ରାମର ପ୍ରମୁଖ ଗଳି କନ୍ଦି ରାସ୍ତା ସବୁ ମଧ୍ୟ ଶୋଚନୀୟ ଅବସ୍ଥାରେ ପଡ଼ିରହିଛ। ଯଦିଓ ଗଳି ରାସ୍ତା ସବୁ କଂକ୍ରିଟ କରଣ ହୋଇଛି ତଥାପି ରାସ୍ତା ମଝିରୁ ଗୋଟୀ ମେଟାଲ ସବୁ ବାହାରି ପଡ଼ି ଖାଲ ଖମା ହୋଇ ଯାଇଛି। ଯାହା ଫଳରେ ମାରାତ୍ମକ ମଶା ମାଛି ମାନେ ରାସ୍ତା ମଝିରେ ଭଣ ଭଣ କରୁଛନ୍ତି। ଆଗକୁ ବର୍ଷା ଋତୁ,ରାସ୍ତା ଆଉ ଡ୍ରେନ୍ ସମସ୍ୟା ଯଦି ସମାଧାନ କରାନଗଲେ ଲୋକେ ପାଣି କାଦୁଅରେ ସବୁ ଯାତାୟାତ କରି ମାରାତ୍ମକ ରୋଗ ଏବଂ ଦୁର୍ଘଟଣାର ଶିକାର ହେବାର ଆଶଙ୍କା କରାଯାଉଛି। ଏହାର ଆଶୁ ସମାଧାନ କରାନଗଲେ ଆଗାମୀ ଦିନରେ ଗ୍ରାମ ବାସୀ ମାନେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ତୁମୁଡିବନ୍ଧ ବନାଞ୍ଚଳରେ ବନ ମହୋତ୍ସବ ପାଳନ

ତୁମୁଡିବନ୍ଧ(ମହାଭାରତ ) ବାଲିଗୁଡା ବନଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ବନାଞ୍ଚଳରେ ବନ ମହୋତ୍ସବ ପାଳନ କରାଯାଇଛି।ତୁମୁଡିବନ୍ଧ ଗ୍ରାମ ପଞ୍ଚାୟତ ସ୍ଥିତ ଭାଲିଆପାଣି ଗ୍ରାମର ଲଣ୍ଡା ପାହାଡ଼ରେ ୨୦ ଏକର ପାହାଡ଼ ପାଦଦେଶରେ ୧୬୦୦ ଟି ବିଭିନ୍ନ କିସମର ଚାରା ରୋପଣ ଶୁଭାରମ୍ଭ କରାଯାଇଛି । ତୁମୁଡିବନ୍ଧ ବନାଞ୍ଚଳ ଅଧିକାରୀ କାଳିଚରଣ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଇଥିବା ଚାରା ରୋପଣ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବାଲିଗୁଡା ଏସିଏଫ ପ୍ରଫୁଲ କୁମାର ମଳିକ ଓ ମନୋରଞ୍ଜନ ବାଗ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ତୁମୁଡିବନ୍ଧ ବ୍ଲକ ଅଧକ୍ଷା ବାସନ୍ତୀ ମାଝୀ, ଜିଲ୍ଲା ପରିଷଦ ନବୀନ ପାତ୍ର, ବିଜେପି ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ନେତ୍ର ମାନସେଟ, ତୁମୁଡିବନ୍ଧ ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରିୟଙ୍କା ପତ୍ରା, ବିଜେପି ଯୁବ ମୋର୍ଚ୍ଚା ସଭାପତି ଶଙ୍କର ବଡ଼ନାୟକ, ବରିଷ୍ଠ ବିଜେପି ନେତା ପୂର୍ଣ୍ଣ ପାଢ଼ୀ, ଶ୍ରୀଚନ୍ଦ୍ର ପରାସେଟ ତୁମୁଡିବନ୍ଧ ବ୍ଲକ ବିଜେପି ସଭାପତି ରବି ପାତ୍ର, ତୁମୁଡିବନ୍ଧ ବ୍ଲକ ସାମ୍ବାଦିକ ସଙ୍ଘ ସଭାପତି ପବିତ୍ର ଦିଗାଲ,ତୁମୁଡିବନ୍ଧ ବ୍ଲକ ଶିଶୁ କଲ୍ୟାଣ ବିଭାଗ ର ଆକ୍କାଉଟାଣ୍ଟ ବାବିଲାଲ ନାୟକ, ତୁମୁଡିବନ୍ଧ ଗ୍ରାମ ପଞ୍ଚାୟତ ସର୍ଦାପୁର ଗ୍ରାମର ମା ଅଉପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ ଓ କାକୁଲାଙ୍ଗା ଗ୍ରାମର ଜିହବାଜରୀ ସୟଂ ସହାୟକ ଗୋଷ୍ଠୀ ସମେତ ଭାଲିଆପାଣି ପ୍ରାଥମିକ ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଶିକ୍ଷକ ଶିକ୍ଷୟତ୍ରୀ ଓ ତୁମୁଡିବନ୍ଧ ବନାଞ୍ଚଳ କାର୍ଯ୍ୟାଳୟର ସମସ୍ତ ଫୋରେଷ୍ଟର, ଫୋରେଷ୍ଟ ଗାର୍ଡ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଏସିଏଫ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ମୋନରଞ୍ଜନ ବାଗ ବୃକ୍ଷ ରୋପଣ କରି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ । ଉପସ୍ଥିତ ଅତିଥି ଗଣ ବୃକ୍ଷ ରୋପଣ ର ଉପକାରିତା ବିଷୟରେ କହିବା ପାରେ ବୃକ୍ଷ ହିଁ ଜୀବନ ବୋଲି ସମ୍ବୋଧିତ କରି ବୃକ୍ଷ ର ମହୋତ୍ସବ ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଇଥିଲେ । ଜଳବାୟୁରେ ପରିବର୍ତନ ସମସ୍ୟାର ସମାଧାନ ନିମନ୍ତେ ବୃକ୍ଷ ହିଁ ପରିବେଶ ର ସନ୍ତୁଳନ ରକ୍ଷା କରିବାରେ ସହାୟକ ହେଇପାରିବ ବୋଲି କହିଛନ୍ତି ଜିଲ୍ଲା ପରିଷଦ ନବୀନ ପାତ୍ର । ଦୈନନ୍ଦିନ ଜୀବନରେ ବଞ୍ଚିବାକୁ ହେଲେ ଅମ୍ଳଜାନ ର ଅତ୍ୟାବଶକ ରହିଛି ଏଣୁ ଅମ୍ଳଜାନ କେବଳ ବୃକ୍ଷ ରୁ ମିଳିଥାଏ ତେଣୁ ପ୍ରତେକ ଛାତ୍ର ଛାତ୍ରୀ ନିଜ ନିଜ ଗ୍ରାମରେ ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିବାକୁ ଅନୁରୋଧ କରିଥିଲେ ବ୍ଲକ ଅଧକ୍ଷା ବାସନ୍ତୀ ମାଝୀ । ଜସ୍ୱସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ ଆହ୍ୱାନ ଗୋଟିଏ ଗଛ ମା ନାମରେ ଏହି ଆହ୍ୱାନ କୁ ବଜାୟ ରଖି ପ୍ରତେକ ଗ୍ରାମରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରିବାକୁ ବନାଞ୍ଚଳ ଅଧିକାରୀଙ୍କୁ ଅନୁରୋଧ କରିଥିଲେ ବରିଷ୍ଠ ବିଜେପି ନେତା ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନେତ୍ର ମାନସେଟ ।ବୃକ୍ଷ ରୋପଣ ପରେ ଉପସ୍ଥିତ ସମସ୍ତ ବରଣ୍ୟ ଅତିଥିଙ୍କୁ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମ କୁ ସାଙ୍ଗ କରିଥିଲେ ଫୋରେଷ୍ଟର ମନ୍ମଥ ପରିଛା ।

## ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ

କଳାହାଣ୍ଡି(ମହାଭାରତ): ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କଳାହାଣ୍ଡି ଜିଲ୍ଲା ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ, ଜିଲ୍ଲା ଶିକ୍ଷା ବିଭାଗ, ଜିଲ୍ଲା ସଂସ୍କୃତି ପରିଷଦ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଭବାନୀପାଟଣା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଓ କନିଷ୍ଠ ବିଭାଗରେ ଓଡ଼ିଆ ପ୍ରବନ୍ଧ, ଓଡ଼ିଆ ବକ୍ତୃତା, ଓଡ଼ିଆ କବିତା ଆବୃତ୍ତି ଏବଂ ସାଧାରଣ ଜ୍ଞାନ ଓ ଇଂରାଜୀରୁ ଓଡ଼ିଆ ଅନୁବାଦ ପ୍ରତିଯୋଗିତାରେ ଜିଲ୍ଲାର ୧୩ଗୋଟି ବ୍ଲକରୁ ପ୍ରଥମ ହୋଇ ଆସିଥିବା ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବେ ଗାଳ୍ପିକ ସୁକାନ୍ତ ସାହୁ, ପ୍ରକାଶ ନିଶଙ୍କ, ସୁଧୀର ଧଙ୍ଗଡ଼ାମାଝୀ, ଡିଲେଶ୍ୱର ରଣା, କବି ଲଳିତ କାନୁନଗୋ, ବିରଞ୍ଚି ନାରାୟଣ ମୁଣ୍ଡ, ବିଭୂତି ଭୂଷଣ ଠାକୁର, ମକୁନ୍ଦ ନାଏକ, ବନଶ୍ରୀ ଦାଶ, ସ୍ୱପ୍ନା ପ୍ରଧାନ, ସ୍ୱପ୍ନା ସେଠୀ, ଦୀପ୍ତିମୟୀ ସୁନାନୀ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ମନୋଜ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ୍, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ଜନତା ଉଚ୍ଚ ବିଦ୍ୟାଳୟ ବୋର୍ଡାର ପ୍ରଧାନଶିକ୍ଷକ ପ୍ରକାଶ ନିଶଙ୍କ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବବିତା ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। କବି ବିରଞ୍ଚି ନାରାୟଣ ମୁଣ୍ଡ ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ସୋମନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗୀତା ରେ ପ୍ରଥମ ହୋଇଥିବା କନିଷ୍ଠ ବର୍ଗ ଛାତ୍ର ଛାତ୍ରୀ ମାନେ ଆସନ୍ତା ଜୁଲାଇ ୧୪ ତାରିଖ ଏବଂ ବରିଷ୍ଠ ବର୍ଗ ଛାତ୍ର ଛାତ୍ରୀ ମାନେ ଜୁଲାଇ ୧୭ ତାରିଖ ରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ରେ ଭାଗ ନେବେ।ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର ତ୍ରିନାଥ ପାଢ଼ୀ, ଗୁଣସାଗର ସାହୁ, ଅଜିତ ଚନ୍ଦନ, ଶଙ୍କର ଦିଶାରୀ, ଶିକ୍ଷକ ଅଜୟ କୁମାର ସାହୁ ପ୍ରମୁଖ ସାହାଯ୍ୟ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ ସୂଚନା ଦେଇଛନ୍ତି।

## ୭୬କେ.ଜି. ଗଞ୍ଜେଇ ଜବତ ୧ ଗିରଫ

ରେଙ୍ଗାଲି,(ମହାଭାରତ):ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ରେଙ୍ଗାଲି ଅବକାରୀ ବିଭାଗ ହାତରେ ଗଞ୍ଜେଇ ଚୋରା ଚାଲାଣ ଧରାପଡ଼ିଛି ।ରେଙ୍ଗାଲି ତହସିଲ କାର୍ଯ୍ୟାଳୟ ପାଖ ଝୁରୀପଡା ଛକ ରେ ଦୈନନ୍ଦିନ ନାକାବନ୍ଦୀ କରୁଥିବା ସମୟରେ ଏକ ଧଳା ରଙ୍ଗର ଚାରୀଚକିଆ ମାରୁତି କାର କୁ ଅଟକାଇ ଜାଞ୍ଚ କରୁଥିବା ବେଳେ ଗାଡି ଭିତରୁ ଗଞ୍ଜେଇ ବାହାରି ଥିଲା । ଗାଡି ଭିତରୁ ଚାଳକ ଅମନ ପାଣ୍ଡେ (୨୪) ଦେବନାଥପୁର ଗ୍ରାମର ଭାଡୋହି ଜିଲ୍ଲା ଉତ୍ତରପ୍ରଦେଶ ରାଜ୍ୟର ନିବାସୀଙ୍କୁ ଗିରଫକରି କୋର୍ଟଚାଲାଣ କରାଜାଇଛି ।ତାଙ୍କ ପାଖରୁ ଏକ ସ୍ମାର୍ଟ ଫୋନ ସହ ୭୬କେ ଜି ଗଞ୍ଜେଇ ଜବତ ହୋଇଛି । ଏ ସଂକ୍ରାନ୍ତରେ ରେଙ୍ଗାଲି ଅବକାରୀ ବିଭାଗ ରେ ଭାରତୀୟ ଅବକାରୀ ନୀତି ୧୯୮୫ ବିଭାଗ ବି କୁ ଉଲ୍ଲଂଘନ କରି କେସ କ୍ରମାଙ୍କ ୯୬/୨୦୨୪-୨୫ ରୁଜୁ ହୋଇଛି ।

## ଜିଲ୍ଲା ସ୍ତରୀୟ ବନ ମହୋତ୍ସବ

କେନ୍ଦୁଝର(ମହାଭାରତ):କେନ୍ଦୁଝର ସହର ସ୍ଥିତ ଅଡିଟୋରୀୟମ ହଲ ଠାରେ ଆଜି କେନ୍ଦୁଝର ବନଖଣ୍ଡ ପକ୍ଷରୁ ୭୫ ତମ ଜିଲ୍ଲା ସ୍ତରୀୟ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ ଡି ଙ୍କ ତତ୍ତ୍ୱାବଧାନ ରେଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ସମାନିତ ଅତିଥି ଜିଲ୍ଲାପାଳ ବିଶାଳ ସିଂହ, ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକର,ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରୀକା ସାହୁ, ଧରଣୀଧର ବିଶ୍ୱବିଦ୍ୟାଳୟ ର କୁଳପତି ଡ଼ଃ ପ୍ରତାପ କୁମାର ମହାନ୍ତି, ମୁଖ୍ୟ ବକ୍ତା ଭାବେ କେନ୍ଦୁଝରଗଡ଼ ନଗରପାଳ ନିକୁ ସାହୁ ଉପସ୍ଥିତ ରହି ଏହି ଦିବସର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଅନନ୍ତ ନାୟକ ତାଙ୍କ ଅଭିଭାଷଣ ମାଧ୍ୟମରେ କହିଥିଲେ କେବଳ ଉନ୍ନତି କରଣ ନାମରେ ଜଙ୍ଗଲ ଅସୁରକ୍ଷିତ ନହେଉ। ପୂର୍ବରୁ କେନ୍ଦୁଝର ର ଯେପରି ସବୁଜିମା ପରିଚୟ ଥିଲା ତାହା ପୁନର୍ଜିବତ ହେବା ର ଆବଶ୍ୟକତା ରହିଛ। ଉକ୍ତ କାର୍ଯ୍ୟକ୍ରମ ରେ ମଞ୍ଚ ପରିଚାଳନା କରିଥିଲେ ବସ୍କାର ମିଶ୍ରୟ କାର୍ଯ୍ୟକ୍ରମ ରେ ବିଭିନ୍ନ ବନସୁରକ୍ଷା ସମିତି ର ସଭ୍ୟ ଏବଂ ସଭ୍ୟା ମାନଙ୍କୁ ମୁଖ୍ୟ ଅତିଥି ତଥା ଅନ୍ୟ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶୋଭା କାର୍ଯ୍ୟକ୍ରମ ପୂର୍ବରୁ କେନ୍ଦୁଝର ସହର ମାଇନିଙ୍ଗ ସ୍ଥିତ ଓଡିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ ପରିସର କୁ ଯାଇ ଏକ ପେଡ ମା' କେ ନାମ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ମଧ୍ୟ ଯୋଗ ଦେଇଥିଲେ ସାଂସଦ ଅନନ୍ତ ନାୟକ ଏବଂ ସମସ୍ତ ଅତିଥି ଗଣ ।

## କଳାହାଣ୍ଡି ଜିଲ୍ଲା ଦକ୍ଷତା ପରିଷଦ ବୈଠକ
## ୨୦୦୦ ଯୁବକ ଯୁବତୀଙ୍କୁ ଦକ୍ଷ ତଥା ନିଯୁକ୍ତି ପ୍ରଦାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

କଳାହାଣ୍ଡି/ମହାଭାରତ :ଆଜି ସପ୍ତମ ଜିଲ୍ଲା ଦକ୍ଷତା ପରିଷଦ ବୈଠକ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷ ରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡି ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ରେ ଜିଲ୍ଲାପାଳ ସମସ୍ତ ଓଙ୍କଓ, ସରକାରୀ ପଲିଟେକନିକ, ତାଲିମ କେନ୍ଦ୍ର ଯଥା ଶାହୀ ଏକ୍ସପୋର୍ଟସ, ବେଦାନ୍ତ ଟ୍ରେନିଂ କେନ୍ଦ୍ର, ଜନ ଶିକ୍ଷଣ ସଂସ୍ଥାନ, ଡାଟା , ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ତାଲିମ କେନ୍ଦ୍ର ର ବିଗତ ଆର୍ଥିକ ବର୍ଷ ର ସମୀକ୍ଷା କରିଥିଲେ ଓ ଚଳିତ ବର୍ଷ ପାଇଁ ୨୦୦୦ ଯୁବକ ଯୁବତୀ ଙ୍କୁ ଦକ୍ଷ ତଥା ନିଯୁକ୍ତି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।ଜେଲ ଅନ୍ତେବାସି, ଦିବ୍ୟାଙ୍ଗ ଓ କୁଟିଆ କନ୍ଧ ମାନଙ୍କ ପାଇଁ ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ଦକ୍ଷତା ବିକାଶ ଅଧିକାରୀ ଙ୍କୁ ପରାମର୍ଶ ଦେଇଥିଲେ. ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ସମନ୍ୱିତ ଭାବରେ କାର୍ଯ୍ୟ କରି ଜିଲ୍ଲାକୁ ଦକ୍ଷତା ବିକାଶ ରେ ଏକ ଅଗ୍ରଣୀ ଜିଲ୍ଲା ରୂପେ ଗଢିତୋଳିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକ କୁ ଜିଲ୍ଲା ଦକ୍ଷତା ବିକାଶ ଅଧିକାରୀ ଅଜିତ କୁମାର ଉତ୍ତରାୟ ପରିଚାଳନା କରିଥିବା ବେଳେ. ସରକାରୀ ପଲିଟେକ୍ନିକ ର ଅଧ୍ୟକ୍ଷ ଅମୁଲ୍ୟ ପଣ୍ଡା ଭବାନୀପାଟଣା ର ଅଧ୍ୟକ୍ଷ ଶିବ ପ୍ରସାଦ ସାମନ୍ତରାୟ, ଓଙ୍କଓ ଜୁନାଗଡ଼ ର ଅଧ୍ୟକ୍ଷ ସ୍ନେହାଶିଷ ମୁଦୁଲି, ପି ଏ ଆଇ ଟି ଡି ଏ ରାମକୃଷ୍ଣ ଗୋଂଡ଼ , ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ମହାପ୍ରସାଦ ଦାସ ,ବେଦାନ୍ତ ରୁ ଅଭିନୟ ପ୍ରତାପ, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ର ଡିନ ମଧୁଲିକା ସାହୁ ଆଦି ଯୋଗ ଦେଇ ବିଭିନ୍ନ ବିଷୟ ରେ ଆଲୋଚନା କରିଥିଲେ। ଏଥିରେ ଜିଲ୍ଲା ନିଯୋଜନ କାର୍ଯ୍ୟାଳୟ ର ଦକ୍ଷତା ବିକାଶ ଅଧିକାରୀ ସୁବିଦିତ ସାମନ୍ତରାୟ, ଲୋକନାଥ ପଟେଲ, ସୁବ୍ରତ ମେହେର ଆଦି ସହାୟତା କରିଥିଲେ।

## ୭୫ ତମ ବନ ମୋହତ୍ସବ ସପ୍ତାହ ପାଳନ



ବିଷମ କଟକ(ମହାଭାରତ):ଓଡିଶା ସରକାରଙ୍କ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ତରଫରୁ ୭୫ ତମ ବନ ମୋହତ୍ସବ ସପ୍ତାହ ପାଳନ ଚଳିତ ବର୍ଷ ଜୁଲାଇ ୧ରୁ ୭ତାରିଖ ଯାଏ ହେବାକୁ ଥିବା ବେଳେ ରାୟଗଡା ବନଖଣ୍ଡ ଅଧିନସ୍ଥ ମୁନିଗୁଡା ବନାଞ୍ଚଳ ବିଷମକଟକ ରେଞ୍ଜ ଅନ୍ତର୍ଗତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ଠାରେ ୭୫ ତମ ବନ ମହୋତ୍ସବ ୨୦୨୪ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପାଙ୍ଗଣରେ ଆମ୍ବ, ଆଇଁଳା, ହରିଡ଼ା, ବାହାଡା, ଲିମ୍ବ, ଫାସୀ, ଭଳି ବିଭିନ୍ନ ପ୍ରଜାତିର ବୃକ୍ଷ ରୋପଣ କରାଯାଇଛି । ସ୍ଥାନୀୟ ସେକ୍ସନ ଫରେଷ୍ଟର ଗିରିଧର ପ୍ରଧାନୀ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଷମ କଟକ ଫରେଷ୍ଟର ହେମପ୍ରଭା ବେହେରା ଙ୍କ ଦ୍ୱାରା ପୂଜାର୍ଚନା କରାଯିବା ପରେ ବୃକ୍ଷ ରୋପଣ କରାଯାଇଥିଲା। ଏଥିରେ ବନରକ୍ଷୀ ଅହଲ୍ୟା ପତ୍ର,କମଳ କୁମାର ନାଗ ସମେତ ସ୍ଥାନୀୟ ଅଂଚଳର ବହୁ ଯୁବବର୍ଗ ,ସାମ୍ବାଦିକ ସାମିଲ ହୋଇଥିଲେ। ସୂଚନା ଥାଉ କି ଆଗାମୀ ଦିନରେ ସ୍ଥାନୀୟ ମିନି ଷ୍ଟାଡିୟମ ଓ ବିଷମ କଟକ ଅନାନ୍ୟ ସ୍ଥାନରେ ପ୍ରାୟ ୩୦୦ ରୁ ଉର୍ଦ୍ଧ ଫରେଷ୍ଟ ବିଭାଗ ବୃକ୍ଷ ରୋପଣ କରିବା କାର୍ଯ୍ୟକ୍ରମ ରହିଥିବା ବିଷମ କଟକ ଫରେଷ୍ଟର ହେମପ୍ରଭା ବେହେରା ସୂଚନା ଦେଇଛନ୍ତି । ସ୍ଥାନୀୟ ପ୍ରତ୍ୟୋକ ପରିବାରକୁ ଏହି ସପ୍ତାହରେ ନିଜ ବାଡ଼ି ବଗିଚାରେ ବନ ବିଭାଗ ତରଫରୁ ଗଛ ନେଇ ନିଜ ବାଡ଼ି ବଗିଚାରେ ରୋପଣ କରିବାକୁ ନିବେଦନ କରିଥିଲେ।

## କର୍ଲାମୁଣ୍ଡା ଠାରେ ବିଧାୟିକା ମନୋରମା ମହାନ୍ତିଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ଭବାନୀପାଟଣା (ମହାଭାରତ)ନର୍ଲା ନିର୍ବାଚନ ମଣ୍ଡଳୀ ର ନବ ନିର୍ବାଚିତ ବିଧାୟିକା ମନୋରମା ମହାନ୍ତିଙ୍କୁ କର୍ଲାମୁଣ୍ଡା ବିଜେଡ଼ି ପରିବାର ତରଫରୁ ଭବ୍ୟ ସମ୍ବଦ୍ଧନା ଜ୍ଞାପନ କରାଯାଇଛି। କର୍ଲାମୁଣ୍ଡା ବିଜେଡ଼ି ସଭାପତି ସୁରେନ୍ଦ୍ର ସାହୁ ଙ୍କ ଅଧ୍ୟକ୍ଷତାରେ କର୍ଲାମୁଣ୍ଡା ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ନବ ନିର୍ବାଚିତ ବିଧାୟିକାଙ୍କ ସମେତ ମ.ରାମପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜିସେ ପଣ୍ଡା, ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ରାଜ୍ୟ ସରପଞ୍ଚ ସଂଘ ସଭାପତି ରୋମାଞ୍ଚଳ ସାହୁ,ବିଜୁ ଛାତ୍ର ଜନତା ଦଳର ସଭାପତି ଅଜିତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ରହିଥିଲେ। ବିଜେଡ଼ି ସୁପ୍ରିମୋ,ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ମହିଳାଙ୍କୁ ଟିକେଟ ପ୍ରଦାନ କରିଥିବାରୁ ତାଙ୍କୁ ଧନ୍ୟବାଦଦେଇଥିଲେ। ଏହାପରେ ବିଜୁ ପରିବାରର ସଦସ୍ୟ ବୃନ୍ଦ, ନିର୍ବାଚିତ ଲୋକପ୍ରତିନିଧିମାନେ ନବ ନିର୍ବାଚିତ ବିଧାୟିକା ମନୋରମା ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ,ଉପଢୌକନ ଦେଇ ସମ୍ବଦ୍ଧିତ କରିଥିଲେ। ମଞ୍ଚାସୀନ ଅତିଥି ବୃନ୍ଦକର୍ଲାମୁଣ୍ଡା ର ବିକାଶ ପ୍ରତି ଗୁରୁତ୍ୱ ଦେବାପାଇଁ ବିଧାୟିକା ଶ୍ରୀମତୀ ମହାନ୍ତିଙ୍କୁ ଅନୁରୋଧ କରିଥିଲେ।

## ବିଶ୍ୱ ଚର୍ମ ସ୍ୱାସ୍ଥ୍ୟ ଦିବସରେ ଆଲମଣ୍ଡର ଉପକରିତା ସହ ତ୍ୱଚାର ନିଅନ୍ତୁ

**ଭୁବନେଶ୍ୱର,୫।୭ :** ଚର୍ମର ଉତମ ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ କେବଳ ବାହ୍ୟ ଯତ୍ନ ଅପେକ୍ଷା ଅଧିକ ଆବଶ୍ୟକ; ଏଥିରେ ଭିତରୁ ପୋଷଣ ଅନ୍ତର୍ଭୁକ୍ତ । ଆମେ ଯାହା ଖାଉଛୁ ତାହା ସିଧାସଳଖ ଆମ ତ୍ୱଚା ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ । ତେଣୁ ଆଲମଣ୍ଡ ଭଳି ପୁଷ୍ଟିକର ଖାଦ୍ୟକୁ ସାମିଲ କରି ପରିଷ୍କାର ଓ ସନ୍ତୁଳିତ ଖାଦ୍ୟ ବଜାୟ ରଖିବା ନିହାତି ଜରୁରୀ। କେବଳ ଆମର ଦୈନନ୍ଦିନ ରୁଟିନ୍ ରେ ମୁଠାଏ ଆଲମଣ୍ଡକୁ ସାମିଲ କରିବା ଦ୍ୱାରା ଯଥେଷ୍ଟ ଫାଇଦା ମିଳିଥାଏ। ପ୍ରତିବର୍ଷ ଜୁଲାଇ ୮ ତାରିଖରେ ପାଳନ କରାଯାଉଥିବା ଏହି ବିଶ୍ୱ ଚର୍ମ ସ୍ୱାସ୍ଥ୍ୟ ଦିବସରେ ଆଲମଣ୍ଡ ଦ୍ୱାରା ତ୍ୱଚାର ସ୍ୱାସ୍ଥ୍ୟ କୁ ପୋଷଣ କରିବା ଉପରେ ଧ୍ୟାନ ଦିଅନ୍ତୁ । ନିୟମିତ ଆଲମଣ୍ଡ ଖାଇଲେ ସୂର୍ଯ୍ୟକିରଣରୁ ତ୍ୱଚା ନଷ୍ଟ ହେବାର ପ୍ରାଥମିକ ଉତ୍ସ ୟୁଭିବି ଆଲୋକ ବିରୁଦ୍ଧରେ ତ୍ୱଚାର ସହନଶୀଳତା ବୃଦ୍ଧି ହେବା ସହ ତ୍ୱଚାର ଆଲମଣ୍ଡ ତ୍ୱଚାର ଚମକ ଓ ଜୀବନ୍ତତା ବଢ଼ାଇବାର କ୍ଷମତା ବୃଦ୍ଧି କରିଥାଏ। ଏଥିରେ ନିଜ ମତ ପ୍ରକାଶ କରି ରିତିକା ସମାଦ୍ଦାର, ଆଂଚଳିକ ମୁଖ୍ୟ ଡ଼ାଇଟେଟିକ୍ସ ମ୍ୟାକ୍ସ ହେଲ୍ଥକେୟାର, ନୂଆଦିଲ୍ଲୀ କହିଛନ୍ତି," 'ପୋଷଣ ସାମଗ୍ରିକ ସୁସ୍ଥତାର କେନ୍ଦ୍ରବିନ୍ଦୁ ଏବଂ ଚର୍ମ ସ୍ୱାସ୍ଥ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଜଣେ ଡାଏଟିସିଆନ୍ ଭାବରେ, ମୁଁ ମୋର ଗ୍ରାହକମାନଙ୍କୁ ପରାମର୍ଶ ଯେ ସେମାନେ ସେମାନଙ୍କର ଖାଦ୍ୟ ପସନ୍ଦ ପ୍ରତି ସଚେତନ ହୁଅନ୍ତୁ ଏବଂ ସେମାନଙ୍କ ଖାଦ୍ୟରେ ଆଲମଣ୍ଡ ପରି ଚର୍ମ ଅନୁକୂଳ ଖାଦ୍ୟ ଅନ୍ତର୍ଭୁକ୍ତ କରନ୍ତୁ ।

## ସାମ୍ବାଦିକଙ୍କ ପିତୃ ବିୟୋଗ ଅଞ୍ଚଳରେ ଶୋକର ଛାୟା

ଦାନଗଦୀ(ମହାଭାରତ): ଦାନଗଦି ବ୍ଲକ ମାଣତିରା ପଞ୍ଚାୟତ ରାବଣା ଗ୍ରାମ ର ସ୍ୱର୍ଗତ କାହ୍ନୁ ନାଥ ଙ୍କ ମଧ୍ୟମ ପୁତ୍ର ବିମ୍ବାଧର ନାଥ ଙ୍କ ବିୟୋଗ ର ଖବର ପାଇ ଅଞ୍ଚଳ ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସେ ଜଣେ ଅବସର ପ୍ରାପ୍ତ ରେଳ କର୍ମଚାରୀ ଥିଲେ । ସେ ଜଣେ ଲୋକ ପ୍ରିୟ, ମେଳାପି, ପରୋପକାରୀ, ଧର୍ମ ପରାୟଣ ବ୍ୟକ୍ତି ଥିଲେ।

## ମୋବାଇଲ ଚୋରି ହେଲେ ଘରେ ବସି ଅଭିଯୋଗ ପଞ୍ଜୀକରଣ କରିହେବ

ନୟାଗଡ଼, ( ମହାଭାରତ ) : ମୋବାଇଲ୍ ଫୋନ୍ ଚୋରି ହେଲେ କି ହଜିଲେ ଏଣିକି ଆଉ ଥାନାକୁ ଯିବାକୁ ପଡ଼ିବନି। ଘରେ ବସି ଜିଲ୍ଲା ପୁଲିସର ସୋସିଆଲ ମିଡିଆ ଆକାଉଣ୍ଟ ହେଉ ଅବା ୱେବସାଇଟ୍ରେ ଚୋରି ହୋଇଥିବା ମୋବାଇଲ ସଂକ୍ରାନ୍ତରେ ଟିକିନିଖି ତଥ୍ୟ ଦେଇ ଅଭିଯୋଗ ପଞ୍ଜୀକରଣ କରିହେବ। ଜିଲ୍ଲା ୱେବ୍ସାଇଟରେ ଚୋରି ହୋଇଥିବା ମୋବାଇଲର ସମସ୍ତ ତଥ୍ୟ ପଞ୍ଜୀକରଣ ହେବା ପରେ ଏହାକୁ ଖୋଜିବା ପାଇଁ ପୁଲିସ ପଦକ୍ଷେପ ନେବା ଆରମ୍ଭ କରିବା ପରେ ଯଦି ଏହି ଚୋରା ମୋବାଇଲ ଠାବ କରାଯାଏ। ତେବେ ଏହାକୁ ସଂପୃକ୍ତ ବ୍ୟକ୍ତିଙ୍କୁ ଫେରାଇ ଦିଆଯିବ। ନୟାଗଡ଼ ଏସ୍ପି ରାହୁଲ ଜୈନ କିଛି ଦିନ ତଳେ ଏହି ଯୋଜନା ସଂକ୍ରାନ୍ତରେ ଗଣମାଧ୍ୟମରେ ସୂଚନା ଦେଇଥିଲେ। ଏ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସେ ନିଷ୍ପତ୍ତି ନେଇଛନ୍ତି। ଫଳରେ ଜିଲ୍ଲାର ସମସ୍ତ ଥାନାରେ ଏ ନେଇ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ଯେଉଁ ମାନଙ୍କର ମୋବାଇଲ୍ ଚୋରି ହୋଇଛି କି ହଜିଛି, ସେମାନେ ଏକପ୍ରକାର ଆଶ୍ୱସ୍ତି ହୋଇଛନ୍ତି। ଆଜିର ଯୁଗରେ ମୋବାଇଲ ଫୋନ୍ ଏକ ମୌଳିକ ଆବଶ୍ୟକତା। ତେଣୁ ମୋବାଇଲ ଫୋନ୍ ଟିକିଏ ଏପଟ ସେପଟ ହୋଇଗଲେ ଲୋକେ ବ୍ୟସ୍ତ ହୋଇପଡ଼ନ୍ତି। ଅସାବଧାନତା ହେଉ ଅବା ଭିଡ଼ର ସୁଯୋଗ ନେଇ ବର୍ତ୍ତମାନ ମୋବାଇଲ ଚୋରି ବହୁ ପରିମାଣରେ ବଢ଼ିଛି। ଫଳରେ ପ୍ରତ୍ୟେକ ଥାନାରେ ଏ ନେଇ ଏକାଧିକ ମାମଲା ରୁଜୁ ହେଉଛି। ଯେ ପର୍ଯ୍ୟନ୍ତ ମୋବାଇଲ ନ ମିଳୁଛି, ସଂପୃକ୍ତ ବ୍ୟକ୍ତିମାନେ ଥାନାକୁ ଦୌଡୁଥିବା ଦେଖିବାକୁ ମିଳୁଛି। ଏମିତିକି ମୋବାଇଲ ଚୋରି ମାମଲାକୁ ପୁଲିସ ମଧ୍ୟ ସେତେଟା ଗୁରୁତ୍ୱ ଦେଉନଥିବା ଦେଖାଯାଏ। ଏହାର ସମାଧାନ ପାଇଁ ଏହି ନୂଆ ବ୍ୟବସ୍ଥା ଲାଗୁ କରାଯାଇଛି। ପୂର୍ବରୁ ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାରେ ଶ୍ରୀ ଜୈନ ଏସ୍ପି ଥିବା ବେଳେ ଏହି ଯୋଜନାକୁ ଆପଣେଇ ସଫଳ ହୋଇଥିବା କହିଛନ୍ତି।

ମହାଭାରତ ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ଖଣ୍ଡପଡ଼ା ତହସିଲରେ ଭିଜିଲାନ୍ସ ଚଢ଼ଉ ପରେ କର୍ମଚାରୀଙ୍କ ମଧ୍ୟରେ ଛନକା



**ଖଣ୍ଡପଡ଼ା,(ମହାଭାରତ) :** ମାସ ମାସ ଧରି ତହସିଲ ଅଧୀନ ବିଭିନ୍ନ ଲଘୁଖଣିଜ ଦ୍ରବ୍ୟ ଉପ୍ପରୁ ବେଧଡ଼କ ଲୁଟ୍ ଚାଲିଥିଲା। କେଉଁଠି ବାଲିଘାଟ ଲୁଟ୍ ତ କେଉଁଠି ବେଆଇନ ପଥର ବ୍ଲାଷ୍ଟିଂକୁ ମଞ୍ଜୁରି ମିଳିଥିଲା। ସ୍ଥିତି ଏପରି ହୋଇଥିଲା ଯେ ମାସିକିଆ ଦେଉଥିବା ଗାଡ଼ିକୁ ଛାଡ଼ି ଅନ୍ୟ ଗାଡ଼ି ଉପରେ ଚଢ଼ଉ ହେଉଥିଲା। ଗତ ବୁଧବାର ଦିନ ଖଣ୍ଡପଡ଼ା ତହସିଲଦାର ଧୋବେଇ ନାୟକ ଭିଜିଲାନ୍ସ ପଞ୍ଝାରେ ପଡ଼ିବା ପରେ ଏବେ ତହସିଲ ଅଫିସ୍ ଗୁମର ପଦାକୁ ଆସିଛି। ବାଲି ବୋଝେଇ ହାଇୱାକୁ ଛାଡ଼ିବା ଆଳରେ ଅକଳରେ ପଡ଼ିଥିବା ତହସିଲଦାର ଶ୍ରୀ ନାୟକଙ୍କ ସମ୍ପର୍କରେ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ବେଆଇନ ଘାଟରୁ ବାଲି ଉଠାଇ ଆସୁଥିବା ହାଇୱାକୁ ମାଫ୍ କରାଯାଇଥିବା ବେଳେ ଲାଇସେନ୍ସପ୍ରାପ୍ତ ଘାଟରୁ ଆସୁଥିବା ଗାଡ଼ିକୁ ବାଇପାସ୍ ରାସ୍ତାରେ ଅଟକାଇ ଦିଆଯାଉଥିଲା। ପ୍ରତିଦିନ ସନ୍ଧ୍ୟାରେ ଖଣ୍ଡପଡ଼ା ବାଇପାସ୍ ରାସ୍ତାରେ ଖୋଦ୍ ତହସିଲଦାରଙ୍କ ନିର୍ଦ୍ଦେଶରେ ଦାୟିତ୍ୱରେ ଥିବା ରାଜସ୍ୱ ନିରୀକ୍ଷକ ଗାଡ଼ି ଗୁଡ଼ିକୁ ଅଟକାଇବା ସହ ବିଭିନ୍ନ ଆଇନ ଜାଲରେ ଛନ୍ଦିବା ଧମକ ଦେଇଥାନ୍ତି। ଫଳରେ ହାଇୱା ମାଲିକ ମାନେ ବିକଳ୍ପ ରାସ୍ତା ସ୍ୱରୂପ ଲାଞ୍ଚ ମାଧ୍ୟମରେ ମାମଲା ରଫାଦଫା କରିବାକୁ ବାଧ୍ୟ ହୋଇଥାନ୍ତି। ଆଦାୟ ଅର୍ଥକୁ ବିନା ରସିଦରେ ଉଭୟ ଆରଆଇ ଓ ତହସିଲଦାର ବାଣ୍ଟି ନେଉଥିବା ବେଳେ ସ୍ଥିତି ଦେଖି ତଳିଆ କର୍ମଚାରୀଙ୍କୁ ଏଭଳି ବେଆଇନ କାର୍ଯ୍ୟରେ ମଧ୍ୟ ସାମିଲ୍ କରିଥାନ୍ତି। ତିନି ଦିନ ତଳେ ଘଟିଥିବା ଘଟଣାରେ ତହସିଲଦାର ଶ୍ରୀ ନାୟକଙ୍କୁ ଭିଜିଲାନ୍ସ ବାନ୍ଧିଥିବା ବେଳେ ଏଥିରେ ସମ୍ପୃକ୍ତି ଅଭିଯୋଗ ଥିବା ସଦର ଆରଆଇ ଗୌତମ ପ୍ରଧାନଙ୍କୁ କିନ୍ତୁ ତଦନ୍ତ ପରିସରଭୁକ୍ତ କରିନାହିଁ। ଅନ୍ୟପକ୍ଷରେ, ଆର ଆଇ ଶ୍ରୀ ପ୍ରଧାନ ଗତ ବୁଧବାର ଠାରୁ ମୋବାଇଲ୍ ବନ୍ଦ ରଖିଥିବା ବେଳେ ଅଫିସ୍‌ରେ ମଧ୍ୟ ତାଲା ପଡ଼ିଥିଲା। ତେବେ ଗୁରୁବାର ଅଫିସ୍ ଖୋଲାଥିଲେ ହେଁ ଆରଆଇ ଅଫିସ୍ ଆସିନଥିବା ସୂଚନା ମିଳିଛି। ଫଳରେ ପୂରା ଘଟଣାକ୍ରମରେ ତାଙ୍କ ଭୂମିକା ନେଇ ନାନା ସନ୍ଦେହ ସୃଷ୍ଟି ହୋଇଛି। ଖାଲି ବାଲିଘାଟ ନୁହେଁ, କୋସକା ସିଙ୍ଗିପୁର ଖଣି ସହ ବରଗଣ୍ଡ ପଥରଖଣି ପ୍ରଭାବଶାଳୀ ରାଜନେତାଙ୍କୁ ଟେକିଦେଇଥିବା ସୂଚନା ମିଳିଛି। ଏ ପରିସ୍ଥିତିରେ ତହସିଲ କାର୍ଯ୍ୟାଳୟରେ ମଧ୍ୟ ଗତକାଲି ଠାରୁ ଏକପ୍ରକାର ଅଘୋଷିତ ଅଚଳାବସ୍ଥା ଦେଖିବାକୁ ମିଳିଛି। ବର୍ଷ ବର୍ଷ ଧରି ଏକାଧିକ ଅଧିକାରୀ ଏଠାରେ ଗାଦି ମାଡ଼ି ବସିଥିବା ବେଳେ ଅସ୍ଥାୟୀ କର୍ମଚାରୀ ମଧ୍ୟ ଦୌରାତ୍ମ୍ୟ ସୃଷ୍ଟି କରୁଥିବା ଅଭିଯୋଗ ହୋଇଆସୁଛି। କିନ୍ତୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଥରୁଟିଏ ମଧ୍ୟ ଏ ଦିଗରେ ପଦକ୍ଷେପ ନିଆଯାଇନଥିବା ସୂଚନା ମିଳିଛି। ସ୍ଥିତି ଏପରି ହୋଇଛି ଯେ ତହସିଲ ଅଫିସ୍ ଅସାଧୁ ଅଧିକାରୀଙ୍କ ଯୋଗୁ ଦୁର୍ନୀତିର ଗନ୍ତାଘର ପାଲଟିଛି। ଦୁର୍ନୀତି ଅଭିଯୋଗରେ ପୂର୍ବରୁ ମଧ୍ୟ ଭିଜିଲାନ୍ସ ବିଭାଗ ଖଣ୍ଡପଡ଼ା ତହସିଲ୍‌ରେ ଚଢ଼ଉ କରିଛି। ୨୦୧୯ ଡିସେମ୍ବର ୩ ତାରିଖରେ ତତ୍କାଳୀନ ବରିଷ୍ଠ କିରାଣି ଦିଗମ୍ବର ମହାନ୍ତି ୨ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ଦ୍ୱାରା ଗିରଫ ହୋଇ ଜେଲ୍ ଯାଇଥିଲେ।

# ତୁମୁଡିବନ୍ଧ ବ୍ଲକରେ ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ

**ତୁମୁଡିବନ୍ଧ,(ମହାଭାରତ) :** କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ରେ ବ୍ଲକ ସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନର ଶୁଭାରମ୍ଭ ହେଇଯାଇଛି। ନୀତି ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ଆକାଂକ୍ଷା ବ୍ଲକ ଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱୟଂ ସହାୟକ ଗୋଷ୍ଠିରେ ସାମିଲ ହେଇଥିବା ମହିଳା ମାନେ କିପରି ଭାବେ ସ୍ୱାବଲମ୍ବୀ ହେଇପାରିବେ ଏବଂ ଗର୍ଭବତୀ ମହିଳା ମାନେ କିପରି ଭାବେ ନିଜର ଯତ୍ନ ନେବେ ସେନେଇ ସଚେତନ କରାଯାଇଛି । ତୁମୁଡିବନ୍ଧ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରୀ ହରପାଲ ସବୁଜ ପତାକା ଦେଖାଇ ଏହି କାର୍ଯ୍ୟକ୍ରମ କୁ ଶୁଭାରମ୍ଭ କରିଥିଲେ । ତୁମୁଡିବନ୍ଧ ବ୍ଲକ ଆକାଂକ୍ଷା ବ୍ଲକ ତାଲିକା ରେ ଥିବା ହେତୁ ଏହି ଅଭିଯାନ ଜୁଲାଇ ୦୪ ରୁ ସେପଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ତୁମୁଡିବନ୍ଧ ବ୍ଲକର ସମସ୍ତ ଜନସାଧାରଣଙ୍କ ବଞ୍ଚିବାର ଶୈଳୀ, ମାନ ଓ ଗୁଣବତ୍ତାକୁ ଉନ୍ନତି କରାଯିବାର ଯୋଜନା ରଖାଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗର୍ଭବତୀ ମହିଳାର ସ୍ୱାସ୍ଥ୍ୟ ର ଯତ୍ନ ଗର୍ଭଧାରଣ ସମୟରେ ମହିଳାଙ୍କୁ ସଠିକ ପୋଷଣ ବ୍ୟବସ୍ଥା ଏବଂ ୯ ରୁ ୧୧ ମାସର ଶିଶୁର ରୋଗପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ବା ସଠିକ ରହିବାକୁ ଅନ୍ତର୍ଭୁକ୍ତ କରାଯାଇଛି । ସେପରି ଭାବେ କୃଷି କାର୍ଡ ବଣ୍ଟନ,ପ୍ରାଥମିକ ସ୍ତରରେ ସମସ୍ତ ବିଦ୍ୟାଳୟ କୁ ବିଜୁଳି ବ୍ୟବସ୍ଥା ଏବଂ ବିଦ୍ୟାଳୟ ଖୋଲିବା ପରେ ଯଥା ସମ୍ଭବ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ବହି ର ବ୍ୟବସ୍ଥା କରାଯିବାକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ତୁମୁଡିବନ୍ଧ ବ୍ଲକ ଅଧକ୍ଷା ବାସନ୍ତୀ ମାଝୀ, ଜିଲ୍ଲା ପରିଷଦ ନବୀନ ପାତ୍ର, ବରିଷ୍ଠ ବିଜେପି ନେତା ନେତ୍ର ମାନସେଟ, ସାଂସଦ ପ୍ରତନିଧି ପୂର୍ଣ୍ଣଚନ୍ଦ୍ର ପାଢ଼ୀ,ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋବିନ୍ଦ ଚରଣ ଦାସ, ଗୋଷ୍ଠି ଶିକ୍ଷା ଅଧିକାରୀ ପବିତ୍ର ଗଡ଼ତୀୟା, ସରୋଜ ଶତପଥି, ଅତିରିକ୍ତ କୃଷି ଅଧିକାରୀ ତୁମୁଡିବନ୍ଧ, ବୃନ୍ଦାବନ ମହାପାତ୍ର ତୁମୁଡିବନ୍ଧ ବ୍ଲକ ମଙ୍ଗଳ ସାମ୍ପ୍ରସରଣ ଅଧିକାରୀ, କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ସ୍ୱତନ୍ତ୍ର ଅଧିକାରୀ ଅମୀୟ ମିଶ୍ର, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ଅଧିକାରୀ ବାଦଲ ପ୍ରଧାନ ଅନ୍ୟାନ ବିଭାଗ ର କର୍ମକର୍ତ୍ତା ଓ ମିଶନ ଶକ୍ତି ମହିଳା ମାନେ ଯୋଗଦେଇଥିଲେ । ସର୍ବପ୍ରଥମେ ତୁମୁଡିବନ୍ଧ ସ୍ଥିତ ସ୍ଥାନୀୟ ଆମ୍ବେଦକର ଛକ ନିକଟରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ମାରାଥନ ରାଲି ବା ପ୍ରଭାତଫେରି କରାଯାଇଥିଲା । ମାରାଥନ ରାଲି ତୁମୁଡିବନ୍ଧ ବ୍ଲକ ବୈଠକ ଗୃହରେ ଏକ ସଭାର ଆୟୋଜନ କରାଯାଇଥିଲା । ସଭାର ସଭାପତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପସ୍ଥିତ ଥିବା ସମସ୍ତଙ୍କୁ ଠିଆ କରି ଶପଥ ପାଠ କରାଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃର୍ତ୍ତିତ ଅର୍ଜନ କରିଥିବା ସମସ୍ତ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ମିଶନ ଶକ୍ତି ମହିଳା ମାନଙ୍କ ଦ୍ୱାରା ହାତ ତିଆରି ହେଇଥିବା ସୁସ୍ୱାଦ ଆହାର ପ୍ରଦର୍ଶନ କରାଯାଇଥିଲା । ଶିକ୍ଷା, ସ୍ୱାସ୍ଥ୍ୟରେ ତୁମୁଡିବନ୍ଧ ବ୍ଲକ କିପରି ଭାବେ ଉନ୍ନତି କରିପାରିବ ସେନେଇ ସମସ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଗୋଷ୍ଠୀ ଉନ୍ନୟନ ଅଧିକାରୀ

# ଶିକ୍ଷା, ଦକ୍ଷତା ବିକାଶ,ପଞ୍ଚାୟତ ରାଜ,ପାନୀୟ ଜଳ ମନ୍ତ୍ରୀଙ୍କୁ ଦେବଗଡରେ ସ୍ୱାଗତ ସମ୍ବର୍ଦ୍ଧନା



**ଦେବଗଡ,(ମହାଭାରତ) :** ସୁଦାମ ବେହେରା ତା.୦୫.୦୭.୨୦୨୪ ଆଜି ମାନ୍ୟବର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଭାରତ ସରକାର ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଓ ଉନ୍ନୟନ, ପଞ୍ଚାୟତ ରାଜ, ପାନୀୟ ଜଳ ମନ୍ତ୍ରୀ ଓଡ଼ିଶା ସରକାର ଶ୍ରୀଯୁକ୍ତ ରବି ନାରାୟଣ ନାଏକ ଦେବଗଡ଼ ଗ୍ରସ୍ତରେ ଆସି ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଜିଲ୍ଲାରେ କାର୍ଯ୍ୟ କରାଯାଉଥିବା ବିଭିନ୍ନ ଯୋଜନା ଉପରେ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଲୋକମାନଙ୍କୁ ଉପଲବ୍ଧ କରାଯାଉଥିବା ବିଭିନ୍ନ ଯୋଜନା ଗୁଡ଼ିକ ସମୀକ୍ଷା କରି ସମାନୁଯୁ ଯାଇ ଏହି ସୁବିଧା ଗୁଡିକ ଲୋକ ମାନଙ୍କୁ ଯୋଗାଇ ଦେବା ସହିତ ଲୋକାଭିମୁଖୀ ଯୋଜନା ଗୁଡ଼ିକର ସଫଳ ରୂପାୟନ ପାଇଁ ପ୍ରଶାସନିକ ଏବଂ ବିଭାଗୀୟ ଅଧିକାରୀମାନେ ଆନ୍ତରିକ ସହ ନିଜର ଦାଇତ୍ୱ ସମ୍ପାଦନ କରିବାକୁ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କୁ ଶ୍ରୀଯୁକ୍ତ ପ୍ରଧାନ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଆରକ୍ଷୀ ଅଧିକ୍ଷକ ଅନୁପମା ଜେମସ୍, ବନଖଣ୍ଡ ଅଧିକାରୀ ମଗର ଧନାଜି ରାଓସୋ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ତିନି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ ।

# ପୋଖରୀରେ ବୁଡ଼ି ଯୁବକ ମୃତ

**ଆସିକା,(ମହାଭାରତ) :** ଆସିକା ଥାନାଓ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୧୬ ଲଛମନପଲ୍ଲୀ ପଲ୍ଲୀ ରେ ପୋଖରୀରେ ପଡି ଯୁବକ ମୃତ୍ୟୁ ବରଣ କରିଛନ୍ତି । ମୃତକ ଜଣକ ହେଲେ ଲଛମନପଲ୍ଲୀ ମଝିସାହି ସ୍ୱର୍ଗତ ଉଲା ନାହାକ ଙ୍କ ପୁଅ ରବୀନ୍ଦ୍ର ନାହାକ (୪୫)। ପ୍ରକାଶ ଥାଉକି ରବୀନ୍ଦ୍ର ନାହାକ ଗତକାଲି ରାତିରୁ ନିଖୋଜ ଥିଲେ ଆଜି ଅପରାହ୍ନରେ ଗ୍ରାମ ପୋଖରୀରେ ଭାସୁଥିବାର ଦେଖି ଗ୍ରାମ ବାସୀ ଆସିକା ଦମକଳ ବାହିନୀ ଓ ପୋଲିସ କୁ ଖବର ଦେଇଥିଲେ । ଉଭୟ ଦମକଳ ଓ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ରବୀନ୍ଦ୍ର କୁ ପୋଖରୀରୁ ଉଦ୍ଧାରକରି ଆସିକା ଉପଖଣ୍ଡ ଚିକିତ୍ସା ଳୟକୁ ଆଣିଥିଲେ । ଏନେଇ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ ପରେ ଥାନା ପକ୍ଷରୁ ଏକ ୧୩/୨୪ ପ୍ରକାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ପୋଲିସ ।

# ସି.ୱାଇ.ଏସ୍.ଡି ପକ୍ଷରୁ ବନ ମହୋତ୍ସବ ପାଳିତ



**କେନ୍ଦୁଝର,(ମହାଭାରତ) :** କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଡାଳପକା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବୈତରଣୀ ଉଚ୍ଚ ବିଦ୍ୟାଳୟ ଠାରେ ସି.ୱାଇ.ଏସ.ଡି ଅନୁଷ୍ଠାନ ତରଫରୁ ୭୫ ତମ ବନ ମହୋତ୍ସବ ପାଳିତ ହୋଇ ଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସରପଞ୍ଚ ଚୁନି ସିଂ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ପ୍ରଥମେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ର ମା ମାନଙ୍କୁ ନେଇ ବନ ମହୋତ୍ସବ ଉପରେ ଏକ ସଚେତନତା ରାଲି ଗ୍ରାମ ପରିକ୍ରମା କରାଯାଇଥିଲା ପରେ ପରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯିବା ସହ ସମସ୍ତଙ୍କୁ ନେଇ ଏକ ସଭାର ଆୟୋଜନ କରାଯାଇଥିଲା ଏବଂ ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପରିବେଶ ଉପରେ ଚିତ୍ରାଙ୍କନ, ବକ୍ତୃତା ଏବଂ କୁଇଜ୍ ପ୍ରତିଯୋଗିତା ହୋଇଥିଲା କୃତି ପ୍ରତିଯୋଗୀ ମାନଙ୍କୁ ସି.ୱାଇ.ଏସ୍.ଡି ତରଫରୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ମହାନ୍ତ, ସମସ୍ତ ସହକାରୀ ଶିକ୍ଷକ, ସ୍ୱୟଂ ସହାୟକ ଗୋଷ୍ଠୀ ର ମା ଏବଂ ସି.ୱାଇ.ଏସ୍.ଡି ଅନୁଷ୍ଠାନ ତରଫରୁ ଅମିୟ କୁମାର ଦାସ, ତୋଫାନ କୁମାର ସେଠୀ, ପ୍ରଭାସିନୀ ମହାନ୍ତ, ରାମ ଗୋପାଳ ଦାସ, ସତ୍ୟଭାମା ଦାସ, ଚିରଞ୍ଜିବ ପାତ୍ର, ସଞ୍ଜୟ ସେଠୀ, ଜ୍ଞାନ ରଞ୍ଜନ ବେହେରା, ସୁଶିଲ ବେହେରା, ନନ୍ଦିତା ପ୍ରିୟଦର୍ଶିନୀ ଏବଂ ସିପ୍ରା ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ବିଭିନ୍ନ ହୋଟେଲ ଓ ଲର୍ଡ଼ଜରେ ପୋଲିସର ଯାଞ୍ଚ

**ଆସିକା,(ମହାଭାରତ) :** ଗଞ୍ଜାମ ଜିଲ୍ଲା ଆସିକା ସହରରେ ଅପରାଧିକ କାର୍ଯ୍ୟକଳାପ ଓ ବେଆଇନ ବ୍ୟବସାୟ ଉପରେ ରୋକ ଲଗାଇବା ଲାଗି ଆସିକା ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କ ନେତୃତ୍ୱରେ ଦୁଇଟି ପୋଲିସ ଟିମ ପକ୍ଷରୁ ଆଜି ସନ୍ଧ୍ୟା ସମୟରେ ସହର ର ବିଭିନ୍ନ ହୋଟେଲ ଓ ଲର୍ଡ଼ଜରେ ଅଚାନକ ଚଢ଼ାଉ କରାଯାଇଥିବା ଦେଖିବାକୁ ମିଳିଛି । ଏହି ଯାଞ୍ଚ ରେ ଆସିକା ଥାନା ଅଧିକାରୀ ରାଜେନ୍ଦ୍ରନାରାୟଣ ପଟ୍ଟନାୟକଙ୍କ ନେତୃତ୍ୱରେ ଦୁଇଟି ଟିମ ସହରର ବସଷ୍ଟାଣ୍ଡ, ପୁରୁଣାବସଷ୍ଟାଣ୍ଡ ଛକ,କଳିଙ୍ଗ ରୋଡ଼, ପଲ୍ଲୀ ଛକ ନିକଟ ବିଭିନ୍ନ ହୋଟେଲ ଓ ଲର୍ଡ଼ଜ ରେ ଚଢ଼ାଉ କରାଯିବା ସହିତ କଡା କଡ଼ି ଯାଞ୍ଚ କରାଯାଇଥିବା ଦେଖିବାକୁ ମିଳିଛି । ଏହି ଟିମ ହୋଟେଲ ମାନଙ୍କର ରେଜିଷ୍ଟସନ ଖାତା ସହ ସିସିଟିଭି ଯାଞ୍ଚ କରାଯାଇଥିବା ବେଳେ ପୋଲିସ ର ଏହି ଚଢ଼ାଉ ଦ୍ୱାରା ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରହିବା ନେଇ ଆଶାବ୍ୟକ୍ତ କରିଯାଉଛି।



# ସେଞ୍ଚୁରିଆନରେ ଜାତୀୟ ସ୍ତରୀୟ କର୍ମଶାଳା



**ପାରଳାଖେମୁଣ୍ଡି,(ମହାଭାରତ) :** ପାରଳାଖେମୁଣ୍ଡି ସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ଏକ ଜାତୀୟ ସ୍ତରୀୟ କର୍ମଶାଳା ସପ୍ତାହ ବ୍ୟାପି ଅନୁଷ୍ଠିତ ହୋଯାଇଅଛି। ଏହି କର୍ମଶାଳା ଇଲେକ୍ଟ୍ରିକାଲ ଓ ଏଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ ବିଭାଗ ଆନୁକୁଲ୍ୟ ରେ ଚଳିତ ମାସ ୧ ରୁ ୫ ମଧ୍ୟରେ ଅନୁଷ୍ଠିତ ହୋଇ ଉଦଯାପିତ ହୋଯାଇଛି। ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ଉକ୍ତ ବିଷୟରେ ଭବିଷ୍ୟତ ଧାରା ଓ ସାମ୍ପ୍ରତିକ ଅଗ୍ରଗତି ସମ୍ପର୍କରେ ଆଲୋଚନା । ଓରରର ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହି କର୍ମଶାଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡଃ ଅନୀତା ପାତ୍ର ତଥା ଡିନ୍ ଡଃ ପ୍ରଫୁଲ୍ଲ କୁମାର ପଣ୍ଡା, ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରିଥିଲେ। ଘଓଞ୍ଜ ୱାରଙ୍ଗଲର ନିର୍ଦ୍ଦେଶକ କାର୍ଯ୍ୟରତ ପ୍ରଫେସର ବିଦ୍ୟାଧର ସୁବୁଦ୍ଧି ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଅଧିକ ରୁ ଅଧିକ ସବୁଜ ଶକ୍ତି ଉତ୍ପାଦନ ପାଇଁ ସୌର ଶକ୍ତି ବା ପବନ ଶକ୍ତି ର ଉତ୍ସ ସବୁକୁ କିପରି ଦକ୍ଷତା ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରାଯାଇ ପାରିବ, ସେ ସଂପର୍କିତ ବିସ୍ତୃତ ଆଲୋଚନା କରିଥିଲେ। ଏତତ୍ ପରେ ଆଲୋଚନା କୁ ଅଗ୍ରସର କରିବା ନିମନ୍ତେ ବିଭିନ୍ନ ଓଓଞ୍ଜ, ଘଓଞ୍ଜ ତଥା ଅନ୍ୟ ଜାତୀୟ ସ୍ତରୀୟ ଅନୁଷ୍ଠାନରୁ ନିମନ୍ତ୍ରିତ ବିଶେଷଜ୍ଞ ମାନେ ନିଜ ଗବେଷଣା ର ଉଦ୍ଧୃତି ଉପସ୍ଥାପନ କରିବା ସହ ଆଲୋଚନା କରିଥିଲେ । ଏହି ଆଲୋଚନା ରେ ଅଂଶଗ୍ରହଣ କରିବା ପାଇଁ ଜାତୀୟ ଓ ରାଜ୍ୟ ସ୍ତରରେ ସୁପ୍ରସିଦ୍ଧ ଅନେକ ଖ୍ୟାତନାମା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ତଥା ଗବେଷକ ଯୋଗ ଦେଇଥିଲେ। ଏହି କର୍ମଶାଳା ନିଶ୍ଚିତ ଭାବରେ ଜ୍ଞାନ ବିତରଣ ଓ ଆଲୋଚନା କ୍ଷେତ୍ର ରେ ଏକ ଉଚ୍ଚ ମାନଦଣ୍ଡ ସୃଷ୍ଟି କରିପାରିଛି ବୋଲି ମତାମତ ପ୍ରକାଶ ପାଇଛି ।ପ୍ରଫେସର ପ୍ରଭାତ କୁମାର ପଟ୍ଟନାୟକ, ଡଃ ପ୍ରଜ୍ଞା ପରମିତା ପ୍ରଧାନ ଏବଂ ଡଃ ଅବିନାଶ ରଥ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଆଗାମୀ ଦିନରେ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ଏପରି ଆହୁରି ଅନେକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଆୟୋଜକ ମାନେ ମତ ପୋଷଣ କରିଛନ୍ତି।

# ମଦ୍ୟପ କରୁଛି ନାଟ, ଭୟରେ ସ୍କୁଲ ଖୋଲୁନାହାନ୍ତି ଶିକ୍ଷକ

**ବାସୁଦେବପୁର,(ମହାଭାରତ) :** ପିଲା ପଢିବେ ଭବିଷ୍ୟତ ଗଢିବେ । ଶିକ୍ଷା ର ବିକାଶ ହେଲେ ଦେଶ ର ବିକାଶ ହେବ ଏମିତି ଅନେକ କଥା ଶୁଣିବାକୁ ଭଲଲାଗେ । ବାସ୍ତବିକ ସ୍ଥିତି ଦେଖିଲେ କେଉଁଠି ଶିକ୍ଷକ ଅଭାବ ତ ଅନ୍ୟ କେଉଁଠି ଭଲ ସ୍କୁଲ ଘରଟିଏ ନାହିଁ । ଏଭଳି ଅନେକ ଅଭିଯୋଗ ଆସିଥାଏ । ଆଜି କିନ୍ତୁ ଏମିତି ଏକ ଅଭିଯୋଗ ଆସିଛି ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ଏମିତି ଏକ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକରେ । ସେହି ବ୍ଲକରେ ଅବସ୍ଥିତ ଦଧିବାମନପୁର ଗ୍ରାମ ରେ ଥିବା ପ୍ରାଥମିକ ବିଦ୍ୟାଳୟ ର ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଜଣେ ମଦ୍ୟପ ଯୁବକ ର ଆକ୍ରମଣ ରେ ଭୟଭୀତ ହୋଇ ସ୍କୁଲ ଯିବା ବନ୍ଦ କରିଦେଇଛନ୍ତି । ଶିକ୍ଷକ ଓ ଗ୍ରାମବାସୀ ମାନେ ଏନେଇ ନାୟକାନିଡ଼ିହି ଥାନାରେ ଅଭିଯୋଗ କରିଛନ୍ତି । ଘଟଣା ରୁ ପ୍ରକାଶ ଯେ ଗତ ଦୁଇ ତାରିଖ ଦିନ ସେହି ଗ୍ରାମର ଯୁବକ ଅଟଳ ପରିଡା ସ୍କୁଲ ଖୋଲିବା ସମୟରେ ଶିକ୍ଷକ ଶିକ୍ଷୟତ୍ରୀ ଅସଭ୍ୟ ଭାଷାରେ ଗାଳି କରିଥିଲା, ସ୍ଥାନୀୟ ଲୋକ ପ୍ରତିବାଦ ପରେ ବାହାରି ଯାଇ ପୁଣିଥରେ ବିଦ୍ୟାଳୟ ଛୁଟି ସମୟରେ ଆସି ପ୍ରଧାନ ଶିକ୍ଷକଙ୍କୁ ଆକ୍ରମଣ କରିବା ସହିତ ଗୋଟେ ଦାମୀ ମୋବାଇଲ ଛଡେଇ ନେଇଥିବା ର ଅଭିଯୋଗ କରିଥିଲେ ଶିକ୍ଷକ। ଏନେଇ ଶିକ୍ଷକ ଓ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇବା ସହିତ ନାୟକାଣୀଡ଼ିହି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସେ ଘଟଣା ଅନୁସନ୍ଧାନ କରି ଏକ ମାମଲା ରୁଜୁ କରି ଅଟଳ ପରିଡା କୁ ଧରିବାକୁ ତତ୍ପର ପ୍ରକାଶ କରିଛି।

# ସଇଁତଲାରେ ସାମ୍ବାଦିକ ସଂଘ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ



**ଟିଟଲାଗଡ଼,(ମହାଭାରତ) :** ବଲାଙ୍ଗୀର ଜିଲ୍ଲା ସଇଁତଲା ସ୍ଥିତ ଜାମପଦର ସ୍ଥିତ ପୋଲିସ କଲୋନୀ ପରିସରରେ କାର୍ଯ୍ୟରତ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ବ୍ଲକସ୍ତରୀୟ ୭୫ ତମ ବନ ମହୋତ୍ସବ କାର୍ଯ୍ୟକ୍ରମ ମହାସମାରୋହ ଉଦଯାପିତ ହୋଇଯାଇଛି । ଏହି ପରିପେକ୍ଷୀରେ ମୁଖ୍ୟଅତିଥି ଭାବରେ ସଇଁତଲା ଆଇଆଇସି ସୁଶାନ୍ତ ପ୍ରଧାନ ଯୋଗଦାନ କରିଥିବା ସମ୍ମାନିତ ଅତିଥି ଭାବରେ ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ବିଶିଷ୍ଟ ସମାଜସେବୀ ମଦନଲାଲ ଅଗ୍ରୱାଲ, ଓଡିଶା ସାମ୍ବାଦିକ ସଂଘ(ଓଜେୟୁ ) ଜିଲ୍ଲା ସଭାପତି ତଥା ସଂଘ ମୁଖ୍ୟ ପରାମର୍ଶଦାତା ପ୍ରମୋଦ ସେଲମା ଓ ଫରେଷ୍ଟର ଧର୍ମେନ୍ଦ୍ର ସାଏ ପ୍ରମୁଖ ଯୋଗଦାନ କରି ବୃକ୍ଷରୋପଣର ଉଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଉକ୍ତ କଲୋନୀ କେମ୍ପସରେ ଲିମ୍ବ, ପଣସ,ବଉଳ, କରଣଞ୍ଜ , ଅଏଳା , ବରଗଛ ଇତ୍ୟାଦି ବୃକ୍ଷରୋପଣ କରାଯାଇଥିଲା । ଏହି ସମୟରେ ସଂଘ ସଭାପତି ନାରାୟଣ ସାହୁ, ସମ୍ପାଦକ ବିଶାଳ ଅଗ୍ରୱାଲ, କୋଷାଧକ୍ଷ ଅଜିତ ସାହୁ, ରଞ୍ଜନ ବାଗ, ସୁଶାନ୍ତ ମେହେର, ଲକ୍ଷ୍ମୀକାନ ସାହୁ, ପୋଲିସ ଷ୍ଟାପ ରେବତୀ ଭାଟି, ବନ ବିଭାଗ କର୍ମଚାରୀ, ସାମ୍ବାଦିକ ବନ୍ଧୁ ମାନେ ସାମିଲ ହୋଇଥିଲେ।

# ଚାଷଜମି କମୁଛି କୋଠାବାଡ଼ି ବଢୁଛି



**ଗଜପତି,(ମହାଭାରତ) :** ଜିଲ୍ଲାରେ ବର୍ତ୍ତମାନ ଚାଷ ଜମି ଦିନକୁ ଦିନ କମିବାରେ ଲାଗିଛି ଯାହା ଫଳରେ ଚାଷୀ ଚାଷ ନକରି ବାହାର ରାଜ୍ୟକୁ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛି। ଚାଷ ଜମିକୁ ଚାଷୀଙ୍କ ଠାରୁ କମ ଦରରେ କିଣି ବା ଶାଗ ମାଛ ଦରରେ କ୍ରୟ କରି ପ୍ଲଟ ଘର ବାରିରେ ପରିଣତ କରୁଛନ୍ତି। ଯାହା ଫଳରେ ଚାଷ ଜମି ଦିନକୁ ଦିନ କମିବାରେ ଲାଗିଛି। ଚାଷ ଜମିକୁ ଘର ବାରୀରେ ପରିଣତ କରୁଥିବା ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଯାହା ଫଳରେ ଚାଷ ଜମି କମୁଛି। ପ୍ଲଟ ବେପାର କରି ଏବେ ଲୋକ ଲକ୍ଷ ପତି ଓ କୋଟିପତି ହୋଇ ପାରିଛନ୍ତି। ସକାଳ ହେଲେ ଟ୍ରେଜେରୀ ରାସ୍ତାରେ ଭିଡ଼ ଜମି ପ୍ଲଟ ବେପାରି ଓ ମଧ୍ୟସ୍ଥତାଙ୍କର କାଗଜ ଦେଖାଇ ସହଜ ଉପାୟରେ ବିନ। ପାରିଶ୍ରମରେ ଲକ୍ଷ ପତି ଓ କୋଟିପତି ହେବାର ଆଶା ଏପରିକୀ ଯାହା ପାଖରେ ଖାଇବାରକୁ ନଥିଲା ସେ କୋଟି ପତି ଓ ଲକ୍ଷ ପତି କୋଠା ବାଡ଼ି ବ୍ୟାଙ୍କ ବାଲାନ୍ସ ସମସ୍ତଙ୍କୁ ଜଣା ଏପରିକି ସରକାରୀ କାର୍ଯ୍ୟରତ କର୍ମଚାରୀ ମାନେ ମଧ୍ୟ ଏହି ପ୍ଲଟ ବେପାର କରି ଲକ୍ଷ ପତି ଓ କୋଟି ପତି ହେଉଛନ୍ତି। ଏଣୁ ନୂତନ ସରକାର ଚାଷିଙ୍କ ପ୍ରତି ଦୃଷ୍ଟି ଦେଲେ ଚାଷ ଜମି ପ୍ଲଟ ହେବ ନାହିଁକି ଘର ବାରିରେ ପରିଣତ ହେବ ନାହିଁ ଚାଷ ଜମି ରହିବ ଚାଷି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବ ନାହିଁ ଜମିରେ ସୁନାର ଫସଲ ଫଳିବ ଖାଦ୍ୟ ଶସ୍ୟର ଅଭାବ ରହିବ ନାହିଁ ନହେଲେ ଖାଦ୍ୟ ଶସ୍ୟର ସଙ୍କଟ ଦେଖାଦେବ ।

# ଶେଷ ପର୍ଯ୍ୟାୟରେ ବିଶ୍ୱର ବୃହତ୍ତମ ରଥ

**କେନ୍ଦୁଝର,(ମହାଭାରତ) :** କେନ୍ଦୁଝର ର ଆରାଧ୍ୟ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ଯେତେ ପାଖେଇ ଆସୁଛି ଭକ୍ତଙ୍କ ମଧ୍ୟରେ ଉତ୍ସାହ ସେତିକି ବଢ଼ିବାରେ ଲାଗିଛି। ରଥରେ ଶ୍ରୀଜୀଉଙ୍କୁ ଦର୍ଶନ ଏବଂ ରଥ ଟାଣିବା ପାଇଁ ଭକ୍ତ ବ୍ୟାକୁଳ ହେଉଥିବା ବେଳେ ଦେବୋତ୍ତର ବିଭାଗ ଅଧୀନରେ ପରିଚାଳିତ ଭକ୍ତ ରଥଯାତ୍ରାକୁ ସୁରୁଖୁରୁରେ କରିବାକୁ ପ୍ରଶାସନ ପକ୍ଷରୁ ସବୁ ପ୍ରକାରର ଉଦ୍ୟମ କରାଯାଉଛି। ରଥଯାତ୍ରକୁ ଆଉ ୪ ଦିନ ବାକି ଥିବା ବେଳେ ବିଶ୍ୱର ସର୍ବୋଚ୍ଚ ରଥ ନିର୍ମାଣ କାମ ପ୍ରାୟତଃ ସରିଯାଇଛି। ସାଜସଜ୍ଜା କାମ ଚାଲିଛି। ରଥ ମହାରଣା ନୀଳମଣି ମହାରଣାଙ୍କ ନେତୃତ୍ୱରେ ଏବଂ ପୂର୍ବ ବିଭାଗ ତତ୍ତ୍ୱାବଧାନରେ ନୂଆ ଓ ପୁରୁଣା କାଠରେ ୭୨ ଫୁଟ୍ ଉଚ୍ଚ ରଥ ନିର୍ମାଣ ଚାଲିଛି। ଜିଲାପାଳ ବିଶାଳ ସିଂହ ନିଜେ ପୁରୁଣା ସହରକୁ ଗୁରୁବାର ଯାଇ ରଥନିର୍ମାଣ, ରଥଯାତ୍ରା ପାଇଁ ପ୍ରସ୍ତୁତି ଆଦିର ସମୀକ୍ଷା କରିଛନ୍ତି। ସେହିପରି ୯ ଦିନ ବ୍ୟାପୀ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଧ୍ୟ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ପ୍ରସ୍ତୁତି ସରିଛି। ଶନିବାର ସୁଦ୍ଧା ରଥ ସାଜସଜ୍ଜା ହୋଇ ପ୍ରସ୍ତୁତ ହୋଇଯିବ ବର୍ଷା ଯୋଗୁ ରଙ୍ଗ କାମ ସାମାନ୍ୟ ବାଧାପ୍ରାପ୍ତ ହୋଇଛି। ତେବେ କନକ ମଣ୍ଡପ ଛାଉଣି, କପଡ଼ା ଲାଗି, ପାର୍ଶ୍ୱ ଦେବୀଦେବ ଲଗାଇବା ଆଦି କାମ ବାକି ରହିଛି ବୋଲି ଦେବୋତ୍ତର ବିଭାଗ ପରିଚାଳକ ପଞ୍ଚାନନ ସାହୁ କହିଛନ୍ତି। ଅନ୍ୟପକ୍ଷରେ କେନ୍ଦୁଝର ରାଜବଂଶ ଏବଂ ରଥଯାତ୍ରା ସହିତ ଭୂୟାଁ ଆଦିବାସୀଙ୍କ ନିବିଡ଼ତା ବହୁ ଆଗରୁ ରହିଛି। ଏଣୁ ଶ୍ରୀଜୀଉଙ୍କ ରଥ ଟାଣିବା ପାଇଁ ବ୍ୟବହାର ଦଉଡି ଭୂୟାଁ ବନବାସୀମାନେ ପ୍ରସ୍ତୁତ କରିଥାନ୍ତି। ବାଂଶପାଳ ବ୍ଲକ୍ ଦଅଁଳା ଗ୍ରାମରେ ଭୂୟାଁ ସର୍ଦାର କୁଞ୍ଜ ଜୁଆଙ୍ଗ, ଭୀମ ଜୁଆଙ୍ଗଙ୍କ ସମେତ ଅନ୍ୟମାନେଏହି ସ୍ୱତନ୍ତ୍ର ପ୍ରସ୍ତୁତିରେ ଲାଗିଛନ୍ତି। ଦରଡି ସାଧାରଣତଃ ନିଆଳି ଲତାରେ ତିଆରି ହୋଇଥାଏ । ଗନ୍ଧମାର୍ଦନ ପାହାଡ଼ ଅଞ୍ଚଳରୁ ଶିଆଳି ଲତା ସଂଗ୍ରହ କରି ସେଥିରୁ ଚୋପାକୁ ବାହାର କରିଥାନ୍ତି। ଚୋପାରୁ ଦରଡ଼ି ପ୍ରସ୍ତୁତି ହୋଇଥାଏ। ଏହା ପ୍ରସ୍ତୁତ କରିବା କଷ୍ଟସାଧ ହୋଇଥିଲେ ହେଁ ପରମ୍ପରାକୁ ଛାଡ଼ିନାହାନ୍ତି। ପୌରାଣିକ ଇତିବୃରି ଅନୁଯାୟୀ ଭଗବାନ ଶ୍ରୀକୃଷ୍ଣ ଜଙ୍ଗଲରେ ଶିଆଳି ଲତା ଦରଡିରେ ଦୋଳି ଖେଳୁଥିଲେ। ଶ୍ରୀକୃଷ୍ଣଙ୍କୁ ଦୂରରୁ ଜାଣି ନ ପାରି ଏବଂ ଏକ ହରିଣ ବୁଲୁଥିବା ଭାବି ଜାରା ଶବର ଶରବିଦ୍ଧ କରିଥିଲେ ବୋଲି କୁହାଯାଏ। ତତ୍କାଳୀନ ରାଜାମାନେ ଏହି ଶିଆଳି ଲତା ଶ୍ରୀଜୀଉଙ୍କ ପ୍ରିୟ ଦଉଡି ମନେକରି ରଥଟାଣିବା ପାଇଁ ନିଷ୍ପତ୍ତି ନେଇଥିଲେ ବୋଲି କୁହାଯାଏ। ରଥଯାତ୍ରା ପୂର୍ବରୁ ସେମାନେ ଏହି ଦଉଡି ପ୍ରଶାସନକୁ ପ୍ରଦାନ କରିଥାନ୍ତି।







ପ୍ୟାରିସରେ ଆରମ୍ଭ ହେବାକୁ ଯାଉଥିବା ଅଲିମ୍ପିକ୍ସ ଭାରତର ଆଥ୍ଲେଟିକ୍ସ ପ୍ରତିନିଧି ଦଳ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାବବିନିମୟ।

# ମାଟିର ସ୍ୱାଦ କେମିତି ଲାଗିଲା

ନୂଆଦିଲ୍ଲୀ,୫।୭:ନୂଆଦିଲ୍ଲୀ,୫।୭: ଭାରତୀୟ କ୍ରିକେଟ ଟିମ୍ ଟି୨୦ ବିଶ୍ୱକପ୍ ୨୦୨୪ ଜିତିବା ପରେ ସ୍ୱଦେଶ ଫେରିଛି ଗୁରୁବାର ଦଳର ଖେଳାଳିମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର

## ପନ୍ତ, ଚହଲ, କୋହଲିଙ୍କ ସବୁ ଖେଳାଳି ବଖାଣିଲେ ଅନୁଭୂତି



ମୋଦିଙ୍କୁ ଭେଟିଥିଲେ ଏହି ସମୟରେ ସମସ୍ତେ ନିଜର ପ୍ରଦର୍ଶନ ଉପରେ ଚର୍ଚ୍ଚା କରିଥିଲେ ।ବିଶେଷକରି ଟିମ୍ ଇଣ୍ଡିଆ। ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିବା ଋଷଭ ପନ୍ତ, ବିରାଟ କୋହଲିଙ୍କ ସହ ସମସ୍ତଙ୍କ ଅନୁଭୂତି ବିଷୟରେ ପଚାରି ବୁଝିଥିଲେ।

ଆଲୋଚନା ସମୟରେ ପନ୍ତଙ୍କୁ ମୋଦି ପୁରୁଣା ଦିନକୁ ମନେ ପକାଇଥିଲେ। ଦୁର୍ଘଟଣାରେ ଆହତ ହେବା ପରେ ସେ ଯେତେବେଳେ ପନ୍ତଙ୍କ ମାଙ୍କ ସହ କଥା ହୋଇଥିଲେ ସେତେବେଳେ ତାଙ୍କୁ ବିଶ୍ୱାସ ହୋଇଯାଇଥିଲା ଯେ ପନ୍ତ କୁଶଳତାର ସହ ମଇଦାନକୁ ପୁଣି ଫେରିବେ ବୋଲି ମୋଦି କହିଛନ୍ତି। ପନ୍ତ ମୋଦିଙ୍କୁ କହିଥିଲେ, ଦୁର୍ଘଟଣା ପରର ଦିନଗୁଡ଼ିକ କଷ୍ଟକର ଥିଲା ମୋ ସାମ୍ନାରେ ପୁଣିଥରେ ଉଇକେଟକିପର୍ ଭାବେ ଦାୟିତ୍ୱ ତୁଲାଇବାର ବଡ଼ ଚ୍ୟାଲେଞ୍ଜ ଥିଲା ପ୍ରଥମେ ସୁସ୍ଥ ହୋଇ ମଇଦାନକୁ କେବେ ଫେରିବି ଦିନ ଗଣୁଥିଲି ଏମିତିରେ ଆପଣ ମାଙ୍କ ସହ କଥା ହେବା ବଳ ଦେଇଥିଲା ବହୁତ କିଛି ଚିନ୍ତା ରହିଥିଲେ ହେଁ ଆପଣଙ୍କ ସହ କଥା ହେବା ପରେ ସବୁକିଛି ଦୂର ହୋଇଯାଇଥିଲା ବୋଲି ସେ କହିଥିଲେ। ଏହାପରେ ମୋଦି ପନ୍ତଙ୍କ ମାଙ୍କ ସହ ଫୋନ୍ କଲ୍‌ରେ ହୋଇଥିବା କଥା ବିଷୟରେ ଚର୍ଚ୍ଚା କରିଥିଲେ। ସେ କହିଥିଲେ, ପୂର୍ବରୁ ମୁଁ ଡାକ୍ତରମାନଙ୍କ ସହ କଥା ହୋଇ ସାରିଥିଲି ମାଙ୍କୁ ପଚାରିଥିଲି ଯେ କଣ ପୁଅଙ୍କୁ ବିଦେଶକୁ ନେଇଯିବାର ଆବଶ୍ୟକତା ରହିଛି ହେଲେ ମୁଁ ତାଙ୍କୁ ନୁହେଁ ବରଂ ସେ ମୋଦି ସାନ୍ତ୍ୱନା ଦେବା ଭଳି ଲାଗିଥିଲା ସେତେବେଳଠାରୁ ମୋତେ ଲାଗିଥିଲା ଯେ ଯାହାକୁ ଏଭଳି ମା ମିଳିଛି ସେ କେବେ ବିଫଳ ହୋଇପାରିବ ନାହିଁ।

ଏହି ସମୟରେ ସେ ବୋଲର ଚହଲଙ୍କ ସହ ହସ-ମଜାକ୍ କରୁଥିବା ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀଙ୍କ ପ୍ରଶ୍ନରେ ଚହଲ ହସି ହସି ଉତ୍ତର ଦେଉଥିବା ବେଳେ ସାଥୀ ଖେଳାଳିମାନେ ମଧ୍ୟ ହସିଥିଲେ। ପିଏମ୍ ଚହଲଙ୍କୁ କହିଥିଲେ ଯେ, ତୁମେ ଏତେ ସିରିୟସ୍ ଦେଖାଯାଉଛ। ଏହା ଶୁଣି ସମସ୍ତ ଖେଳାଳି ହସି ଥିଲେ।

ଟିମ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମାଙ୍କୁ ପ୍ରଧାନମନ୍ତ୍ରୀ ମୋଦି ମାଟିର ସ୍ୱାଦ ସମ୍ପର୍କରେ ପ୍ରଶ୍ନ କରିଥିଲେ ମାଟିର ସ୍ୱାଦ କେମିତି ବୋଲି ମୋଦି ତାଙ୍କୁ ପଚାରିଥିଲେ। ବାର୍ବଡସରେ ଭାରତ ୧୭ ବର୍ଷ ପରେ ଟି-୨୦ ବିଶ୍ୱକପ ଜିତିଥିଲା ସେହିପରି ଦଳ ୧୧ ବର୍ଷ ପରେ କୌଣସି ଆଇସିସି ଟ୍ରଫି ଜିତିବାକୁ ସକ୍ଷମ ହୋଇଥିଲା ତେଣୁ ଏହି ଐତିହାସିକ ବିଜୟକୁ ଅଧିନାୟକ ରୋହିତ ଭିନ୍ନ ଅନ୍ଦାଜରେ ସ୍ମରଣୀୟ କରିଥିଲେ। ସେ ବିଜୟ ପରେ ମ୍ୟାଚ୍ ଖେଳା ଯାଉଥିବା ବାର୍ବଡସ୍ ପିଚ୍‌ର ମାଟିକୁ ଆଣି ଖାଇଥିଲେ ଏହାର ଭିଡିଓ ମଧ୍ୟ ବେଶ ଭାଇରାଲ ହୋଇଥିଲା।

ଚାମ୍ପିୟନ ହେବା ପରେ ଟେନିସ ତାରକା ନୋଭାକ ଜୋକଭିଚ୍ ସମାନ ଢଙ୍ଗରେ କୋଟରେ ଥିବା ମାଟିକୁ ଖାଇ ନିଜର ବିଜୟ ସେଲିବ୍ରେସନ କରନ୍ତି ଅନୁରୂପ ଭାବେ ରୋହିତ ମଧ୍ୟ ବାର୍ବଡସରେ ମାଟି ଖାଇଥିଲେ। ତେଣୁ ମୋଦି ତାଙ୍କୁ ଥଟାମଜାରେ ମାଟିର ସ୍ୱାଦ କେମିତି ବୋଲି ପ୍ରଶ୍ନ କରିଥିଲେ। ଏହାପରେ ପ୍ରଧାନମନ୍ତ୍ରୀ ମୋଦି ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କୁ ଫାଇନାଲ ମ୍ୟାଚ ପୂର୍ବରୁ ମାନସିକ ସ୍ଥିତି କେମିତି ଥିଲା ବୋଲି ପ୍ରଶ୍ନ କରିଥିଲେ ଟି-୨୦ ବିଶ୍ୱକପରେ ବିରାଟଙ୍କ ବ୍ୟାଟ ଆଦୌ ଚାଲୁ ନଥିଲା। କିନ୍ତୁ ଫାଇନାଲ ମ୍ୟାଚ୍‌ରେ ସେ ୭୬ ରନ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ।

ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲରେ ଅକ୍ଷର ପଟେଲ ଟପ ଅର୍ଡରରେ ବ୍ୟାଟିଂ କରିବାକୁ ଆସି ୪୭ ରନ କରିଥିଲେ। ଏହି ସମୟରେ ତାଙ୍କ ଭାବନା କେମିତି ଥିଲା, ସେକଥା ମୋଦି ତାଙ୍କୁ ପଚାରିଛନ୍ତି। ଦକ୍ଷିଣ ଆଫ୍ରିକା ଟେସର ଶେଷ ୪ ଓଭର ବୋଲିଂ କରିବା ବେଳେ ଯଶପ୍ରୀତ ବୁମରା ଓ ହାର୍ଦ୍ଦିକ ପାଣ୍ଡ୍ୟା କଣ ଚିନ୍ତା କରିଥିଲେ ବୋଲି ମଧ୍ୟ ମୋଦି ଉଭୟଙ୍କ ଠାରୁ ପଚାରି ବୁଝିଛନ୍ତି।

# ନୀରଜ ଚୋପ୍ରାଙ୍କୁ କଣ ମାଗିଲେ ମୋଦି

ନୂଆଦିଲ୍ଲୀ,୫।୭: ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ଅଂଶଗ୍ରହଣ କରୁଥିବା ଭାରତୀୟ ଦଳର ଖେଳାଳିଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କଥାବାର୍ତ୍ତା କରିଥିଲେ ପିଏମ ମୋଦି ଅଲିମ୍ପିକ୍ସରେ ଚମତ୍କାର ପ୍ରଦର୍ଶନ କରିବାକୁ ଭାରତୀୟ ଆଥଲେଟମାନଙ୍କୁ ପ୍ରେରଣା ଦେଇଥିଲେ ଏହି ସମୟରେ ପ୍ରଧାନମନ୍ତ୍ରୀ ଜାଭେଲିନ ଥ୍ରୋ ଖେଳାଳି ନୀରଜ ଚୋପ୍ରାଙ୍କୁ ତାଙ୍କ ମାଙ୍କ ହାତ ତିଆରି ଚୁର୍ମା ଖାଇବାକୁ ଦାବି କରିଥିଲେ ଏହା ଉପରେ ନୀରଜ ପ୍ରଧାନମନ୍ତ୍ରୀଙ୍କୁ ଚୁର୍ମା ଖୁଆଇବାକୁ ପ୍ରତିଶୃତି ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ବାସଭବନରେ ଭାରତୀୟ ଦଳ ସହ ଯୋଗାଯୋଗ କରିଥିବା ବେଳେ କିଛି ଆଥଲେଟ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗ ଦେଇଥିଲେ, ଅଲିମ୍ପିକ ପଦକ ବିଜେତା ପିଭି ସିନ୍ଧୁ, ଲୋଭଲିନା ବୋର୍ଗୋହେନ ଏବଂ ବିଶ୍ୱ ଚାମ୍ପିୟନ ଜାଭେଲିନ ଥ୍ରୋରେ ନୀରଜ ଚୋପ୍ରା ଭିଡିଓ କନଫରେନ୍ସିଂ ମାଧ୍ୟମରେ ଷ୍ଟାର ଆଥଲେଟ ନୀରଜ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପ୍ରତିଶୃତି ଦେଇଛନ୍ତି ଯେ ଅଲିମ୍ପିକ୍ସରୁ ଫେରିବା ପରେ ସେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପାଇଁ ଘରେ ତିଆରି ଚୁର୍ମା ଆଣିବେ। ଏହା ଉପରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ମୁଁ ତୁମ ମାଆଙ୍କ ଦ୍ୱାରା ପ୍ରସ୍ତୁତ ଚୁରମା ଖାଇବାକୁ ଚାହୁଁଛି ଅଲିମ୍ପିକ୍ସରୁ ଫେରିବା ପରେ ସେ ହରିୟାଣାର ସ୍ଥାନୀୟ ଘି ସହିତ ପ୍ରସ୍ତୁତ ଚୁର୍ମାକୁ ପ୍ରଧାନମନ୍ତ୍ରୀଙ୍କୁ ଖାଇବାକୁ ଦେବେ ବୋଲି ନୀରଜ କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦି ରମିତା ଜିନ୍ଦଲ (ଏୟାର ରାଇଫଲ ଶୁଟିଂ), ରିତିକା ହୁଡା (କୁସ୍ତି), ଆନନ୍ଦ ପାଙ୍ଗଲ (କୁସ୍ତି), ନିଖତ ଜରିନ (ବକ୍ସିଂ) ଇତ୍ୟାଦି କିଛି ନୂତନ ଖେଳାଳିଙ୍କ ସହ ମଧ୍ୟ କଥାବାର୍ତ୍ତା କରିଥିଲେ।

# ବିଧାନସଭାରେ ହସାଇଲେ ରୋହିତ



ମୁମ୍ବାଇ,୫।୭: ସ୍ୱଦେଶ ଫେରିବା ପରେ ବିଶ୍ୱବିଜୟୀ ଭାରତୀୟ ଟିମ୍‌କୁ ଶୁଭେଚ୍ଛା ଏବଂ ସମ୍ମାନ ସମାରୋହ ଜାରି ରହିଛି ଗତ ଗୁରୁବାର ମୁମ୍ବାଇରେ ସମ୍ବର୍ଦ୍ଧନା ପରେ ଆଜି ମହାରାଷ୍ଟ୍ର ବିଧାନସଭାକୁ କ୍ୟାପ୍‌ଟେନ୍ ରୋହିତ ଶର୍ମାଙ୍କୁ ଆମନ୍ତ୍ରିତ କରାଯାଇଥିଲା। ରୋହିତଙ୍କ ସହିତ ସ୍କ୍ୱାଡ୍‌ରେ ସାମିଲ୍ ଥିବା ଅନ୍ୟ ମହାରାଷ୍ଟ୍ର ଖେଳାଳି ସୂର୍ଯ୍ୟ କୁମାର ଯାଦବ, ଶିବମ୍ ଦୁବେ ଏବଂ ଜଶସ୍ୱୀ ଜୟସଲ୍ ମଧ୍ୟ ବିଧାନସଭାକୁ ଯାଇଥିଲେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏହି ଖେଳାଳିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଗୃହରେ ରୋହିତ ଶର୍ମା ମରାଠିରେ ଭାଷଣ ଦେଇଥିଲେ।

ରୋହିତ ମହାରାଷ୍ଟ୍ରର ଉପ-ରାଜଧାନୀ ନାଗପୁରରେ ବଢ଼ିଛନ୍ତି। ତେଣୁ ତାଙ୍କୁ ତାଙ୍କର ଅନୁଭବ କହିବାକୁ ଆମନ୍ତ୍ରିତ କରାଯାଇଥିଲା। ସେ ମାଇକ୍ ଧରି ଭାଷଣ ଆରମ୍ଭ କରୁ କରୁ ମୁମ୍ବାଇର ରାଜା ରୋହିତ୍ ଧ୍ୱନିରେ ଗୃହ କମ୍ପି ଉଠିଥିଲା ।ସେ ପ୍ରଥମେ ନମସ୍କାର କରି ଭାଷଣ ଆରମ୍ଭ କରିଥିଲେ ।ଏଥିରେ ସେ ଟିମ୍ ଇଣ୍ଡିଆର ଭୁରି ଭୁରି ପ୍ରଂଶସା କରିଥିଲେ ।

ରୋହିତ, ସୂର୍ଯ୍ୟ କୁମାରଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ସୂର୍ଯ୍ୟ କୁମାର ଏବେ କହୁଥିଲେ ଯେ ଶେଷ କ୍ୟାଚ୍‌ରେ ବଲ୍ ତାଙ୍କ ହାତରେ ଆସି ଆପେ ଆପେ ବସିଯାଇଥିଲା। ଭଲ ହେଲାକି ବଲ୍ ଆସି ବସି ଯାଇଛି, ନହେଲେ ଆଗକୁ ତାଙ୍କୁ ବସାଇ ଦେଇଥାନ୍ତା। ରୋହିତଙ୍କ ଏହି ଉକ୍ତି ଶୁଣି ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିଶ୍, ଅଜିତ ପାୱାରଙ୍କ ସମେତ ଗୃହରେ ଉପସ୍ଥିତ ବିଧାୟକ ହସିବାକୁ ଲାଗିଲେ।

# ପାଣ୍ଡ୍ୟାଙ୍କୁ ସର୍ବସମ୍ମୁଖରେ କ୍ଷମା ମାଗିଲେ ଯୁବତୀ

ନୂଆଦିଲ୍ଲୀ,୫।୭: ଟିମ ଇଣ୍ଡିଆର ଉପ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଆଇପିଏଲ ସମୟରେ ତୀବ୍ର ସମାଲୋଚନାର ସମ୍ମୁଖୀନ ହୋଇଥିଲେ। ସେ ବେଶ କିଛି ଦିନ ହେବ ଏଥିପାଇଁ ମାନସିକ ଚାପରେ ମଧ୍ୟ ରହିଥିଲେ ଆଇପିଏଲ ସମୟରେ ତାଙ୍କୁ ଫ୍ୟାନ୍ସ କଟାକ୍ଷ କରିବା ସହ ମନଇଚ୍ଛା ଗାଳିଗୁଲଜ କରି ଚିଡ଼ାଇଥିଲେ।



ରୋହିତ ଶର୍ମାଙ୍କ ସ୍ଥାନରେ ସେ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ପଦ ସମ୍ଭାଳିବାରୁ ତାଙ୍କୁ ଏପରି ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିଲା ମୁମ୍ବାଇ ଇଣ୍ଡିଆନ୍ସ ରୋହିତଙ୍କୁ କ୍ୟାପ୍ଟେନ ପଦରୁ ହଟାଇବାରୁ ଏହାକୁ ସହଜରେ ଗ୍ରହଣ କରିନଥିଲେ ଫ୍ୟାନ୍ସ ।ଏହାର ରାଗ ସେମାନେ ପାଣ୍ଡ୍ୟାଙ୍କ ଉପରେ ସୁଝାଇଥିଲେ ପାଣ୍ଡ୍ୟା ଯେଉଁ ଷ୍ଟାଡିୟମରେ ମ୍ୟାଚ୍ ଖେଳୁଥିଲେ, ସେଠାରେ ତାଙ୍କୁ ଫ୍ୟାନ୍ସଙ୍କ କଟାକ୍ଷର ସମ୍ମୁଖୀନ ହେବାକୁ ପଡୁଥିଲା। ଏତେ ସମାଲୋଚନା ଓ କଟାକ୍ଷ ସତ୍ତ୍ୱେ ପାଣ୍ଡ୍ୟା ଭାଙ୍ଗି ପଡ଼ି ନଥିଲେ। ସେ ଟି-୨୦ ବିଶ୍ୱକପରେ ଭାରତ ପାଇଁ ଦମଦାର ପ୍ରଦର୍ଶନ କରି ଚାମ୍ପିୟନ ହେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପାଣ୍ଡ୍ୟା ନିଜ ପ୍ରଦର୍ଶନ ବଳରେ ଆଜି ହିରୋ ଫ୍ୟାନ୍ସମାନେ ମଧ୍ୟ ତାଙ୍କୁ ପ୍ରଶଂସା କରିବା ଆରମ୍ଭ କରିଦେଇଛନ୍ତି। ସେ ଟି-୨୦ ବିଶ୍ୱକପ ଫାଇନାଲର ଶେଷ ଓଭର ବୋଲିଂ କରି ଭାରତକୁ ୭ ରନର ବିଜୟ ଭେଟି ଦେଇଥିଲେ।

ଏହି ବିଜୟ ପରେ ପାଣ୍ଡ୍ୟାଙ୍କୁ ଦିନେ ସମାଲୋଚନା କରୁଥିବା ଫ୍ୟାନ୍ସ ମଧ୍ୟ ତାଙ୍କର ପ୍ରଶଂସା ଆରମ୍ଭ କରିଦେଇଛନ୍ତି। ଏହି କ୍ରମରେ ଆଇପିଏଲରେ ତାଙ୍କୁ ସମାଲୋଚନା କରୁଥିବା ଜଣେ ଯୁବତୀ ମଧ୍ୟ କ୍ଷମା ମାଗିଛନ୍ତି ସେ ଲାଇଭ ଟିଭିରେ ସମସ୍ତଙ୍କ ସାମ୍ନାରେ ପାଣ୍ଡ୍ୟାଙ୍କୁ କ୍ଷମା ମାଗି ନିଜ ଭୁଲ ସ୍ୱୀକାର କରିଛନ୍ତି।

ଯୁବତୀ ଜଣଙ୍କ ଗୁରୁବାର ମୁମ୍ବାଇରେ ଅନୁଷ୍ଠିତ ଟିମ ଇଣ୍ଡିଆର ବିଜୟ ଯାତ୍ରା ଦେଖିବାକୁ ମୁମ୍ବାଇର ମେରାଇନ ଡ୍ରାଇଭରେ ପହଞ୍ଚିଥିଲେ। ଏହି ସମୟରେ ସେ ଗୋଟିଏ ଜାତୀୟ ଗଣମାଧ୍ୟମକୁ କହିଛନ୍ତି ଯେ ସମସସ୍ତ ପ୍ରକାରର ଟ୍ରୋଲିଂ ପାଇଁ ପ୍ରଥମେ ମୁଁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସରି କହିବାକୁ ଚାହୁଁଛି ମୁଁ କାହିଁକି ତାଙ୍କୁ କଟାକ୍ଷ କରୁଥିଲି, ସେକଥା ଜାଣେନି ।ମୁଁ ଅତ୍ୟନ୍ତ ଦୁଃଖିତ ବହୁତ ବହୁତ ଧନ୍ୟବାଦ ବିଶ୍ୱକପର ଶେଷ ଓଭର ଅତ୍ୟନ୍ତ ଚମତ୍କାର ଥିଲା ମୁଁ ତାଙ୍କୁ ସରି କହିବାକୁ ଚାହୁଁଛି ମୁଁ ତାଙ୍କ ବିଷୟରେ ଖରାପ କାହିଁକି କହୁଥିଲି ? ସରି। ଗୁରୁବାର ।ୱାଙ୍ଖେଡେରେ ଆୟୋଜିତ ବିଜୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରେ ଅଧିନାୟ ରୋହିତ ଶର୍ମା ସର୍ବମସମ୍ମୁଖରେ ହାର୍ଦ୍ଦିକଙ୍କ ଶେଷ ଓଭରର ପ୍ରଶଂସା କରିଥିଲେ ଏହି ସମୟରେ ପୂରା ଷ୍ଟାଡିୟମ ହାର୍ଦ୍ଦିକ ହାର୍ଦ୍ଦିକ ନାରା ଦେଇଥିଲା। ସେ ମଧ୍ୟ ସମସ୍ତଙ୍କୁ ହାତ ହଲାଇ ଧନ୍ୟବାଦ ଦେଇଥିଲେ।

## ଲଣ୍ଡନ ପଳାଇଲେ କୋହଲି

ନୂଆଦିଲ୍ଲୀ,୫।୭: ଟି-୨୦ ବିଶ୍ୱକପ ୨୦୨୪ ଟ୍ରଫି ଜିତିବା ପରେ ଟିମ ଇଣ୍ଡିଆଙ୍କୁ ଭାରତରେ ଜୋରଦାର ସ୍ୱାଗତ କରାଯାଇଛି ପୁରା ଦଳ ମୁମ୍ବାଇରେ ବିଜୟ ପରେଡରେ ଯୋଗ ଦେଇଥିଲେ ଏହି ବିଶାଳ ଉତ୍ସବ ପରେ ବିରାଟ କୋହଲିଙ୍କୁ ବିଳମ୍ବିତ ରାତିରେ ମୁମ୍ବାଇ ବିମାନବନ୍ଦରରେ ଦେଖିବାକୁ ମିଳିଥିଲା ସେ ସେଠାରୁ ଲଣ୍ଡନ ଯାଉଥିଲେ। ବିରାଟ କୋହଲି ଧଳା ଟି-ଶର୍ଟ, କ୍ରିମ ରଙ୍ଗର ପ୍ୟାଣ୍ଟ ଏବଂ ସବୁଜ ଜ୍ୟାକେଟରେ ଏକ କଳା କାରରେ ଯାଉଥିଲେ। ବିମାନବନ୍ଦର ଭିତରକୁ ଯିବା ପୂର୍ବରୁ ସେ କର୍ମଚାରୀମାନଙ୍କୁ ଅଭିବାଦନ ଜଣାଇଥିଲେ ଲଣ୍ଡନରେ ତାଙ୍କ ସ୍ତ୍ରୀ ଅନୁଷ୍କା ଶର୍ମା, ଝିଅ ଭାମିକା, ପୁଅ ଅକାୟଙ୍କୁ ଭେଟିବେ ବିରାଟ ଏବଂ ଅନୁଷ୍କା ଚଳିତ ବର୍ଷ ଫେବୃଆରୀରେ

# ଓଡ଼ିଆ ଅୟେସଙ୍କର ଶ୍ରୀଲଙ୍କାରେ ଚମତ୍କାର ପ୍ରଦର୍ଶନ

ଯାଜପୁର,୫।୭: ଆଗାମୀ ଜୁନ ୨୩ ରୁ ୨୯ ପର୍ଯ୍ୟନ୍ତ ଶ୍ରୀଲଙ୍କା କଲମ୍ବୋଠାରେ ୧୯ ବର୍ଷରୁ କମ୍ ଦ୍ୱିତୀୟ ଚମ୍ପିଅନ୍ସ ଟ୍ରଫି ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନିମନ୍ତେ, ଯାଜପୁରର ଓଡିଆପୁଅ ଅୟେସ ପତିଙ୍କୁ କ୍ରିକ୍ କିଙ୍ଗଡମ୍ ଗ୍ଲୋବାଲ ଟିମର କ୍ୟାପଟେନ ଦାୟୀତ୍ୱ ଦିଆଯାଇଥିଲା। ଅୟେସ ଦ୍ୱିତୀୟଥର ପାଇଁ ଭାରତୀୟ ଘରୋଇ ଦଳର ଅଧୀନାୟକ ଦାୟିତ୍ୱ ତୁଲାଇଛନ୍ତି।୧୯ ବର୍ଷରୁ କମ୍ ଖେଳାଳୀଙ୍କୁ ନେଇ ଏଠାରେ ଛଅଟି ଟ୍ୱେଣ୍ଟି ଟ୍ୱେଣ୍ଟି ଏବଂ ତିନୋଟି ଏକ ଦିବସୀୟ ମ୍ୟାଚ୍ ଖେଳହୋଇଥିଲା। କଲମ୍ବୋଠାରେ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଚାରୋଟି ଦେଶ ଭାଗ ନେଇଥିଲେ।



କ୍ୟାପଟେନ୍ ଭାବେ ଅୟେସ ଦୁଇଟି ଟ୍ୱେଣ୍ଟି ଟ୍ୱେଣ୍ଟି ମ୍ୟାଚରେ ଶ୍ରୀଲଙ୍କା ଏବଂ କଲମ୍ବୋ ବିପକ୍ଷରେ ନିଜର ଭଲ ପ୍ରଦର୍ଶନ କରି ପ୍ଲେୟାର ଅଫ୍ ଦି ମ୍ୟାଚ୍ ହୋଇଥିବା ବେଳେ ୩୦ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ସିଙ୍ଗାପୁର ବିପକ୍ଷରେ ୫୩ ଟି ବଲ ଖେଳି ୬ ଟି ଚୌକା ଏବଂ ୧୦ ଟି ଛକା ବଳରେ ୧୦୩ ରନ୍ କରି ନଟଆଉଟ୍ ରହି ଭାରତକୁ ଜିତାଇଥିଲେ। ଏହି ଫାଇନାଲ ଖେଳରେ ଭାରତ ଅୟେସଙ୍କ ଶତକ ବଳରେ ୨୮୭ ରନ୍ ସ୍କୋର କରିଥିଲା। ବିପକ୍ଷରେ ସିଙ୍ଗାପୁର ଦଳ ୧୪୫ ରନ୍ କରି ସମସ୍ତ ଖେଳାଳୀ ଆଉଟ ହୋଇଯାଇଥିଲେ ।ଅୟେସଙ୍କୁ ଫାଇନାଲରେ ପ୍ଲେୟାର ଅଫ୍ ଦି ସିରିଜ ଘୋଷଣା କରାଯାଇଥିଲା।

ଅୟେସ ହେଉଛନ୍ତି, ଯାଜପୁରର ବରିଷ୍ଠ ସାମ୍ବାଦିକ ତଥା ଗ୍ଲୋରିୟସ ଇଂଲିସ ମିଡିୟମ ସିନିୟର ସେକେଣ୍ଡାରୀ ସ୍କୁଲର ପ୍ରତିଷ୍ଠାତା ଡକ୍ଟର ଅଭୟ ପତି ଏବଂ ସଭାପତି ଆଡଭୋକେଟ ଅସ୍ମିତା ପତିଙ୍କର ବଡପୁଅ।

ଅୟେସ ଗତ ଦୁଇବର୍ଷ ଧରି ଭାରତୀୟ କ୍ରିକେଟ ଦଳର ଅଧୀନାୟକ ରୋହିତ ଶର୍ମାଙ୍କ ଦ୍ୱାରା ପୁନେ ଠାରେ ପ୍ରତିଷ୍ଠିତ କ୍ରିକ୍ କିଙ୍ଗଡମ୍ ଏକାଡେମୀରେ ପ୍ରଶିକ୍ଷଣ ନେବାସହ ବିଭିନ୍ନ ଜାତୀୟ ଓ ଆନ୍ତର୍ଯାତୀୟ କ୍ରିକେଟ ଖେଳିଆସୁଛନ୍ତି ଏବଂ ନିଜର ଉଚ୍ଚକୋଟିର ଖେଳ ଯୋଗୁ ବିଗତବର୍ଷରେ ମଧ୍ୟ ବିଭିନ୍ନ ଦେଶକୁ ଅଧୀନାୟକ ଭାବେ ଖେଳିବାକୁ ଯାଇଥିଲେ। ଅୟେସଙ୍କର ଆଗାମୀ ଦିନରେ ଖେଳିବାକୁଥିବା ଟୁର୍ଣ୍ଣାମେଣ୍ଟରେ ସଫଳତା କାମନା କରି ଅନେକ ଖେଳପ୍ରେମୀ, ସମ୍ବାଦିକ ସଙ୍ଗଠନ, ସ୍ୱେଚ୍ଛାସେବୀ, ରାଜନେତା ମାନେ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି।

# ବ୍ଲୁ-ଜର୍ସିରେ ନଜର ଆସିବେ ଦ୍ରାବିଡ

ନୂଆଦିଲ୍ଲୀ,୫।୭: ଟିମ ଇଣ୍ଡିଆ ଟି-୨୦ ବିଶ୍ୱକପ ୨୦୨୪ ଜିତିଛି। ଏହି ବିଜୟ ପାଇଁ ପୁରା ଦଳ ଚମତ୍କାର ପ୍ରଦର୍ଶନ କରିଥିଲା। ଟିମ ଇଣ୍ଡିଆର ଏହି ବିଜୟର ହିରୋ ମଧ୍ୟ ମୁଖ୍ୟ କୋଚ ରାହୁଲ ଦ୍ରାବିଡ ଥିଲେ, ଯିଏ ଦଳର ଖେଳାଳିଙ୍କୁ ଉଚ୍ଚକୋଟୀର କୋଚିଂ ଦେଇଥିଲେ ଭାରତୀୟ ଦଳ ଟି-୨୦ ବିଶ୍ୱକପ ୨୦୨୪ର ଟ୍ରଫି ନେଇ ଦେଶକୁ ଫେରିଛି ଏଠାରେ ଦେଶବାସୀ ସମଗ୍ର ଦଳ ସହିତ ବହୁତ ଉତ୍ସବ ପାଳନ କରିଥିଲେ ଏହି ଚମତ୍କାର ବିଜୟ ପରେ ଭାରତୀୟ ଦଳରେ ଦ୍ରାବିଡଙ୍କ ପୁଅର ଡେବ୍ୟୁ ଖବର ଚର୍ଚ୍ଚାକୁ ଆସିଛି।

ରାହୁଲ ଦ୍ରାବିଡଙ୍କର ଦୁଇଟି ପୁଅ ଅଛନ୍ତି ବଡ ପୁଅର ନାମ ସମିତ ଦ୍ରାବିଡ ଏବଂ ସାନ ପୁଅର ନାମ ଅନଭୟ ଉଭୟ କ୍ରିକେଟ ପ୍ରତି ଆଗ୍ରହୀ ଏବଂ ଖେଳନ୍ତି ବଡ ପୁଅ କର୍ନାଟକ ଅଣ୍ଡର -୧୯ ଦଳର ଏକ ଅଂଶ ରାହୁଲ ଦ୍ରାବିଡଙ୍କ ସାନ ପୁଅ ଅଣ୍ଡର-୧୬ ଦଳର ଅଧିନାୟକ ତଥା ଉଇକେଟ କିପର ବ୍ୟାଟ୍ସମ୍ୟାନ ରାହୁଲ ଦ୍ରାବିଡ ନିଜେ ଉଭୟ ପୁଅଙ୍କୁ ତାଲିମ ଦିଅନ୍ତି ଖୁବ୍‌ଶୀଘ୍ର ରାହୁଲ ଦ୍ରାବିଡଙ୍କ ପୁଅ ଭାରତୀୟ ଦଳର ନୀଳ ଜର୍ସିରେ ଭାରତ ପାଇଁ ଖେଳୁଥିବା ଦେଖିବାକୁ ମିଳିବ।

ରାହୁଲ ଦ୍ରାବିଡ ମେ ୪, ୨୦୦୩ରେ ବିଜେତା ପେଣ୍ଡାରକରଙ୍କୁ ବିବାହ କରିଥିଲେ ତାଙ୍କର ଦୁଇଟି ପୁଅ ଅଛନ୍ତି ବିଜେତା ପେଣ୍ଡରକର ବୃତ୍ତି ଅନୁଯାୟୀ ଜଣେ ସର୍ଜନ ଥିଲେ ତାଙ୍କ ପିତା ଜଣେ ଙ୍କ କମାଣ୍ଡର ଥିଲେ।

# ଅଲିମ୍ପିକ୍ସ ପାଇଁ ଆଥ୍‌ଲେଟ ତାଲିକା

**ନୂଆଦିଲ୍ଲୀ,୫।୭(ଏଜେନସି):** ଚଳିତ ମାସ ୨୬ ତାରିଖରୁ ପ୍ୟାରିସରେ ଆରମ୍ଭ ହେବାକୁ ଯାଉଥିବା ଅଲିମ୍ପିକ୍ସ ଭାରତର ୨୮ ଜଣିଆ। ଆଥ୍ଲେଟିକ୍ସ ପ୍ରତିନିଧି ଦଳ ଏଥିରେ ଅଂଶଗ୍ରହଣ କରିବ। ଡିଫେଣ୍ଡିଂ ଚାମ୍ପିୟନ ଜାଭେଲିନ୍ ତାରକା ନୀରଜ ଚୋପ୍ରା ଏହି ଦଳର ନେତୃତ୍ୱ ନେବେ। ଟୋକିଓ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ତଥା ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ୨୬ ବର୍ଷୀୟ ନୀରଜ ଚଳିତ ସପ୍ତାହ ଶେଷରେ ହେବାକୁ ଥିବା ଡାଇମଣ୍ଡ ଲିଗ୍‌ରେ ଭାଗ ନେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ପ୍ୟାରିସ ଗେମ୍ସ ପାଇଁ ପ୍ରସ୍ତୁତିକୁ ସେ ଗୁରୁତ୍ୱ ଦେଉଛନ୍ତି।

ଭାରତୀୟ ଦଳରେ ୧୧ ମହିଳା ଓ ୧୭ ପୁରୁଷ ଆଥ୍ଲେଟ ସାମିଲ ନୀରଜଙ୍କ ବ୍ୟତୀତ ଏହି ତାଲିକାରେ ସାମିଲଥିବା ପ୍ରତିଷ୍ଠିତ ଆଥ୍ଲେଟଙ୍କ ମଧ୍ୟରେ ଅବିନାଶ ସାବ୍‌ଲେ, ତାଜିନ୍ଦରପାଲ ସିଂ ତୁର୍, ସ୍ପ୍ରିଣ୍ଟ ହର୍ଡଲର ଜ୍ୟୋତି ୟାରାଜି ଅନ୍ୟତମ ଓଡ଼ିଶାର ପ୍ରତିଭାସମ୍ପନ୍ନ ଜାଭେଲିନ୍ ଥ୍ରୋୟର କିଶୋର କୁମାର ଜେନା ମଧ୍ୟ ଏହି ତାଲିକାରେ ସାମିଲ ଅଛନ୍ତି। ୪୪୦୦ ପୁରୁଷ ରିଲେ ଦଳରେ ମହମ୍ମଦ ଆନାସ, ମହମ୍ମଦ ଅଜମଲ, ଅମୋଜ ଜ୍ୟାକବ ଓ ରାଜେଶ ରମେଶ ସ୍ଥାନ ପାଇଛନ୍ତି ଗତ ବିଶ୍ ଚାମ୍ପିୟନଶିପ୍‌ରେ ହିଟ୍ ଅବସରରେ ଭାରତୀୟ ଦଳ ଆମେରିକାକୁ ପଛରେ ପକାଇ ଅନେକଙ୍କୁ ବିସ୍ମିତ କରିଥିଲା ଅଲିମ୍ପିକ୍ସର ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତା ଷ୍ଟେଡ୍ ଡି ଫ୍ରାନ୍ସରେ ଅଗଷ୍ଟ ୧ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଅଲିମ୍ପିକ୍ସ। ପ୍ରୋଗ୍ରାମରୁ ପୁରୁଷ ୫୦ କିଲୋମିଟର ରେସ୍ ୱାକ୍‌କୁ ବାଦ୍ ଦିଆଯାଇଛି। ଏହା ସ୍ଥାନରେ ମାରାଥନ ରେସ୍ ୱାକ୍ ମିକ୍ସଡ-ରିଲେ ଇଭେଣ୍ଟକୁ ୱାଲରଡ ଆଥ୍ଲେଟିକ୍ସ ସାମିଲ କରିଛି

**ଭାରତୀୟ ଆଥ୍‌ଲେଟିକ୍ସ ଦଳ**

ପୁରୁଷ: ଅବିନାଶ ସାବ୍‌ଲେ (୩୦୦୦ ମିଟର ଷ୍ଟିପଲଚେଜ୍), ନୀରଜ ଚୋପ୍ରା, କିଶୋର କୁମାର ଜେନା (ଜାଭେଲିନ୍ ଥ୍ରୋ), ତାଜିନ୍ଦରପାଲ୍ ସିଂ ତୁର୍ (ଶଟ୍ ପୁଟ୍), ପ୍ରବୀଣ ଚିତ୍ରାଭେଲ, ଅବୁଲା ଅବୁବାକର(ଟ୍ରିପଲ ଜମ୍ପ), ଆକାଶଦୀପ ସିଂ, ବିକାଶ ସିଂ, ପରବଜିତ ସିଂ ବିଷ୍ଟ (୨୦ କିଲୋମିଟର ରେସ୍ ୱାକ୍), ମହମ୍ମଦ ଆନାସ, ମହମ୍ମଦ ଆଜମଲ, ଅମୋଜ ଜ୍ୟାକବ, ସନ୍ତୋଷ ତାମିଲାରସନ, ରାଜେଶ ରମେଶ(୪୪୦୦ ମିଟର ରିଲେ), ମିଜୋ ଚାକୋ କୁରିଆନ(୪୪୦୦ ମିଟର ରିଲେ), ସୂରଜ ପନୱାର(ରେସ୍ ୱାକ୍ ମିକ୍ସଡ ମାରାଥନ), ସର୍ବେଶ ଅନିଲ କୁଶାରେ (ହାଇ ଜମ୍ପ)।

ମହିଳା: କିରନ ପାହାଲ (୪୦୦ ମିଟର), ପାରୁଲ ଚୌଧାରୀ (୩୦୦୦ ମିଟର ଷ୍ଟିପଲଚେଜ୍ ଓ ୫,୦୦୦ ମିଟର), ଜ୍ୟୋତି ଆରାଜି (୧୦୦ ମିଟର ହର୍ଡଲ୍ସ), ଅନୁ ରାଣୀ (ଜାଭେଲିନ୍ ଥ୍ରୋ), ଆଭା ଖଟୁଆ। (ଶଟ୍ ପୁଟ୍), ଜ୍ୟୋଥିକା ଶ୍ରୀ ଦଣ୍ଡି, ଶୁଭା ଭେଙ୍କଟେଶ୍, ଭିଥ୍ୟା ରାମରାଜ, ପୁଭମ୍ମା ଏମ୍.ଆର. (୪୪୦୦ ମିଟର ରିଲେ), ପ୍ରାଚୀ (୪୪୦୦ ମିଟର ରିଲେ), ପ୍ରିୟଙ୍କା ଗୋସ୍ୱାମୀ (୨୦ କିଲୋମିଟର ରେସ୍ ୱାକ୍/ ରେସ୍ ୱାକ୍ ମିକ୍ସଡ ମାରାଥନ)।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ